



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ♦VOLUME- 43 ♦ISSUE-291 ♦SUNDAY ♦19 APRIL 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୯୧ ♦ରବିବାର ♦୧୯ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)


### ସୀମା ପୁନଃନିର୍ଦ୍ଧାରଣ ବିଲ୍ ପ୍ରସଙ୍ଗରେ ନବୀନଙ୍କ କଡ଼ା ସମାଲୋଚନା

# ଓଡ଼ିଶାର ନ୍ୟାଯ୍ୟ ଅଧିକାର ସହ ସାଲିସ୍ କରିଛି ରାଜ୍ୟ ବିଜେପି



**ଓଡ଼ିଶାବାସୀଙ୍କ ନିକଟରେ ବିଜେପିର ମୁଖା ଖୋଲି ଯାଇଛି**

**ଅନ୍ୟାୟ ବିରୋଧରେ ବିଜେପିର ଜଣେ ବି ସାଂସଦ ସ୍ୱର ଉଠାଇଲେ ନାହିଁ**

**ଓଡ଼ିଶାର ଅଧିକାର ପାଇଁ ବିଜେଡି ସର୍ବଦା ଲଢ଼େଇ ଜାରି ରଖିବ**

■ ଭୁବନେଶ୍ୱର, ୧୮।୪ (ସମିସ): କେନ୍ଦ୍ର ସରକାର ଆଣିଥିବା ସମ୍ବିଧାନର ୧୩୧ ତମ ସଂଶୋଧନ ବିଲ୍ ୨୦୨୬କୁ ନେଇ ବିଭିନ୍ନ ରାଜନୈତିକ ଦଳ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରୁଛନ୍ତି। ଏପରିକି ଶୁକ୍ରବାର ମହିଳା ସଂରକ୍ଷଣ ବିଲ୍ ସଂସଦରେ କାଟ୍ ଖାଇବା ପରେ ଏହା ବିରୋଧୀଙ୍କ ନୈତିକ ବିଜୟ ଏବଂ ସରକାରଙ୍କର ପରାଜୟ ବୋଲି ବିରୋଧୀ ଦଳ ମତବ୍ୟକ୍ତ କରିଛନ୍ତି। ଏପରିକି ମହିଳା ସଂରକ୍ଷଣ ବିଲ୍ ସହ ସୀମା ପୁନଃ ନିର୍ଦ୍ଧାରଣ ବିଲକୁ ଯୋଡ଼ିବା ପଛରେ କେନ୍ଦ୍ର ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ଥିଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏହିକ୍ରମରେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ପ୍ରରିପେକ୍ଷୀରେ ବିଜେପି କିପରି ଓଡ଼ିଶାର ଅଧିକାର, ସ୍ୱାର୍ଥ ସହ ସାଲିସ କଲା, ତାହା ରାଜ୍ୟବାସୀ ଦେଖିଲେ ବୋଲି କହି କଡ଼ା ସମାଲୋଚନା କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏପରିକି ଏହି ଅନ୍ୟାୟ ବିରୋଧରେ ଓଡ଼ିଶାର ଜଣେ ହେଲେ ବି ବିଜେପି ସାଂସଦ ସ୍ୱର ଉତ୍ତୋଳନ ନ କରିବା ରାଜ୍ୟବାସୀଙ୍କୁ ଚକିତ କରିଛି ବୋଲି ନବୀନ ମତବ୍ୟକ୍ତ କରିଛନ୍ତି।

ଶନିବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ନବୀନ କହିଛନ୍ତି ଯେ ବିଜେଡି ସର୍ବଦା ପଞ୍ଚାୟତ ସ୍ତରରୁ ସଂସଦ ପର୍ଯ୍ୟନ୍ତ ମହିଳା ସଶକ୍ତୀକରଣ ପାଇଁ ଠିଆ ହୋଇଛି। ମାତ୍ର ଆମେ ସୀମା ନିର୍ଦ୍ଧାରଣ ମାଧ୍ୟମରେ ଓଡ଼ିଶାର ରାଜନୈତିକ ଶକ୍ତି ହ୍ରାସ କରିବା ଉଦ୍ୟମକୁ ସମ୍ପୂର୍ଣ୍ଣ ବିରୋଧ କରୁଛୁ। ଓଡ଼ିଶାର ଲୋକମାନେ ଦେଖିଛନ୍ତି ଯେ ସେମାନଙ୍କ ଅଧିକାର ପାଇଁ କିଏ ଲଢ଼ିଛି ଏବଂ ବିଜେପି କିପରି ଓଡ଼ିଶାର ଅଧିକାର ▸ପୃଷ୍ଠା-୭



**ମହିଳା ବିଲ୍ ପାସ୍ ନ ହେବା ଦୁର୍ଭାଗ୍ୟଜନକ**



**ଏନ୍‌ଡିଏକୁ ଝଟ୍‌କା: ଗଣତନ୍ତ୍ରର ବିଜୟ**



**ଛିଡ଼ୁନି ହର୍ମୁଜ ଅଡୁଆ: ପୁଣି ଯୁଦ୍ଧ ଧମକ**

### 'ଇଣ୍ଡିଆ' ମେଣ୍ଟ ବୈଠକରେ ବିଜେଡି ସଂସଦୀୟ ଦଳ ନେତା

# ଜାତୀୟ ରାଜନୀତିରେ ବିଜେଡି ଚର୍ଚ୍ଚା



**କୌଣସି ମେଣ୍ଟ ନୁହେଁ, ଓଡ଼ିଶାର ସ୍ୱାର୍ଥ ସହ ରହିଛୁ: ମାନସ**

**ପ୍ରସଙ୍ଗ ଭିତ୍ତିରେ କଂଗ୍ରେସକୁ ସମର୍ଥନ ଦେଉଛି ବିଜେଡି: ଭକ୍ତ**

■ ଭୁବନେଶ୍ୱର, ୧୮।୪ (ସମିସ): ରାଜ୍ୟର ସ୍ୱାର୍ଥ ରକ୍ଷା ଏବଂ ହକ୍ ପାଇବା ପାଇଁ ଓଡ଼ିଶାରୁ ଦିଲ୍ଲୀ ଯାଏଁ ଲଢ଼େଇ ଜାରି ରଖିଛି ବିଜୁ ଜନତା ଦଳ। ଆନ୍ତଃରାଜ୍ୟ ଜଳ ବିବାଦ ହେଉ କି ରେଳ ଡିଭିଜନ ଉଚ୍ଛେଦ ଅବା ସୀମା ପୁନଃନିର୍ଦ୍ଧାରଣ ବିଲ୍ ପ୍ରସଙ୍ଗ, ସବୁଥିରେ ରାଜ୍ୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସିଛି ବିଜେଡି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡ଼ିଶାର ହକ୍ ପାଇଁ ମିଳିତ ଲଢ଼େଇ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସଂସଦରେ କେନ୍ଦ୍ର ସରକାର ଆଣିଥିବା ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ପ୍ରସଙ୍ଗରେ ନୂଆଦିଲ୍ଲୀରେ ଅନୁଷ୍ଠିତ 'ଇଣ୍ଡିଆ' ମେଣ୍ଟ ବୈଠକରେ ବିଜେଡି ▸ପୃଷ୍ଠା-୭



## ସୀମା ପୁନଃନିର୍ଦ୍ଧାରଣ ବିଲ୍ ପାରିତ କରିବାରେ କେନ୍ଦ୍ର ସରକାର ବିଫଳ

# ବିଜେଡି ସାଂସଦଙ୍କ କଡ଼ା ସମାଲୋଚନା

ଭୁବନେଶ୍ୱର,୧୮।୪(ସମିସ): ଲୋକସଭାରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବାରେ କେନ୍ଦ୍ର ସରକାର ବିଫଳ ହେବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ମତ, ମନ୍ତବ୍ୟ ପ୍ରକାଶ ପାଉଛି। ବିଶେଷକରି ଦେଶର ତମାମ ବିରୋଧୀ ଦଳ ମହିଳା ବିଲ୍ ସଂରକ୍ଷଣ ଆଳରେ ନିଜ ଇଚ୍ଛା ମୁତାବକ ସୀମା ପୁନଃନିର୍ଦ୍ଧାରଣ ବିଲ ପାରିତ କରିବାକୁ ନେଇ କେନ୍ଦ୍ର ସରକାରଙ୍କ କୁଟିଳତାପୂର୍ଣ୍ଣ ଯୋଜନାକୁ ନେଇ କଡ଼ା ପ୍ରତିକ୍ରିୟା ରଖୁଛନ୍ତି। ଏହିକ୍ରମରେ ଓଡ଼ିଶାରୁ ରାଜ୍ୟସଭାକୁ ପ୍ରତିନିଧିତ୍ୱ କରୁଥିବା ବିଜେଡି ସାଂସଦମାନେ ମଧ କେନ୍ଦ୍ର ସରାକରଙ୍କୁ କଡ଼ା ସମାଲୋଚନା କରିଛନ୍ତି। କେନ୍ଦ୍ର ସରକାରଙ୍କର ସବୁ ଷଡ଼ଯନ୍ତ୍ର ବିଫଳ ହୋଇଛି। ଯଦି ସରକାର ସତରେ ମହିଳା ସଶକ୍ତିକରଣ ପାଇଁ ପ୍ରତିବଦ୍ଧ, ତାହେଲେ ବର୍ତ୍ତମାନର ୫୪୩ ଲୋକସଭା ଆସନରେ ୩୩ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ କରନ୍ତୁ ବୋଲି ବିଜେଡି ସାଂସଦମାନେ ଦାବି କରିଛନ୍ତି।

ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ନିଜର ମତ ରଖିଛନ୍ତି। ସେ କହିଛନ୍ତି ଯେ ବିଜେଡି ମହିଳା ସଶକ୍ତିକରଣ ପାଇଁ ସର୍ବଦା ଦୃଢ଼ ଭାବେ ଛିଡ଼ା ହୋଇଛି ଏବଂ ମହିଳା ସଂରକ୍ଷଣ ବିଲ୍ କାର୍ଯ୍ୟକାରିତାର ଦୃଢ଼ ସମର୍ଥକ ଭାବେ ରହି ଆସିଛି। ବିଧାନସଭା ଓ ସଂସଦରେ ମହିଳାଙ୍କ ପାଇଁ ଅଧିକ ପ୍ରତିନିଧିତ୍ୱ ନିଶ୍ଚିତ କରିବା ପାଇଁ ଆମର ପ୍ରତିବଦ୍ଧତା କେବେ କମ୍ ହୋଇନାହିଁ। ମାତ୍ର ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମେ ମହିଳା ଆଇନର ଆଳରେ ଅତ୍ୟନ୍ତ ତରବରିଆ ଭାବେ ମହିଳା ସଂରକ୍ଷଣ ଆଇନକୁ ପାରିତ କରିବାର କୁଟିଳ ପ୍ରୟାସକୁ ବିରୋଧ କରିଛୁ। ଏହି ବିଲ୍ ପାରିତ ହେବା ଦ୍ୱାରା ଓଡ଼ିଶା ଏବଂ ଅନ୍ୟ ଅନେକ ରାଜ୍ୟଗୁଡ଼ିକ ସେମାନଙ୍କର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି କରିଥିଲା। ସେହି ଷଡ଼ଯନ୍ତ୍ର ବର୍ତ୍ତମାନ ବିଫଳ ହୋଇଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

ସେ ଆହୁରି ମଧ କହିଛନ୍ତି ଯେ ଏହା ସ୍ପଷ୍ଟ ଆବଶ୍ୟକ ଯେ ମହିଳା ସଂରକ୍ଷଣ ବିଲ୍ ୨୦୨୩ରେ ପାରିତ ହୋଇସାରିଛି ଏବଂ ୨୦୨୬ରେ ବିଜ୍ଞପିତ ହୋଇସାରିଛି। ଯଦି ସରକାର ପ୍ରକୃତରେ ମହିଳା ସଂରକ୍ଷଣ ପାଇଁ ପ୍ରତିବଦ୍ଧ ଅଛନ୍ତି, ତେବେ ଆଉ ବିଳମ୍ବ ନ କରି ବର୍ତ୍ତମାନ ଥିବା ୫୪୩ ଲୋକସଭା ଆସନରେ ୩୩ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ

- ବିଲ୍ ପାରିତ ହୋଇଥିଲେ ଓଡ଼ିଶା ନିଜ ନ୍ୟାଯ୍ୟ ଅଧିକାରକୁ ହୋଇଥାନ୍ତା ବଞ୍ଚିତ
- କେନ୍ଦ୍ରର ଷଡ଼ଯନ୍ତ୍ର ବିଫଳ ହୋଇଛି
- ସତ୍ୟର ବିଜୟ, ମିଥ୍ୟାର ପରାଜୟ ଘଟିଛି
- ମହିଳା ସଶକ୍ତିକରଣ ପାଇଁ ପ୍ରତିବଦ୍ଧ ଥିଲେ ୫୪୩ ଲୋକସଭା ଆସନରେ ଦିଅନ୍ତୁ ୩୩ ପ୍ରତିଶତ ସଂରକ୍ଷଣ

କରିପାରିବେ। ମିଥ୍ୟାର ପରାଜୟ ହୋଇଛି ଏବଂ ସତ୍ୟର ବିଜୟ ହୋଇଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

ରାଜ୍ୟସଭାରେ ବିଜେଡିର ଉପନେତା ସୁଲତା ଦେଓ କହିଛନ୍ତି, ସୀମା ପୁନଃନିର୍ଦ୍ଧାରଣ ବିଲ୍-୨୦୨୬ ନାମରେ କେନ୍ଦ୍ର ସରକାର ଏକ ଅନ୍ଧ ଆଇନ ଆଣିବାକୁ ଚେଷ୍ଟା କରୁଥିବା ବେଳେ ବିରୋଧୀ ଏହି ପ୍ରୟାସକୁ ବିଫଳ କରିଛନ୍ତି। ସରକାରଙ୍କ ଯଦି ମହିଳା ସଶକ୍ତିକରଣ ପାଇଁ ସତରେ ପ୍ରତିବଦ୍ଧ, ତାହେଲେ ୨୦୨୩ ମସିହାରେ ପାରିତ ଆଇନ ଅନୁଯାୟୀ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମତି ଦେଓ କହିଛନ୍ତି ଯେ ମହିଳା ସଂରକ୍ଷଣକୁ ବିଲକୁ ଜଣେ ହେଲେବି ସାଂସଦ କେବେ ହେଲେ ବିରୋଧ କରିନାହାନ୍ତି। ୨୦୨୩ରେ ଯେତେବେଳେ ନାରୀଶକ୍ତି ବନ୍ଦନ ଅଧିନିୟମ ଆସିଥିଲା, ସେତେବେଳେ ସମସ୍ତ ରାଜନୈତିକ ଦଳ ଏହାକୁ ସମର୍ଥନ ଦେଇଥିଲେ। ସେତେବେଳେ କେନ୍ଦ୍ର ସରକାର କହିଥିଲେ ଯେ ୨୦୨୬ ଜନଗଣନା ପରେ ଏହାକୁ ଲାଗୁ କରିବେ ବୋଲି କହିଥିଲେ। ବର୍ତ୍ତମାନ ଜନଗଣନା ଚାଲୁ ରହିଥିବା ବେଳେ ବର୍ତ୍ତମାନର ସ୍ୱତନ୍ତ୍ର ଅଧିବେଶନ ଡାକିବାର ଅଭିପ୍ରାୟ କଣ ଥିଲା। କେନ୍ଦ୍ର ସରକାର ମହିଳାଙ୍କ ସହ ଅନ୍ୟାୟ କରୁଛନ୍ତି। ବର୍ତ୍ତମାନ ଥିବା ୫୪୩ ଲୋକସଭା ସିଟରେ ଆପଣ କାହିଁକି ସଂରକ୍ଷଣ ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ସେହିପରି ବିଜେଡିର ଅନ୍ୟତମ ସାଂସଦ ଡ. ସଂତୃପ୍ତ ମିଶ୍ର କହିଛନ୍ତି ଯେ ଗତକାଲି ଲୋକସଭାରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ନହେବା ଫଳରେ ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ପୂରଣ ହୋଇଛି। ୧୦୬ତମ ସଂଶୋଧନ ଅନୁଯାୟୀ ମହିଳାଙ୍କ ପାଇଁ ସଂରକ୍ଷଣ ପୁନଃ ଏକ ଆଇନ୍ ଭାବରେ ବିଜ୍ଞପ୍ତି ହୋଇଛି ଏବଂ ଏକ କାର୍ଯ୍ୟକାରୀ ତାରିଖ ସହିତ ଲାଗୁ ହୋଇଛି, ସେହିପରି ଓଡ଼ିଶାର ଲୋକସଭାରେ ପ୍ରଚଳିତ ପ୍ରତିନିଧିତ୍ୱର ସୁରକ୍ଷା ବଜାୟ ରହିଛି। ଜଟିଳ ଜାତୀୟ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ କରିଥିବା ପ୍ରଚେଷ୍ଟା ଅଧିକରୁ ଅଧିକ ରାଜନୈତିକ ଦଳଠାରୁ ଆବଶ୍ୟକତା ରହିଛି। ରାଜନୀତି ଗଣତନ୍ତ୍ର ପାଇଁ ଉଦ୍ଦିଷ୍ଟ , ଗଣତନ୍ତ୍ର ରାଜନୀତିର ସେବା କରିବା ପାଇଁ ନାହିଁ ବୋଲି ସେ କହିଛନ୍ତି। ସେହିପରି ବିଜେଡିର ଅନ୍ୟତମ ସାଂସଦ ସୁଭାଶିଷ ଖୁଣ୍ଟିଆ କହିଛନ୍ତି ଯେ ଗତକାଲି ସଂସଦରେ ଘଟିଥିବା ଘଟଣା ଦେଶର ଗଣତାନ୍ତ୍ରିକ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଭାବେ ଲେଖାଯିବ। ଦେଖିବାକୁ ଗଲେ ଏହା ପ୍ରକୃତରେ ମହିଳା ସଂରକ୍ଷଣ ବିଲ ନଥିଲା। ଏହା କେରଳ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଜିତିବା ସକାଶେ ଏକ କୁମ୍ଭା ଓ ଅସାଧୁ ଚାଲ ଥିଲା। କାରଣ ମହିଳା ସଂରକ୍ଷଣ ବିଲ ୨୦୨୩ରେ ପାର୍ଲିଆମେଣ୍ଟରେ ସର୍ବସମ୍ମତି କ୍ରମେ ପାରିତ ହୋଇସାରିଛି । ଏହା ମହିଳା ସଂରକ୍ଷଣ ବିଲ୍ ନୁହେଁ; ବରଂ ବହୁଚର୍ଚ୍ଚିତ ଓ ବିବାଦୀୟ ଡିଲିମିଟେସନ୍ ବିଲ୍ (୧୩୧ତମ ସଂବିଧାନ ସଂଶୋଧନ) ସଂସଦରେ ପରାଜିତ ହୋଇଛି। ଏହା ଓଡ଼ିଶା ପରି ରାଜ୍ୟମାନଙ୍କ ପାଇଁ ଏକ ଐତିହାସିକ ଓ ନ୍ୟାୟସଙ୍ଗତ ବିଜୟ, କାରଣ ଏହି ବିଲ୍ ପାସ୍ ହେଲେ ରାଜ୍ୟର ନ୍ୟାଯ୍ୟ ଅଧିକାର ଓ ପ୍ରତିନିଧିତ୍ୱ ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ଥିଲା। ଏହି ସମ୍ବେଦନଶୀଳ ଓ ରାଜ୍ୟର ଭବିଷ୍ୟତ ସହ ଜଡ଼ିତ ବିଷୟରେ ଆମର ନେତା ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଓ ଦୂରଦର୍ଶୀତାର ପରିଚୟ ଦେଇଛନ୍ତି। ସେ କେବଳ ଏହି ବିଲ୍ ବିରୋଧରେ ଜୋରଦାର ଆପତ୍ତି ଜଣାଇନଥିଲେ, ବରଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି ଦଳୀୟ ସୀମାରୁ ଉର୍ଦ୍ଧ୍ୱକୁ ଯାଇ ଏକତାବଦ୍ଧ ଭାବେ ରାଜ୍ୟର ସ୍ୱାର୍ଥ ସୁରକ୍ଷା ଦିଗରେ ଲଢ଼ିବା ପାଇଁ ଆହ୍ୱାନ କରିଥିଲେ। ତାଙ୍କର ଏହି ଦୂରଦର୍ଶୀ ପଦକ୍ଷେପ ଏକ ଦକ୍ଷ ରାଜନେତାର ଦାୟିତ୍ୱବୋଧ ଓ ଲୋକହିତ ପ୍ରତି ଅଙ୍ଗୀକାରକୁ ପ୍ରକାଶ କରେ। କିନ୍ତୁ ଦୁଃଖର କଥା ଓଡ଼ିଶାର ୨୦ ଜଣ ବିଜେପି ଲୋକସଭା ସାଂସଦ ଏହି ସମ୍ବେଦନଶୀଳ ମୁହୂର୍ତ୍ତରେ ରାଜ୍ୟର ହିତରେ ଦୃଢ଼ ଭାବେ ଠିଆ ହୋଇପାରିଲେ ନାହିଁ। ଅଧିକନ୍ତୁ ଆମ ନେତା ନବୀନ ବାବୁଙ୍କୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ସମାଲୋଚନା କଲେ। ସେମାନେ ରାଜ୍ୟର ଅଧିକାର ଓ ଲୋକଙ୍କର ଆକାଂକ୍ଷାକୁ ପ୍ରାଥମିକତା ଦେବା ପ୍ରତି ଅବହେଳା କରି, ଦଳୀୟ ନିର୍ଦ୍ଦେଶକୁ ଅଧିକ ଗୁରୁତ୍ୱ ଦେଉଥିବା ଦେଖାଗଲା। ଏହା ଓଡ଼ିଶାବାସୀଙ୍କ ଆଶା ଓ ବିଶ୍ୱାସକୁ ନିରାଶ କରିଛି। ତଥାପି ଏହି ପରିସ୍ଥିତିରେ ସତ୍ୟ ଓ ନ୍ୟାୟର ବିଜୟ ହୋଇଛି। ସଂସଦରେ ସୀମିତ ପ୍ରତିନିଧିତ୍ୱ ଥିଲେ ମଧ, ଆମେ ଗର୍ବ କରୁଛୁ ଯେ ଆମର ନେତୃତ୍ୱ ନିରନ୍ତର ଭାବେ ଓଡ଼ିଶାର ଅଧିକାର, ସମ୍ମାନ ଓ ଭବିଷ୍ୟତ ପାଇଁ ଲଢୁଛି। ଏହା ଆମ ସମସ୍ତଙ୍କୁ ଏକତାବଦ୍ଧ ହୋଇ ରାଜ୍ୟର ହିତରେ ସଚେତନ ଓ ସକ୍ରିୟ ରହିବାକୁ ପ୍ରେରଣା ଦେଉଛି ବୋଲି ସେ କହିଛନ୍ତି।

## ପୁଣି ସାଂସଦ ଶୁଭାଶିଷଙ୍କୁ ହତ୍ୟା ଧମକ

ପୁରୀ, ୧୮।୪ (ସମିସ): ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କୁ ପୁଣି ହତ୍ୟା ଧମକ। ଏଥିସହ ୫୦ଲକ୍ଷ ଟଙ୍କା ଦେବାକୁ କୁହାଯାଇଛି। ନ ଦେଲେ ସାଂସଦଙ୍କୁ ଗୁଳି କରାଯିବା ସହ ତାଙ୍କ ପରିବାରକୁ ଉଡ଼ାଇ ଦିଆଯିବା ନେଇ ମିଳିଛି ଧମକପୂର୍ଣ୍ଣ ମେସେଜ୍। ଏଭଳି ମେସେଜ୍ ପଠାଉଥିବା ବ୍ୟକ୍ତି ନିଜକୁ ଜଣେ ଝିଅ ବୋଲି ପରିଚୟ ଦେବା ସହ ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ଜଣେ ସାଂସଦଙ୍କୁ ଏମିତି ଖୋଲାଖୋଲି ହତ୍ୟା ଧମକ ଦିଆଯିବା ଘଟଣା ରାଜ୍ୟରେ ଆଇନଶୃଙ୍ଖଳାର ଦୟନୀୟ ସ୍ଥିତିକୁ ସ୍ପଷ୍ଟ କରୁଛି। ଉଦ୍‌ବେଗର ବିଷୟ ହେଉଛି, ସୁରକ୍ଷା ପାଇଁ ସାଂସଦ ଶ୍ରୀ ଖୁଣ୍ଟିଆ ପୁଲିସ ଡିଜିଙ୍କୁ ଜଣାଇବା ପରେ ବି ପଦକ୍ଷେପ ନିଆଯାଉନାହିଁ।

- ହ୍ୱାଟ୍ସଆପ୍ ମେସେଜରେ ୫୦ ଲକ୍ଷ ଟଙ୍କା ମାଗିଲେ
- 'ମୁଁ ଜଣେ ଝିଅ, ମୋର କେହି କିଛି କରିପାରିବେ ନାହିଁ'

ପୂର୍ବରୁ ଅର୍ଥାତ୍ ଗତ ଜାନୁଆରୀ ୨୦ରେ ମଧ ସାଂସଦ ଶ୍ରୀ ଖୁଣ୍ଟିଆଙ୍କୁ ହତ୍ୟା ଧମକ ମିଳିଥିଲା। ଶୀଘ୍ର ୧୦ଲକ୍ଷ ଟଙ୍କା ଦିଅ, ନଚେତ୍ ଗୁଳି କରି ହତ୍ୟା କରାଯିବ ବୋଲି ସାମାଜିକ ଗଣମାଧ୍ୟମରେ ଧମକପୂର୍ଣ୍ଣ ପୋଷ୍ଟ କରାଯାଇଥିଲା। ସାଂସଦ ଏନେଇ ଥାନାରେ ଏତଲା ଦେବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଥିଲା ପୁଲିସ। ଏହି ପ୍ରସଙ୍ଗ ନେଇ ବିଜେଡିର ସମସ୍ତ ସାଂସଦ ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନଙ୍କୁ ଭେଟିଥିଲେ। ସାଂସଦ ଶ୍ରୀ ଖୁଣ୍ଟିଆଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ସ୍ମାରକପତ୍ର ପ୍ରଦାନ କରିଥିଲେ। ରାଜ୍ୟସଭା ଅଧ୍ୟକ୍ଷ ମଧ ଏନେଇ ଚିନ୍ତା ପ୍ରକଟ କରିବା ସହ କେନ୍ଦ୍ର ଗୃହ ମନ୍ତ୍ରାଳୟକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ସାଂସଦଙ୍କୁ ପୁଲିସ ସୁରକ୍ଷା ଯୋଗାଇ ଦେବାକୁ କହିଥିଲେ। ଏତଦ୍‌ବ୍ୟତୀତ ନିଜେ ସାଂସଦ ପୁଲିସ ଡିଜିଙ୍କୁ ଭେଟି ତାଙ୍କୁ ସୁରକ୍ଷା ଯୋଗାଇଦେବା ନେଇ ଆଲୋଚନା କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ପୁଲିସ ପକ୍ଷରୁ ସାଂସଦଙ୍କୁ ସୁରକ୍ଷା ଯୋଗାଇଦେବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହା ଭିତରେ ପୁଣିଥରେ ସାଂସଦ ଶ୍ରୀ ଖୁଣ୍ଟିଆଙ୍କ ମୋବାଇଲକୁ ହ୍ୱାଟ୍ସଆପ୍ ମେସେଜ ପଠାଇ ୫୦ ଲକ୍ଷ ଟଙ୍କା ମାଗିବା ସହ ହତ୍ୟା ଧମକ ଦେଇଛନ୍ତି। ହ୍ୱାଟ୍ସଆପ୍ ମେସେଜରେ ସେ ନିଜକୁ ଝିଅ ବୋଲି ପରିଚୟ ଦେଇ ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି ଉଲ୍ଲେଖ କରିଛନ୍ତି।

ଏ ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବ ଘଟଣାରେ ପୁଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତକୁ ଗିରଫ କରିଥିଲା। ସେ କୋର୍ଟରୁ ଜାମିନ ପାଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ସନ୍ଦେହ କରାଯାଉଛି। ତେବେ, ପୁଣିଥରେ ଧମକ ମିଳିବା ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରୁଛୁ ବୋଲି ଶ୍ରୀ ସିଂ କହିଛନ୍ତି।

## ଅମାନିଆ ଇସ୍କନ | ପୁଣି କଲା ଅଦିନିଆ ରଥଯାତ୍ରା

ପୁରୀ, ୧୮।୪ (ସମିସ): ଅମାନିଆ ଇସ୍କନ୍। ଅଦିନିଆ ରଥଯାତ୍ରାକୁ ନେଇ ଯେତେ ଯାହା କହିଲେ ବି କିଛି ଶୁଣିବାକୁ ନାରାଜ। ଶାସ୍ତ୍ରୀୟ ମତ ଏପରିକି, ଆଇନଗତ ଧମକ ଦେଲେ ବି ମାନୁନାହିଁ। ଅମାନିଆ ଇସ୍କନ୍ କରୁଛି ମନମାନି। ବାରମ୍ବାର ଚେତାବନୀ ଓ ବାରଣ ସତ୍ତ୍ୱେ ପୁଣି ଅଦିନିଆ ରଥଯାତ୍ରା ଆୟୋଜନ କରୁଛି। ଶନିବାର ଆମେରିକା ଏବଂ ଅଷ୍ଟ୍ରେଲିଆରେ ଅତିଥିରେ ରଥ ଗଡ଼ାଇଛି ଇସ୍କନ। ଆମେରିକାର ଟେକ୍ସାସ ସହରସ୍ଥିତ ଡଲାସରେ 'ଫେଷ୍ଟିଭାଲ୍ ଅଫ୍ ଜୟ' ଏବଂ ଅଷ୍ଟ୍ରେଲିଆର ବ୍ରିସବେନ୍‌ରେ 'ଫେଷ୍ଟିଭାଲ୍ ଅଫ୍ ଚାରିୟଟ୍' ନାଁରେ ରଥଯାତ୍ରା ଆୟୋଜନ କରିଛି। ଇସ୍କନ୍‌ର ଅଦିନିଆ ରଥଯାତ୍ରାକୁ ନେଇ ଭକ୍ତ, ସେବାୟତଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଗତବର୍ଷ ମଧ ବିଭିନ୍ନ ଦେଶରେ ଇସ୍କନ୍ ପକ୍ଷରୁ ୮୦ରୁ ଅଧିକଥର ଅଦିନିଆ ରଥଯାତ୍ରା କରାଯାଇଛି। ଇସ୍କନର ଏପରି ମନମାନିକୁ ବିରୋଧ କରି ଏହାକୁ ବନ୍ଦ କରିବା ପାଇଁ ସମସ୍ତେ ଆଗେଇ ଆସନ୍ତୁ ବୋଲି ଛତିଶା ନିଯୋଗ ଆହ୍ୱାନ ଦେଇଛି। ନିକଟରେ ଐକ୍ୟମଣ୍ଡଳୀ ବୈଠକରେ ମଧ ଗଜପତି ମହାରାଜା ଏ ନେଇ ଇସ୍କନ ଉପରେ ବର୍ଷିଥିଲେ। ଆଗାମୀ ଦିନରେ ଇସ୍କନର ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ପ୍ରକ୍ରିୟା ଜାରି ରହିବା ସହ ଶେଷରେ ଆଇନର ଆଶ୍ରୟ ନିଆଯିବ କହିଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ।

ସୂଚନାଥାଉ କି, ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟାରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ବଡ଼ଦାଣ୍ଡରେ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ଓହ୍ଲାଇ ଆସନ୍ତି ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ। ଭାଇ, ଭଉଣୀଙ୍କୁ ସାଥୀରେ ଧରି ନବଦିନାତ୍ମକ ଯାତ୍ରାରେ ଯାଆନ୍ତି ଶ୍ରୀଗୁଣ୍ଡିଚା ମନ୍ଦିର।

## ରାତି ବିତେଇବାକୁ ମହିଳାଙ୍କ ଉପରେ ଚାପ

# ଏସ୍‌ଡିପିଓଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଆରମ୍ଭ

ଭୁବନେଶ୍ୱର/ନୟାଗଡ଼,୧୮।୪(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାରେ ଚାଲିଛି ଜଙ୍ଗଲରାଜ। ଏହି ଜଙ୍ଗଲରାଜ୍‌ର ରାଜା ସାଜିଛି ଖୋଦ୍ ଖଣ୍ଡପଡ଼ା ପୁଲିସ ଓ ଏହାର କିଛି ବରିଷ୍ଠ ଅଧିକାରୀ। ଥାନାକୁ ଅଭିଯୋଗ ନେଇ କିମ୍ବା ଅନ୍ୟ କୌଣସି କାମରେ ଆସୁଥିବା ମହିଳାଙ୍କୁ ଦେଖି କିଛି ପୁଲିସ ଅଧିକାରୀ ଲୋଲୁପ ଦୃଷ୍ଟି ପକାଉଛନ୍ତି। ମହିଳାମାନଙ୍କୁ ଯୌନ ସମ୍ପର୍କ ରଖିବାକୁ ବାଧ କରୁଛନ୍ତି। କଥା ନ ଶୁଣିଲେ ମିଥ୍ୟା ମାମଲା କରି ପରିବାରର ଅନ୍ୟ ସଦସ୍ୟଙ୍କୁ ଫସାଇ ଦେବାକୁ ଧମକ ଦେଉଛନ୍ତି। କିଛି ଅଭିଯୋଗ ସାମ୍ନାକୁ ଆସୁଛି, ଆଉ କିଛି ପୁଲିସ ଭୟ ତଳେ ଚପି ଯାଉଛି। ପାୱାର କରିଡର୍‌କୁ ସୁରକ୍ଷା ଦେଉଥିବାରୁ ଯେଉଁ ମାମଲା ସାମ୍ନାକୁ ଆସୁଛି ସେଥିରେ ବି କାର୍ଯ୍ୟାନୁଷ୍ଠାନ ଶୂନ। କିଛି ଅଧିକାରୀଙ୍କ ପାଇଁ ପୁଲିସର ଖାକି କଳଙ୍କିତ ହେଉଛି। ପୁଲିସ ବିରୋଧରେ ପ୍ରତ୍ୟେକ ଦିନ ମାଳମାଳ ଅଭିଯୋଗ ଆସୁଛି। ଖଣ୍ଡପଡ଼ାରେ ପୁଲିସ ଏଭଳି ଜଙ୍ଗଲରାଜକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଥାନାକୁ ଆସୁଥିବା ମହିଳାମାନଙ୍କୁ ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ ଯୌନସମ୍ପର୍କ ରଖିବାକୁ ବାଧ କରୁଥିବା ନେଇ ଅଭିଯୋଗ ହୋଇଛି। ଗତ ୬ ମାସ ମଧ୍ୟରେ ଏସ୍‌ଡିପିଓଙ୍କ ବିରୋଧରେ ଏଭଳି ଦୁଇଟି ଅଭିଯୋଗ ହୋଇଛି। ପୂର୍ବରୁ ମଞ୍ଜୁ ଦଳେଇ ନାମକ ଜଣେ ମହିଳା ସଙ୍ଗୀନ ଅଭିଯୋଗ କରିଥିଲେ। ଏକ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ତାଙ୍କ ପରିବାରକୁ ବାରମ୍ବାର କାର୍ଯ୍ୟାଳୟକୁ ଡକାଇ ହଇରାଣ କରାଯାଉଥିଲା। ତାଙ୍କ ବାପା ଓ ଭାଇଙ୍କୁ ଧମକ ଦେବା ସହ ତାଙ୍କ ସହ ଅସମାଜିକ କାର୍ଯ୍ୟ କରିବାକୁ ବାଧ କରୁଥିଲେ। ଭଗବାନପୁର ପଞ୍ଚାୟତର ମଞ୍ଜୁ ଦଳେଇ ଏନେଇ ନୟାଗଡ଼ ଜିଲ୍ଲାପାଳ, ଏସ୍‌ପି ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ କରିଥିଲେ। ହେଲେ ଉକ୍ତ ଘଟଣାକୁ ଚାପି ଦିଆଯାଇଥିଲା।

ଏବେ ସ୍ଥାନୀୟ ଅଞ୍ଚଳର ଆଉ ଜଣେ ମହିଳା ସମାନ ଅଭିଯୋଗ ଆଣିଛନ୍ତି। ପିଲା କଳିକୁ ନେଇ ଏକ ମାମଲା ଫତେଗଡ଼ ଥାନାରେ ରହିଥିଲା। ଉକ୍ତ ମାମଲାର ସମାଧାନ କରିବାକୁ ଯାଇ ତତ୍କାଳୀନ ଏସ୍‌ଆଇ ଅରୂପ କୁମାର ନାୟକ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରି କାନ ଫଟାଇ ଦେଇଥିଲେ। ଉକ୍ତ ମାମଲା ନଂ ୨୧୨/୨୫ ତଥା ଜିଆର ନଂ ୨୦୩/୨୫ ର ସମାଧାନ କରିବା ପାଇଁ ଖଣ୍ଡପଡ଼ା ଏସଡିପିଓ ମହିଳାଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଡକାଉଥିଲେ। କିଛି ଦିନ ପରେ ବିଳମ୍ବିତ ରାତିରେ ତାଙ୍କୁ ଫୋନ୍ କରିବା ଆରମ୍ଭ କଲେ। ଯୌନ ସମ୍ପର୍କ ରଖିବାକୁ ବାଧ କଲେ। କେତେବେଳେ ଶାଢ଼ି ଖୋଲା ଭିଡିଓ ପଠାଇବାକୁ ଅନୁରୋଧ କରୁଥିଲେ ତ ପୁଣି କେତେବେଳେ ମହିଳାଙ୍କୁ ହୋଟେଲ ଯିବାକୁ ଡାକୁଥିଲେ। ମହିଳା ଜଣଙ୍କ ଏସବୁର ପ୍ରମାଣ ଉପସ୍ଥାପନ କରିଛନ୍ତି। ହ୍ୱାଟସ୍-ଆପ୍‌ର ଅଶ୍ଳୀଳ ଚାଟିଂ, ମହିଳା ଓ ଏସ୍‌ଡିପିଓଙ୍କ ବିରୋଧରେ ହୋଇଥିବା କଥାବର୍ତ୍ତାର କଲ୍ ରେକର୍ଡିଂ ଏବଂ ହ୍ୱାଟସ୍-ଆପ୍ ଚାଟ୍ ଏବେ ସୋସିଆଲ୍ ମିଡ଼ିଆରେ ଜୋରସୋରରେ ଭାଇରାଲ୍ ହେବାରେ ଲାଗିଛି।

ଏନେଇ ମହିଳା ଜଣଙ୍କ ଅଭିଯୋଗ କରିବାକୁ ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଏକାଧିକ ଗଣମାଧ୍ୟମରେ ସେ ନିଜ ସହ ହୋଇଥିବା ନିର୍ଯାତନା ବଖାଣିଥିଲେ। ଏପରିକି, ଏସବୁର ପ୍ରମାଣ ମଧ ଉପସ୍ଥାପନ କରିଥିଲେ। ଗଣମାଧ୍ୟମ ଏବଂ ସୋସିଆଲ୍ ମିଡ଼ିଆରେ ଏହି ଖବର ଜୋର୍ ଧରିବା ପରେ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଛି ବିଭାଗୀୟ ତଦନ୍ତ। ନୟାଗଡ଼ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଏସ୍‌ଡ଼ିପିଓଙ୍କ ବିରୋଧରେ ଆସିଥିବା ସଙ୍ଗୀନ ଅଭିଯୋଗର ତଦନ୍ତ କରିବ। ତଦନ୍ତ ରିପୋର୍ଟ ଆସିବା ପରେ ଭୁଲ ଥିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନୟାଗଡ଼ ଏସ୍‌ପି ଏସ୍. ସୁଶରୀ ସୂଚନା ଦେଇଛନ୍ତି।

ଅନ୍ୟ ପକ୍ଷରେ କେବଳ ମହିଳା ସମ୍ପର୍କିତ ଅଭିଯୋଗ ନୁହେଁ, ଏସ୍‌ଡିପିଓଙ୍କ ବିରୋଧରେ ଅନ୍ୟାନ୍ୟ ଅଭିଯୋଗ ରହିଛି। ଲୋକଙ୍କୁ ଜାଣିଶୁଣି ହଇରାଣ କରିବା, ମିଛ ମାମଲାରେ ଗିରଫ କରିବା ଭଳି ପୂର୍ବରୁ ଅନେକ ଅଭିଯୋଗ ରହିଛି। ନୟାଗଡ଼ ଜିଲ୍ଲା ପୁଲିସ ଏହି ଘଟଣାକୁ ନେଇ ନିନ୍ଦିତ ହୋଇଥିବା ବେଳେ ଖଣ୍ଡପଡା ଏସ୍‌ଡିପିଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଅନ୍ୟପକ୍ଷରେ ମହିଳାଙ୍କୁ ନ୍ୟାୟ ନମିଳିଲେ ସେ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟାରେ ଏସ୍‌ଡିପିଓ ଶ୍ରୀ ପ୍ରଧାନ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ଗାଡ଼ି ମଡ଼ାଇ ତହସିଲଦାରଙ୍କୁ ହତ୍ୟା ଉଦ୍ୟମ

ବ୍ୟାସନଗର, ୧୮।୪(ସମିସ): ବ୍ୟାସନଗର ତହସିଲ ଅନ୍ତର୍ଗତ କୋରେଇ ଥାନା ସାଦକପୁର ପଞ୍ଚାୟତରେ ଏକ ପୋଖରୀରୁ ବେଆଇନ ମାଟି ଖନନ ଖବର ପାଇ ଚଢ଼ଉ ବେଳେ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। କୋରେଇ ପୁଲିସ ତାଙ୍କୁ କୋରେଇ ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଇବା ପରେ କଟକ ବଡ଼ ମେଡିକାଲକୁ ପଠାଇଛି। ତେବେ, ଏସ୍‌ସିବିରେ ତହସିଲଦାର ଶ୍ରୀ ପଣ୍ଡାଙ୍କ ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ କରି ତାଙ୍କ ପରିବାରଲୋକ ତାଙ୍କୁ ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଇଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ସାଦକପୁର ପଞ୍ଚାୟତ ହଜାରୀ ପୋଖରୀରୁ ଶନିବାର ବେଆଇନ ଭାବେ ମାଟି ଖୋଳାଯାଉଥିବା ଖବର ପାଇ ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ତୁଳତୀ ଆର୍‌ଆଇ ଇତିଶ୍ରୀ ସେନାପତି ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଧିକାରୀଙ୍କୁ ହଠାତ୍ ଦେଖି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତହସିଲଦାର ସେଠାରେ ଏକ ଟ୍ରାକ୍ଟରକୁ ଅଟକାଇ ଚାବି ଛଡ଼ାଇବାକୁ ଚେଷ୍ଟା

- ଚଳନ୍ତା ଟ୍ରାକ୍ଟର୍ ଛାଡ଼ିଦେଲା ଚାଳକ
- ଲଘୁ ଖଣିଜ ସମ୍ପଦ ଲୁଟ୍ ପାଇଁ ଅଶାନ୍ତ ହେଉଛି କୋରେଇ



କରିଥିଲେ। ହେଲେ ଉକ୍ତ ଟ୍ରାକ୍ଟର ଚାଳକ ଗାଡ଼ିକୁ ଚଳନ୍ତା ଅବସ୍ଥାରେ ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଆଡ଼କୁ ଛାଡି ଦୌଡ଼ି ପଳାଇଥିଲା। ଫଳରେ ଗାଡ଼ିଟି ତହସିଲଦାରଙ୍କୁ ଧକ୍କା ଦେଇଥିଲା। ଏଥିରେ ଶ୍ରୀ ପଣ୍ଡାଙ୍କ ଗୋଡ଼ ଓ ଅଣ୍ଟାରେ ଗଭୀର ଆଘାତ ଲାଗିଛି। କୋରେଇ ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତହସିଲଦାରଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ନେଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କୋରେଇ ଥାନାରେ ଏତଲା ଦେଇଛନ୍ତି। ସେପଟେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟଇଥିବା ଗାଡ଼ି ଓ ଚାଳକକୁ ଥାନାରେ ଅଟକ ରଖିଥିବା ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

## ଏସ୍‌ସିବିରେ ଚିକିତ୍ସା ନ ପାଇ ଗଲେ ନର୍ସିଂହୋମ

କଟକ,୧୮।୪(ସମିସ): ଏସ୍‌ସିବିକୁ ଗୁରୁତର ହୋଇ ଚିକିତ୍ସା ପାଇଁ ଆସିଥିବା ଯାଜପୁର ବ୍ୟାସନଗର ତହସିଲଦାର ପ୍ରଶାନ୍ତ ପଣ୍ଡାଙ୍କୁ ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ସେ ଦୀର୍ଘ ସମୟ ଧରି ଏସ୍‌ସିବିରେ ରହିଥିଲେ ମଧ ତାଙ୍କ ଚିକିତ୍ସା କରାଯାଇ ନଥିଲା। ଫଳରେ ସେ ଫେରି ଯିବାକୁ ବାଧ ହୋଇଥିଲେ। ପ୍ରକାଶ ଥାଉ କି, ବାଲି ମାଫିଆମାନେ ଟ୍ରାକ୍ଟର ଚଢ଼ାଇ ତାଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ସେ ମାଫିଆଙ୍କ ଆକ୍ରମଣରେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲକୁ ଅଣାଯାଇଥିଲା। ହେଲେ ଏସ୍‌ସିବିରେ ତାଙ୍କୁ ୩ ଘଣ୍ଟା ରଖା ଯାଇଥିଲେ ମଧ ଚିକିତ୍ସା କରାଯାଇ ନଥିଲା। ଏହାପରେ ତହସିଲଦାରଙ୍କ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

# ଧର୍ମୀୟ କଠୋରତା ପାଇଁ ଗିରଫ ହେଲେ ଇମ୍ରାନ୍

ଭୁବନେଶ୍ୱର,୧୮।୪(ସମିସ): ଧର୍ମୀୟ କଠୋରତା, ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବା ଏବଂ ଚରମପନ୍ଥୀ କାର୍ଯ୍ୟକଳାପ ସହ ଜଡ଼ିତ ଅଭିଯୋଗରେ ଗତ ୧୨ ତାରିଖ ଦିନ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଭୁବନେଶ୍ୱର ୟୁନିଟ୍-୬ ଗଙ୍ଗନଗର ଅଞ୍ଚଳରୁ ଶେଖ୍ ଇମ୍ରାନ୍ ନାମକ ଯୁବକଙ୍କୁ ଉଠାଇ ନେଇଥିଲା। ଶନିବାର ଇମ୍ରାନ୍ ସହ ତାର ଅନ୍ୟ ୩ ସହଯୋଗୀଙ୍କୁ ପୁଲିସ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଦେଶରେ "କ୍ୟାଲିପେଟ୍" ପ୍ରତିଷ୍ଠା କରିବାର ଚିନ୍ତାଧାରା ଦ୍ୱାରା ପ୍ରେରିତ ଥିଲେ। ବ୍ଲାକ୍ ଫ୍ଲାଗ୍ ତଳେ ଖୋରାସନରୁ ସେନା ଆସିବାରେ ବିଶ୍ୱାସ ରଖୁଥିଲେ। ଏହାସହ ସେମାନେ କଥାକଥିତ "ଗଜୱା-ଏ-ହିନ୍ଦ' ଅଭିଯାନରେ ସାମିଲ୍ କରିବାକୁ ପ୍ରସ୍ତୁତ ହେଉଥିଲେ ବୋଲି ତଦନ୍ତକାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ପୁଲିସ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କଠାରୁ ଏକ ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍ ଉଦ୍ଧାର କରିଛି। ଏକ ବଡ଼ ଧରଣର ଆକ୍ରମଣ ପାଇଁ ରିମୋଟ୍-କଣ୍ଟ୍ରୋଲ୍ ଆଇଇଡି ତିଆରି କରିବା ପାଇଁ ଦୁଇ ସଦସ୍ୟ ସ୍ଥାନୀୟ ଭାବରେ ବିସ୍ଫୋରକ ସାମଗ୍ରୀ ସଂଗ୍ରହ କରିବା ଆରମ୍ଭ କରିଥିଲେ। ଅନ୍ୟ ଜଣେ ସନ୍ଦିଗ୍ଧ ବ୍ୟକ୍ତି କ୍ୟୁଆର୍ କୋଡ୍ ଏବଂ ବ୍ୟାଙ୍କ




ଆକାଉଣ୍ଟ ମାଧ୍ୟମରେ ଜିହାଦୀ କାର୍ଯ୍ୟକଳାପ ପାଇଁ ପାଣ୍ଠି ସଂଗ୍ରହ କରିଥିବା ଜଣାପଡ଼ିଛି। ଅସ୍ତ୍ରଶସ୍ତ୍ର ଯୋଗାଣ ଏବଂ ଶାରୀରିକ ତାଲିମର ପ୍ରତିଶ୍ରୁତି ଦେଇଥିଲେ। ସୂତ୍ରରୁ ଜଣାପଡିଛି ଯେ ଗୋଷ୍ଠୀ ଅନ୍ୟମାନଙ୍କୁ ମୌଳବାଦୀ କରିବା ଏବଂ କାର୍ଯ୍ୟ ସମନ୍ୱୟ କରିବା ପାଇଁ ଏନକ୍ରିପ୍ଟେଡ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ବ୍ୟବହାର କରିଥିଲା। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ଓଡ଼ିଶାର ଇମ୍ରାନ ବ୍ୟତୀତ ମହାରାଷ୍ଟ୍ରର ଦୁଇଜଣ ଏବଂ ବିହାରର ଜଣେ ଅନ୍ତର୍ଭୁକ୍ତ।

## ବିଜେଡିର କ୍ଷୋଭ | ଓଡ଼ିଶାର ସ୍ୱାର୍ଥ ବିରୋଧରେ ଭୋଟ ଦେଲେ ବିଜେପିର ୨୦ ସାଂସଦ

ଭୁବନେଶ୍ୱର,୧୮।୪(ସମିସ): ମହିଳା ସଂରକ୍ଷଣକୁ ଆଳ କରି ଓଡ଼ିଶାର କ୍ଷତି ହେଉଥିବା ସୀମା ପୁନଃନିର୍ଦ୍ଧାରଣ ବିଲ୍ ସପକ୍ଷରେ ଓଡ଼ିଶାରୁ ନିର୍ବାଚିତ ହୋଇଥିବା ୨୦ ଜଣ ବିଜେପି ସାଂସଦ ଭୋଟ ଦେବା ଦୁର୍ଭାଗ୍ୟଜନକ ବୋଲି କହି ଏହାର ଦୃଢ଼ ନିନ୍ଦା କରିଛି ବିଜେଡି। ଓଡ଼ିଶାର ରାଜନୈତିକ ଓ ଆର୍ଥିକ ସ୍ୱାର୍ଥ ପ୍ରତି ବିଜେପି ଆଖି ବୁଜିଦେଇଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ଦଳର ଉପସଭାପତି ପ୍ରମିଳା ମଲ୍ଲିକ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଥିଲେ।୨୦୨୩ରେ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇସାରିଥିବା ବେଳେ ତାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ସହିତ ଏହାକୁ ଯୋଡ଼ି ପୁନର୍ବାର ସଂସଦରେ ବିଲକୁ ପାରିତ କରିବା ପାଇଁ ବିଜେପି ଷଡ଼ଯନ୍ତ୍ର କରିଥିଲା ବୋଲି ସେମାନେ କହିଥିଲେ। ପ୍ରମିଳା ମଲ୍ଲିକ କହିଥିଲେ ଯେ ୨୦୨୩ରେ ମହିଳା ସଂରକ୍ଷଣ ବିଲ୍ ପାରିତ ସମୟରେ ବିଜେଡିର ୧୨ ଜଣ ଲୋକସଭା ଓ ୯ ଜଣ ରାଜ୍ୟସଭା ସାଂସଦ ଏହାକୁ ସମର୍ଥନ କରିଥିଲେ। ଏହା ପୂର୍ବରୁ ୨୦୧୮ ମସିହାରେ ଓଡ଼ିଶା ବିଧାନସଭାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ପାଇଁ ସର୍ବସମ୍ମତ ପ୍ରସ୍ତାବ ପାରିତ



କରି ଦେଶର ୨୨ଟି ଜାତୀୟ ଓ ଆଞ୍ଚଳିକ ଦଳ ନିକଟକୁ ବିଜେଡିର ପ୍ରତିନିଧି ମଣ୍ଡଳୀ ପଠାଇଥିଲେ ଶ୍ରୀ ନବୀନ ପଟ୍ଟନାୟକ । ସମଗ୍ର ଦେଶରେ ମହିଳା ମାନଙ୍କୁ ସଂସଦ ଓ ବିଧାନସଭାରେ ଅଧିକ ସଂଖ୍ୟାରେ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦେବା ପାଇଁ କେବଳ କଥାରେ ନୁହେଁ, କାମରେ କରି ଦେଖାଇଥିଲେ ଶ୍ରୀ ପଟ୍ଟନାୟକ। ୨୦୧୯ ଓ ୨୦୨୪

- ମହିଳା ବିଲ୍‌କୁ ଢାଲ କରି ସୀମା ପୁନଃନିର୍ଦ୍ଧାରଣ ବିଲ୍ ପାସ୍ କରିବାର ହୋଇଥିଲା ଷଡ଼ଯନ୍ତ୍ର
- ଓଡ଼ିଶାର ରାଜନୈତିକ ଓ ଆର୍ଥିକ ସ୍ୱାର୍ଥ ପ୍ରତି ଆଖି ବୁଜିଦେଇଛି ବିଜେପି
- ମହିଳା ସଶକ୍ତିକରଣକୁ ନେଇ ବିଜେଡି ଉପରେ ବିଜେପି ପ୍ରଶ୍ନ ଉଠାଇବା ହାସ୍ୟାସ୍ପଦ
- ମହିଳାଙ୍କ ପାଇଁ ପ୍ରବାଦ ପୁରୁଷ ବିଜୁ ବାବୁ ଓ ନବୀନ ବାବୁଙ୍କ ଅବଦାନ ଅତୁଳନୀୟ

ସାଧାରଣ ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ଦଳୀୟ ଟିକେଟ୍ ଦେଇ ଉଦାହରଣ ସୃଷ୍ଟି କରିଥିଲା ବିଜୁ ଜନତା ଦଳ । ମହିଳା ସଶକ୍ତିକରଣକୁ ନେଇ ବିଜେଡି ଉପରେ ହାସ୍ୟାସ୍ପଦ ଟିପ୍ପଣୀ ଦେଉଥିବା ରାଜ୍ୟ ବିଜେପି ନେତା ମାନେ ଇତିହାସ ପଢ଼ନ୍ତୁ ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ। ଭୃଗୁ ବକ୍ସିପାତ୍ର କହିଥିଲେ ଯେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ପାରିତ ହୋଇଥିଲେ ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ ୩.୯ ପ୍ରତିଶତରୁ କମି ୩.୪ ପ୍ରତିଶତ ହୋଇଥାନ୍ତା । ଏହାଦ୍ୱାରା କେବଳ ଓଡ଼ିଶାର ସ୍ୱର ଦୁର୍ବଳ ହୋଇନଥାନ୍ତା, ତତ୍ସହିତ ଆର୍ଥିକ ଅନୁଦାନ କ୍ଷେତ୍ରରେ ଓଡ଼ିଶା ଯଥେଷ୍ଟ କ୍ଷତି ସହିଥାନ୍ତା । ବର୍ତ୍ତମାନର ରାଜ୍ୟ ବିଜେପି ସରକାର କେନ୍ଦ୍ର ନିକଟରୁ ଓଡ଼ିଶା ପାଇଁ ଅଧିକ ଅନୁଦାନ ଆଣିବା ପାଇଁ ଉଦ୍ୟମ କରିବା ପରିବର୍ତ୍ତେ ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଇ ଏଭଳି ଏକ ବିଲ୍ ସପକ୍ଷରେ ୨୦ ଜଣ ସାଂସଦ ଭୋଟ ଦେବା ନିନ୍ଦନୀୟ। ବିରୋଧୀ ଦଳ ନେତା ରାଜ୍ୟର ସମସ୍ତ ସାଂସଦଙ୍କୁ ଏ ବାବଦରେ ଚିଠି ଲେଖିବା ସହ ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଡାକି ଆଲୋଚନା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଓଡ଼ିଶାର ସ୍ୱାର୍ଥ ବିରୋଧୀ ଏହି ବିଲକୁ ସମର୍ଥନ କରି ଓଡ଼ିଆ ଅସ୍ମିତାର ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ଦଳର ଅସଲ ମୁଖା ଖୋଲିଯାଇଛି। ମହିଳା ସଶକ୍ତିକରଣ ପାଇଁ ବିଜେଡିର ପ୍ରତିବଦ୍ଧତା ଉପରେ ରାଜ୍ୟ ବିଜେପି ନେତା ମାନେ ପ୍ରଶ୍ନ କରିବା ହାସ୍ୟାସ୍ପଦ ବୋଲି ଶ୍ରୀ ବକ୍ସିପାତ୍ର କହିଥିଲେ।




◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-291 ◆SUNDAY ◆19 APRIL 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୯୧ ◆ରବିବାର ◆୧୯ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)

# ମହିଳା ବିଲ୍ ପାସ୍ ନ ହେବା ଦୁର୍ଭାଗ୍ୟଜନକ

## ବିରୋଧୀ 'ଭ୍ରୂଣହତ୍ୟା'ର ଦୋଷୀ: ମୋଦୀ

■ ନୂଆଦିଲ୍ଲୀ, ୧୮।୪(ଏଜେନ୍ସି): ମହିଳା ସଂରକ୍ଷଣ ସଂକ୍ରାନ୍ତ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଗତକାଲି ଲୋକସଭାରେ କାଟ୍ ଖାଇଯିବା ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଶନିବାର ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧିତ କରି ଦୁଃଖ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ। ପ୍ରାୟ ୩୦ ମିନିଟର ଏହି ସମ୍ବୋଧନରେ ଦେଶର ସମସ୍ତ ମା' ଭଉଣୀଙ୍କୁ କ୍ଷମା ମାଗିବା ସହ ବିରୋଧୀ ଦଳଗୁଡ଼ିକୁ କଡ଼ା ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ। ସେ କହିଛନ୍ତି, ମୋ ପାଇଁ ଦେଶହିତ ସର୍ବୋପରି; କିନ୍ତୁ କିଛି ଲୋକଙ୍କ ପାଇଁ ଦଳୀୟ ସ୍ୱାର୍ଥ ଦେଶହିତଠାରୁ ବଡ଼ ହୋଇଗଲା। ଏହାର କୁପରିଣାମ ନାରୀଶକ୍ତିଙ୍କୁ ଭୋଗିବାକୁ ପଡ଼ିଲା। କଂଗ୍ରେସ, ଟିଏମସି, ଡିଏମକେ ଏବଂ ସମାଜବାଦୀ ପାର୍ଟି ପରି ବିରୋଧୀ ଦଳଗୁଡ଼ିକୁ ତୀବ୍ର ସମାଲୋଚନା କରି ସେ କହିଛନ୍ତି, 'ଏହି ଦଳଗୁଡ଼ିକ ମହିଳା ଅଧିକାରର ଭ୍ରୂଣହତ୍ୟା କରିଛନ୍ତି। ସଂସଦରେ ଯେତେବେଳେ ମହିଳାଙ୍କ ସ୍ୱାର୍ଥ ଜଡ଼ିତ ପ୍ରସ୍ତାବଟି କାଟ୍ ଖାଇଲା, ସେତେବେଳେ ଏହି ପାର୍ଟିର ନେତାମାନେ ଖୁସିରେ ଟେବୁଲ୍ ବାଡ଼େଇ ତାଳି ମାରୁଥିଲେ। ନାରୀ ସବୁ ଭୁଲି ଯାଏ, କିନ୍ତୁ କେବେବି ନିଜର ଅପମାନ ଭୁଲେ ନାହିଁ।

କଂଗ୍ରେସ ଓ ତାର ସହଯୋଗୀ ଦଳଗୁଡ଼ିକ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣକୁ ନେଇ ମିଥ୍ୟା ଗୁଜବ ପ୍ରଚାର କରୁଛନ୍ତି ବୋଲି ମୋଦୀ ଅଭିଯୋଗ କରିଛନ୍ତି। ସେମାନେ କହୁଛନ୍ତି କିଛି ରାଜ୍ୟର କ୍ଷତି ହେବ, କିନ୍ତୁ ଆମେ ସ୍ପଷ୍ଟ କରିଛୁ ଯେ କୌଣସି ରାଜ୍ୟର ପ୍ରତିନିଧିତ୍ୱ ହ୍ରାସ ପାଇବ ନାହିଁ। ବିରୋଧୀ ଦଳଗୁଡ଼ିକ ଭୟ କରୁଛନ୍ତି ଯେ ଯଦି ସାଧାରଣ ପରିବାରର ମହିଳାମାନେ ରାଜନୀତିକୁ ଆସିବେ ଏବଂ ଶକ୍ତିଶାଳୀ ହେବେ, ତେବେ ସେମାନଙ୍କର ପରିବାରବାଦ ରାଜନୀତି ବିପଦରେ ପଡ଼ିଯିବ। ସେଥିପାଇଁ ସେମାନେ ୪୦ ବର୍ଷଧରି ଏହି ବିଲ୍‌କୁ କୌଣସି ନା କୌଣସି ବାହାନାରେ ଅଟକାଇ ରଖିଛନ୍ତି। ଯେଉଁମାନେ ଅଧା ଜନସଂଖ୍ୟା, ଅର୍ଥାତ୍ ନାରୀଙ୍କ ଅଧିକାର ଛଡ଼ାଇ ନେଇଛନ୍ତି,



ସେମାନଙ୍କୁ ଏହି ପାପର ଶାସ୍ତି ଜନତା ନିଶ୍ଚୟ ଦେବେ। ୨୦୨୯ ନିର୍ବାଚନ ପୂର୍ବରୁ ମହିଳାଙ୍କୁ ସେମାନଙ୍କ ହକ୍ ଦେବା ପାଇଁ ଏହା ଏକ ମହାଯଜ୍ଞ ଥିଲା, ଯାହାକୁ ବିରୋଧୀ ପଣ୍ଡ କରିଦେଇଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି।

# ଇତିହାସ ପାଲଟିବ ରାଜ୍ୟ ଯୋଜନା ବୋର୍ଡ

## ରାଜ୍ୟ ସରକାର ପ୍ରତିଷ୍ଠା କରିବେ 'ସିଟି-ଓଡ଼ିଶା'

■ ଭୁବନେଶ୍ୱର,୧୮।୪(ସମିସ): ରାଜ୍ୟରେ ସାମଗ୍ରିକ ବିକାଶ ପାଇଁ ନୀତି ପ୍ରସ୍ତୁତ ତଥା ପରାମର୍ଶ ପ୍ରଦାନ କରୁଥିବା ରାଜ୍ୟ ଯୋଜନା ବୋର୍ଡ ଏବେ ଇତିହାସ ପାଲଟିବାକୁ ଯାଉଛି। ରାଜ୍ୟ ସରକାର ଏହା ବଦଳରେ ଖୁବ୍‌ଶୀଘ୍ର ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ ଫର୍ ଟ୍ରାନ୍ସଫର୍‌ମେଟିଭ ଇନିସିଏଟିଭ(ଏସ୍‌ଆଇଟିଆଇ) ବା ସିଟି-ଓଡ଼ିଶା ପ୍ରତିଷ୍ଠା କରିବେ। ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଏହି ସମ୍ପର୍କିତ ଏକ ସଂକଳ୍ପ ପ୍ରକାଶ ପାଇଛି। ସଂକଳ୍ପରେ କୁହାଯାଇଛି ଯେ ଏହା ରାଜ୍ୟ ସରକାରଙ୍କ ଏକ ଥିଙ୍କ୍ ଟ୍ୟାଙ୍କ ବା ଏକ ଶୀର୍ଷସ୍ତରୀୟ ରଣନୈତିକ ପରାମର୍ଶଦାତା ସଂସ୍ଥା ଭାବେ କାର୍ଯ୍ୟ କରିବ। ସମୃଦ୍ଧ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ଦିଗରେ ଏହା ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ। ରାଜ୍ୟ ସରକାର ପୂର୍ବରୁ ୨୦୨୪ ମହିହା ଜୁଲାଇ ୧୮ ତାରିଖରେ 'ରାଜ୍ୟ ଯୋଜନା ବୋର୍ଡ'କୁ ଭାଙ୍ଗି ଦେଇଛନ୍ତି। ଯେହେତୁ ପାରମ୍ପରିକ ଯୋଜନା ପ୍ରଣାଳୀ ବର୍ତ୍ତମାନ ସମୟରେ ଅପ୍ରାସଙ୍ଗିକ ହୋଇପଡ଼ିଛି, ସିଟି-ଓଡ଼ିଶା ବର୍ତ୍ତମାନ ସମୟରେ ଏକ ଦୂରଦୃଷ୍ଟିସମ୍ପନ୍ନ ବିକଳ୍ପ ବ୍ୟବସ୍ଥା ପ୍ରଦାନ କରିବ ବୋଲି ସରକାର ଯୁକ୍ତି ବାଢ଼ିଛନ୍ତି।

- ସରକାରଙ୍କ ଥିଙ୍କ୍‌ଟ୍ୟାଙ୍କ, ରଣନୈତିକ ପରାମର୍ଶଦାତା ସାଜିବ
- ମୁଖ୍ୟମନ୍ତ୍ରୀ ରହିବେ ସିଟି-ଓଡ଼ିଶା ପରିଚାଳନା ପରିଷଦର ଅଧ୍ୟକ୍ଷ

ବିଭାଗୀୟ ସଂକଳ୍ପରେ କୁହାଯାଇଛି, ବିକାଶର ଲକ୍ଷ୍ୟ ହାସଲ କରିବା ପାଇଁ ନୀତି ପ୍ରସ୍ତୁତ କରିବାକୁ ଆଧୁନିକ ଚିନ୍ତାଧାରା ସହିତ ଇନୋଭେସନ, କୋ-ଅପରେଟିଭ୍ ଫେଡେରାଲିଜିମ୍ ଏବଂ ମାପଯୋଗ୍ୟ ଫଳାଫଳ ସମ୍ପର୍କରେ ପରାମର୍ଶ ଯୋଗାଇଦେବ। ଏହା ସର୍ବୋଚ୍ଚ ▶ପୃଷ୍ଠା-୭

## କାରାଗାରରୁ କଏଦୀଙ୍କ ଗହଣା ଗାଏବ ଘଟଣା

# ଜେଲ୍ ୱାର୍ଡର୍ ଗିରଫ

### ସିସିଟିଭି ଫୁଟେଜରୁ ମିଳିଲା ତଥ୍ୟ

■ ଚୌଦ୍ୱାର, ୧୮।୪ (ସମିସ): ବହୁଚର୍ଚ୍ଚିତ ଚୌଦ୍ୱାର ଜେଲ୍‌ରୁ ଜଣେ ମହିଳା କଏଦୀଙ୍କ ଗହଣା ଚୋରି ଘଟଣାର ପର୍ଦ୍ଦାଫାସ୍ ହୋଇଛି। ଜେଲ୍ ୱାର୍ଡର୍ ମନୋଜ କୁମାର ମଣ୍ଡଳ ଉକ୍ତ ଗହଣା ଚୋରି କରିଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସିସିଟିଭି ଫୁଟେଜ୍‌ରୁ ମିଳିଥିବା ତଥ୍ୟ ଆଧାରରେ ମନୋଜଙ୍କୁ ଗିରଫ କରାଯାଇଥିବା ତଦନ୍ତକାରୀ ଅଧିକାରୀ ସିଦ୍ଧାର୍ଥ ରଞ୍ଜନ ଜାଲି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କଟକ ଜିଲ୍ଲା ମାହାଙ୍ଗା ଥାନା ଶୁକ୍ଳେଶ୍ୱର ଗ୍ରାମର ଇତିଶ୍ରୀ ମହାନ୍ତି ଏକ ମାମଲାରେ ୨୦୨୫ ସେପ୍ଟେମ୍ବର ୨୨ତାରିଖ ଦିନ ଗିରଫ ହୋଇଥିଲେ। ୨୩ତାରିଖ ଦିନ ତାଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିଲା। ସେଠାରେ ସିସିଟିଭି କ୍ୟାମେରା ସମ୍ମୁଖରେ ଜେଲ୍ କର୍ମଚାରୀମାନେ ତାଙ୍କଠାରୁ ୬ ଗ୍ରାମ୍ ଓଜନର ସୁନା କାନର ହଳେ, ୫ ଗ୍ରାମ୍ ଓଜନର ଏକ ସୁନାମୁଦି ଏବଂ ଏକ ନାକ ଗୁଣା କାଢ଼ି ନେଇଥିଲେ। ତାହାକୁ ଏକ ମାଟିଆ ରଙ୍ଗର ଲଫାଫା ଭିତରେ ରଖି ତା' ଉପରେ ଇତିଶ୍ରୀଙ୍କ ଦସ୍ତଖତ କରାଇଥିଲେ। ୩ ମାସ ବିଚାର ବିଭାଗୀୟ ▶ପୃଷ୍ଠା-୭

# ବଢ଼ିଲା ତାତି: ୯ ଜିଲ୍ଲାରେ ବିଦ୍ୟାଳୟ ଛୁଟି

■ ଭୁବନେଶ୍ୱର,୧୮।୪(ସମିସ): ରାଜ୍ୟରେ କ୍ରମାଗତ ଭାବେ ଗ୍ରୀଷ୍ମ ଲହରି ବଢ଼ୁଛି। ଆଗାମୀ ସପ୍ତାହରେ ଆହୁରି ୩ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଓ ଗରମ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲାରେ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ୯ଟି ଜିଲ୍ଲାରେ ଛୁଟି ଘୋଷଣା କରାଯାଇଥିବାବେଳେ ପରିସ୍ଥିତି ଅନୁଯାୟୀ ଜିଲ୍ଲାପାଳମାନେ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ନେବେ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲାରେ ଆସନ୍ତା ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ସେହିପରି ବୌଦ୍ଧ, ସୋନପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ୨୨ ତାରିଖ ଯାଏଁ ଛୁଟି ଘୋଷଣା କରାଯାଇଥିବାବେଳେ କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ାରେ ୨୧ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରାଯାଇଛି। ନବରଙ୍ଗପୁରରେ ମଧ୍ୟ ଆସନ୍ତା ୨୦ ତାରିଖ ଠାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏବଂ ମୟୂରଭଞ୍ଜରେ ୨୩ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ▶ପୃଷ୍ଠା-୭

## ଆଶ୍ରମ ସ୍କୁଲର ୯ ଛାତ୍ରୀ ଗୁରୁତର

### ୪ ଦିନ ପାଇଁ ସ୍କୁଲ, କଲେଜ ଛୁଟି

■ ବାରିପଦା, ୧୮।୪(ସମିସ): ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ ମୟୂରଭଞ୍ଜ ଜିଲ୍ଲା, ଚାନ୍ଦୁଆ ଆଶ୍ରମ ସ୍କୁଲର ୯ ଛାତ୍ରୀ ଗୁରୁତର ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ, ଖରା ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ (ସୋମବାର)ଠାରୁ ୨୩ ତାରିଖ (ଗୁରୁବାର) ପର୍ଯ୍ୟନ୍ତ ୪ଦିନ ପାଇଁ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ସ୍କୁଲ ଓ ଯୁକ୍ତ ଦୁଇ (ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) କଲେଜକୁ ଜିଲ୍ଲାପାଳ ହେମକାନ୍ତ ସଏ ଛୁଟି ଘୋଷଣା କରିଛନ୍ତି।



## ୧୩ତମ ଅନୁଗୋଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# 'କଳାର ବିକାଶ ଓ କଳାକାରଙ୍କୁ ସମ୍ବର୍ଦ୍ଧନା ପାଇଁ ପ୍ରକୃଷ୍ଟ ମଞ୍ଚ'







ଅନୁଗୋଳ,୧୮ ।୪(ସମିସ):

ପ୍ରକୃତିର କୋଳ ପ୍ରଗତିର ବଳ, ଅନନ୍ୟ ଅନୁଗୋଳ । ଏଠି ଶିଳ୍ପ ହୁଏ କୃଷି ବି ହୁଏ । ପ୍ରାକୃତିକ ବୈଭବରେ ଭରପୂର ଆଉ ସୌନ୍ଦର୍ଯ୍ୟର ଅପରୂପ ଗାରିମା ମଧ୍ୟରେ ସଂସ୍କୃତି ଓ ପାରମ୍ପରା ଅନନ୍ୟ । ଜିଲ୍ଲାର ଦେବଦେବୀ ଏବଂ ଉତ୍ସବ ଆଦି ନିଆରା । ଜିଲ୍ଲାରେ ରାଷ୍ଟ୍ରାୟତ୍ତ ନାଲକୋ, ଏନଟିପିସି, ତାଳଚେର ବୃହତ କୋଇଲା ଖଣି, ଛେଣ୍ଡିପଦା କୋଇଲାର ହବ୍, ଜେଏସପିଏଲ, ଜେଏସଡବ୍ଲ୍ୟୁ, ଆଲୁମିନିୟମ ପାର୍କ ସମୂହ ଶିଳ୍ପ ଓ ଖଣି ଜିଲ୍ଲାର ମାନବୃଦ୍ଧି କରୁଛି । ଜିଲ୍ଲାର ସଂସ୍କୃତି, ପରମ୍ପରା ଏବଂ ଲୋକକଳାକୁ ବଞ୍ଚାଇ ରଖିବା, ପ୍ରସାରପ୍ରଚାର କରିବା ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରିବାରେ ଏହି ମଞ୍ଚ ଏକ ପ୍ରକୃଷ୍ଟ ସ୍ଥାନ ହୋଇଛି । ଗାଁର କଳାପ୍ରତିଭା ଦେଶବିଦେଶରେ ପ୍ରସାର ପ୍ରଚାର କରିବାରେ ଏହି ମଞ୍ଚ ସହାୟକ ହୋଇଛି ବୋଲି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଗୋଳ ଷ୍ଟାଡିୟମରେ ଆୟୋଜିତ ୧୩ତମ ଜିଲ୍ଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ସାଇବର ଅପରାଧ ପ୍ରତି ସଚେତନ ରହିବାକୁ ସେ ପରାମର୍ଶ ଦେବା ସହ ଜିଲ୍ଲା ପୁଲିସ ସହ ସୁସମ୍ପର୍କ ରଖିବାକୁ ଆହ୍ୱାନ ଦେଇଛନ୍ତି ।

ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ମହମଦ ଅବଦାଲ ଅଖତର ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ସ୍ୱାଗତ ଅଭିଭାଷଣ ରଖିଥିଲେ । ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ, ଏମ୍‌ସିଏଲ୍ ନୋଡାଲ ଜିଏମ୍ ଅଶୋକ ଧଳ, ନାଲକୋ ସିଜିଏମ୍ ହିମାଂଶୁଶେଖର ପ୍ରଧାନ, ଜେଏସ୍‌ପିଏଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପିକେ ନାୟାର ବିଜୁ ଯୋଗଦେଇଥିଲେ ।

ସଭା କାର୍ଯ୍ୟ ପରେ ବିଳମ୍ବିତ ରାତି ଯାଏ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଚାଲିଥିଲା । ପ୍ରଚ୍ଛଦପଟ୍ଟ ଗାୟକ ନବ୍ୟା ଜ୍ୟୋତିଙ୍କ ସଙ୍ଗୀତରେ ଯୁବଗୋଷ୍ଠୀ ମତୁଆଲା



■ ଗାଁର କଳାସଂସ୍କୃତି ଦେଶବିଦେଶରେ ପ୍ରସାର ହେଉଛି
■ ସାଇବର ଅପରାଧ ପ୍ରତି ସଚେତନ କରାଇଲେ ଆଇଜି

ହୋଇଥିଲା । ଓଡ଼ିଆ କମେଡିଆନ ମିଷ୍ଟର ଗୁଲୁଆ ଦର୍ଶକଙ୍କୁ ହସାଇ ହସାଇ ବେଦମ କରିଥିଲେ । ସଭାକାର୍ଯ୍ୟ ପୂର୍ବରୁ ବିଭିନ୍ନ କଳାକାର ଗ୍ରୁପ ଦ୍ୱାରା ଲୋକକଳା ପ୍ରଦର୍ଶନ ହୋଇଥିଲା । ଢେଙ୍କାନାଳ ଜିଲ୍ଲା କୁରମିଠା ପାଇକ ଆଖଡ଼ା, ଡ୍ୟାନ୍ସ ଲେସନ, ଗୁରୁ ଅନିତା ରାଜଗୁରୁଙ୍କ ନୃତ୍ୟାୟନା ଅନୁଷ୍ଠାନ ରିମିକ ଡ୍ୟାନ୍ସ, ପିନାକୀ ଦାସଙ୍କ ନିର୍ଦ୍ଦେଶିତ ଯୁଗେ ଯୁଗେ ନାରୀ ସଂଘର୍ଷମୟୀ ନୃତ୍ୟ ନୃତ୍ୟା ଶ୍ରୀଧରା ଅନୁଷ୍ଠାନ କଳାକାର ପ୍ରଦର୍ଶନ କରିଥିଲେ । ସୁବର୍ଣ୍ଣପୁରର ସ୍ୱପ୍ନାଞ୍ଜଳି ଡ୍ୟାନ୍ସ ଏକାଡେମୀ ଡାଲଖାଇ ନୃତ୍ୟ ଏବଂ କେନ୍ଦୁଝର ପାର୍ବତୀୟ ସାଂସ୍କୃତିକ କଳାକେନ୍ଦ୍ର କଳାକାରମାନେ ଝୁମର ଲୋକନୃତ୍ୟ ପରିବେଷଣ କରିଥିଲେ । ଜିଲ୍ଲା ସଂସ୍କୃତି ପରିଷଦ ଉପାଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବରିଷ୍ଠ କଳାକାର ରଞ୍ଜନ ବେହେରା ଓ ପ୍ରତ୍ୟୁଷା ଅନନ୍ତ ମଞ୍ଚ ସଂଯୋଜନା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ, ସଂସ୍କୃତି ପରିଷଦର ପଦ୍ମଚରଣ ପ୍ରଧାନ, ଡ. ଧରଣୀଧର ନାଥଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

ଏହି ଅବସରରେ ଜିଲ୍ଲା ପ୍ରଶାସନ ଓ ଓରମାସ ମିଳିତ ସହଯୋଗରେ ଆୟୋଜିତ ପଲ୍ଲୀଶ୍ରୀ ମେଳା ଓ ସ୍ୱଦେଶୀ ମେଳାରେ ପ୍ରବଳ ଲୋକଙ୍କ ସମାଗମ ହେଉଛି । ୬ଦିନ ଧରି ଚାଲିବାକୁ ଥିବା ଏହି ମେଳାର ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଳ ଗହଳି ଲାଗିଥିଲା । ମେଳାରେ ଅନୁଗୋଳ ସମେତ ବିଭିନ୍ନ ଜିଲ୍ଲା ଏବଂ ରାଜ୍ୟର କୁଟୀର ଶିଳ୍ପ ଉତ୍ପାଦିତ ଦ୍ରବ୍ୟ, ଟେରାକୋଟା, ଜଙ୍ଗଲରୁ ସଂଗୃହୀତ ଔଷଧୀୟ ଦ୍ରବ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଖାଦ୍ୟ, ମସଲା, ଘର ଉପକରଣ ପ୍ରଭୃତି ପ୍ରଦର୍ଶନ ତଥା ବିକ୍ରୟ ହେଉଛି ।

---

## ● ଟାଟାର ଏୟାରଟେଲ ପ୍ରୀତି ଗ୍ରାମାଞ୍ଚଳରେ ସୃଷ୍ଟି ହେଉଛି ଲୋ ଭୋଲଟେଜ୍ ସମସ୍ୟା

କିଶୋରନଗର,୧୮ ।୪(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ କସ୍ତୁରୀବାହାଳ ଗ୍ରାମ ନିକଟରେ ଏୟାରଟେଲ କମ୍ପାନୀ ତରଫରୁ ଏକ ମୋବାଇଲ ଟାୱାର ବସାଯାଇଛି । ତେବେ ଏହି ଟାୱାରକୁ ଗାଁର ଗ୍ରାହକମାନଙ୍କୁ ପ୍ରଦାନ କରାଯାଇଥିବା କରେଣ୍ଟ ସପ୍ଲାଇରୁ ବିଦ୍ୟୁତ୍ ଦିଆଯାଇଛି । ସ୍ୱତନ୍ତ୍ର ଭାବେ ଏୟାରଟେଲ ପାଇଁ ଟ୍ରାନ୍ସଫର୍ମର ବସାଯାଇନାହିଁ । କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ଉତ୍ତର ମିଳୁନାହିଁ । ଏହାଦ୍ୱାରା ଗାଁର ସମସ୍ତଙ୍କ ବୈଦ୍ୟୁତିକ ଯନ୍ତ୍ରପାତି ଉପରେ ଭୋଲଟେଜର ପ୍ରଭାବ ପଡୁଛି । ତୁରନ୍ତ ଏହାର ତଦାରଖ କରି ମୋବାଇଲ ଟାୱାରକୁ ବିଦ୍ୟୁତ ବିଚ୍ଛିନ୍ନ କରିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି । ନଚେତ୍ ବିଦ୍ୟୁତ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

**ବୁଲୁନି ଫ୍ୟାନ, ପମ୍ପରେ ଉଠୁନି ପାଣି**

## ● କିଶୋରନଗର ଅଞ୍ଚଳରେ ତାପମାତ୍ରା ୪୨ ଡିଗ୍ରୀ

## ପ୍ରଚଣ୍ଡ ଗରମ ସାଙ୍ଗକୁ ବିଦ୍ୟୁତ କାଟରେ ଲୋକେ ଅତିଷ୍ଠ

କିଶୋରନଗର,୧୮ ।୪(ସମିସ): କିଶୋରନଗର ବ୍ଲକ ଅଞ୍ଚଳରେ ଏବେ ତାପମାତ୍ରା ଦିନକୁ ଦିନ ବୃଦ୍ଧି ହୋଇ ୪୨ ଡିଗ୍ରୀରେ ପହଞ୍ଚିଲାଣି । ପ୍ରଚଣ୍ଡ ଖରା ସାଙ୍ଗକୁ ଦିନ ଓ ରାତିରେ ବାରମ୍ବାର ବିଦ୍ୟୁତକାଟ ଯୋଗୁଁ ଲୋକେ ଅତିଷ୍ଠ ହୋଇପଡ଼ିଲେଣି । ପ୍ରଚଣ୍ଡ ଖରାକୁ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କେତୋଟି ହାତଗଣତି ଜଳଛତ୍ର ଖୋଲାଯାଇଥିବା ବେଳେ ପର୍ଯ୍ୟାପ୍ତ ଜଳଛତ୍ର ବ୍ୟବସ୍ଥା କରାଯାଉ ନାହିଁ । ଅଂଶୁଘାତ ମୁକାବିଲା ପାଇଁ ବ୍ଲକର ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରୀକାଳୀନ ଶୀତତାପନିୟନ୍ତ୍ରିତ କେନ୍ଦ୍ର ବ୍ୟବସ୍ଥା କରାଯାଇ ନାହିଁ । ଖରାକୁ ଦୃଷ୍ଟିରେ ରଖି ସରକାର ବିଭିନ୍ନ ସରକାରୀ ଅଫିସ ଓ ସ୍କୁଲଗୁଡ଼ିକ ସକାଳୁଆ କରିଥିବା ବେଳେ ସକାଳେ ବିଦ୍ୟୁତ ବିଭ୍ରାଟ ଯୋଗୁଁ ସମସ୍ତେ ଗରମରେ ସିଝୁଛନ୍ତି ।

---

**ଜିଲ୍ଲା ମହୋତ୍ସବ ଅବସରରେ ଯୋଗ ଶିବିର**

ଅନୁଗୋଳ,୧୮ ।୪(ସମିସ): ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରେ ଜିଲ୍ଲା ମହୋତ୍ସବ ଅବସରରେ ଏକ ଯୋଗ ଶିବିର ଅନୁଷ୍ଠିତ ହେଇଛି । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ଗୁରୁ ଅଭୟ ରାୟ, ସୁବୋଧ ମିଶ୍ର, ଅମୀୟ କର, ସଞ୍ଜୁକ୍ତା ପାଲ, ପ୍ରମୋଦ ପ୍ରଧାନ, ଚନ୍ଦ୍ରଶେଖର ମହାନ୍ତି, ସର୍ବେଶ୍ୱର ପାଲ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ଯୋଗ ଅନୁଷ୍ଠାନର କର୍ମକର୍ତ୍ତା ଶିବିରରେ ଯୋଗଦେଇଥିଲେ । ଯୋଗଗୁରୁ ଅଭୟ ରାୟ ଯୋଗାଭ୍ୟାସ କରାଇବା ସହ ଯୋଗର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଯୋଗ ଶିବିର ୧୯ ପର୍ଯ୍ୟନ୍ତ ଚାଲିବ । ଶେଷରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଧନ୍ୟବାଦ ଅର୍ପଣ କରିଥିଲେ ।



---

# ଗଣତାନ୍ତ୍ରିକ ଆନ୍ଦୋଳନରେ ପୁଲିସ୍ ଦମନଲୀଳା ବନ୍ଦ ଦାବି

## ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ

ଅନୁଗୋଳ,୧୮ ।୪(ସମିସ): ରାୟଗଡ଼ା, କଳାହାଣ୍ଡି ଜିଲ୍ଲା ସିଜିମାଳି ପର୍ବତ ଅଞ୍ଚଳରେ ବେଦାନ୍ତର ପ୍ରସ୍ତାବିତ ବକ୍ସାଇଟ୍ ଖଣି ଖନନକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ଆଦିବାସୀମାନେ ଚଳାଇଥିବା ଆନ୍ଦୋଳନ ଉପରେ ପୁଲିସର ଦମନଲୀଳା, ବେଆଇନ ଗିରଫଦାରୀ ବନ୍ଦ କରିବା, କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ପ୍ରସ୍ତାବିତ ପୋସ୍କୋ କମ୍ପାନୀ ଓ ସୁନ୍ଦରଗଡ଼ ଜିଲ୍ଲାର ଲାଞ୍ଜିବେର୍ଣ୍ଣାଠାରେ ଶିଳ୍ପ ପ୍ରତିଷ୍ଠା ପାଇଁ ବଳପୂର୍ବକ ଜମି ଅଧିଗ୍ରହଣ ବନ୍ଦ କରିବା ଦାବିରେ ଶୁକ୍ରବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ), ସିପିଆଇ (ଏମ୍‌ଏଲ୍) ରେଡ୍ ଷ୍ଟାର, ସିପିଆଇ (ଏମ୍‌ଏଲ୍), ସିପିଆଇ (ଏମ୍‌ଏଲ୍) ନିଉ ଡେମୋକ୍ରାସି ପ୍ରଭୃତି ୪ ବାମପନ୍ଥୀ ଦଳ ପକ୍ଷରୁ ସାରା ଓଡ଼ିଶାରେ ପ୍ରତିବାଦ ଦିବସ ପାଳନ କରାଯାଇଛି । ଏହି ଉପଲକ୍ଷେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି । ସଂଗଠନର ରାଜ୍ୟ କମିଟି ସଭ୍ୟ ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା କମିଟିର ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଲ, ରଣଜିତ ପ୍ରଧାନ, ସଞ୍ଜୟ ସାହୁ ପ୍ରମୁଖ ବକ୍ତବ୍ୟ ରଖି ନିଜକୁ ଲୋକଙ୍କ ସରକାର ବୋଲି ପ୍ରଚାର କରୁଥିବା ରାଜ୍ୟ ବିଜେପି ସରକାର ବେଦାନ୍ତ, ପୋସ୍କୋ କମ୍ପାନୀ ସ୍ୱାର୍ଥରେ ଲୋକମତକୁ ଉପେକ୍ଷା କରି ଖଣି ଖନନ ଓ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସ୍ଥାନୀୟ ଜନସାଧାରଣଙ୍କ ଉପରେ ପୁଲିସ ପ୍ରଶାସନ ଲଗାଇ ଦମନଲୀଳାକୁ ତୀବ୍ର ନିନ୍ଦା କରିଥିଲେ । କେବଳ ସିଜିମାଳି ନୁହେଁ, ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାରେ କୋଇଲା ଖଣି ଖନନ ଓ ପରିବହନ ପାଇଁ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ନ୍ୟାଯ୍ୟ ଦାବିକୁ ଉପେକ୍ଷା କରିବା ଏବଂ ସେମାନଙ୍କ ଉପରେ ମିଥ୍ୟା ମାମଲା କରି ଗିରଫ କରିବା ଘଟଣାକୁ ମଧ୍ୟ ସେମାନେ ସମାଲୋଚନା କରିଥିଲେ । ସିଜିମାଳିରେ ସରକାର ପ୍ରାୟୋଜିତ ହିଂସା ଓ ଗ୍ରାମସଭା ଆୟୋଜନରେ ଜାଲିଆତିର ନ୍ୟାୟିକ ତଦନ୍ତ, ସିଜିମାଳି, ପାଟଣା ଓ ଲାଞ୍ଜିବେର୍ଣ୍ଣା ସମେତ ଭିଟାମାଟିର ସୁରକ୍ଷା ପାଇଁ ଗଣତାନ୍ତ୍ରିକ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ପୁଲିସ ଦମନଲୀଳ ତୁରନ୍ତ ବନ୍ଦ କରିବା, ସମସ୍ତ ଆନ୍ଦୋଳନକାରୀଙ୍କ ବିରୋଧରେ ଦାୟର ସମସ୍ତ ମିଥ୍ୟା ମାମଲା ପ୍ରତ୍ୟାହାର ଓ ଗିରଫ ଲୋକମାନଙ୍କୁ ଅବିଳମ୍ବେ ମୁକ୍ତ କରିବା, ସିଜିମାଳିରେ ବେଦାନ୍ତର ବକ୍ସାଇଟ୍ ଖଣି ପ୍ରକଳ୍ପକୁ ବାତିଲ କରିବା, ପରିବେଶ ଓ ଲୋକଙ୍କ ଚଳନ୍ତି ଜୀବିକାର ସୁରକ୍ଷାକୁ ନିଶ୍ଚିତ କରିବା ସହ ବିକାଶ ନାଁରେ ବଳପୂର୍ବକ ଜମି ଅଧିଗ୍ରହଣ ବନ୍ଦ କରିବା, ୫ମ ଅନୁସୂଚୀ ଅଞ୍ଚଳରେ ଗ୍ରାମସଭାର ପୂର୍ବ, ସଚେତନ ଏବଂ ସ୍ପଷ୍ଟ ସମ୍ମତି ବିନା ଅନୁମୋଦିତ ସମସ୍ତ ପ୍ରକଳ୍ପକୁ ବାତିଲ କରିବା, କେନ୍ଦୁଝର ଜିଲ୍ଲା ପାଟଣା ଓ ସୁନ୍ଦରଗଡ଼ ଜିଲ୍ଲା ଲାଞ୍ଜିବେର୍ଣ୍ଣାରେ ଶିଳ୍ପ ପାଇଁ ଲୋକଙ୍କ ଜମି ଓ ଜଙ୍ଗଲକୁ ବଳପୂର୍ବକ ଅଧିଗ୍ରହଣ ଓ ବିସ୍ଥାପନ ବନ୍ଦ କରିବା, ସେମିଳିଗୁଡ଼ାର ମାଳି ପର୍ବତ, ପଟାଙ୍ଗିର ସେରୁବନ୍ଧ, କାଶିପୁରର କୁଟ୍ରୁମାଳି ଓ ନନ୍ଦପୁରର ବାଳଦା ଆଦିରେ ସ୍ଥାନୀୟ ଲୋକଙ୍କ ଭିଟାମାଟିକୁ ଧ୍ୱଂସ କରିବାକୁ ଯାଉଥିବା ଖଣି ଖନନ ପ୍ରକଳ୍ପଗୁଡ଼ିକୁ ବାତିଲ କରିବା ପ୍ରଭୃତି ଦାବିରେ ବିକ୍ଷୋଭ ସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ । ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ସଂଗଠକ ନିରଞ୍ଜନ ନାୟକ, ଜ୍ୟୋତ୍ସ୍ନା ସାମଲ, ପ୍ରତିମା ବେହେରା, ବିନତୀ ସାହୁ, ଅକ୍ଷୟ ବାରିକ, ଦୁଃଖବନ୍ଧୁ ବେହେରା ପ୍ରମୁଖ ସାମିଲ ହୋଇଥିଲେ ।




---

## ତାଳଚେର ମେଡିକାଲ କଲେଜ ପ୍ରସଙ୍ଗ

# କ୍ରିୟାନୁଷ୍ଠାନ କମିଟିର ଗଣଧାରଣା ଶହେ ଦିନରେ

ତାଳଚେର,୧୮ ।୪(ସମିସ):

ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜ୍‌ର ରୋଗୀସେବା ଅନୁଗୋଳ ଜିଲ୍ଲା ମେଡିକାଲ୍ ବଦଳରେ ତାଳଚେରସ୍ଥିତ ପବିତ୍ର ମୋହନ ମେଡିକାଲ୍‌ରେ କରାଯିବା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ୧୦୦ ଦିନରେ ପହଞ୍ଚିଛି । ତାଳଚେରରୁ ସରକାର ଅଧିକ କୋଇଲା ଉତ୍ପାଦନ କରି ବିପୁଳ ରାଜସ୍ୱ ପାଉଥିବାବେଳେ ଏ ଅଞ୍ଚଳ ଦେଶର ସର୍ବାଧିକ ପ୍ରଦୂଷିତ ଅଞ୍ଚଳ ଭାବେ ପରିଣତ କରିଛନ୍ତି । ଯାହା ଦ୍ୱାରା ଆଜି ତାଳଚେରବାସୀ ବିଭିନ୍ନ ମାରାତ୍ମକ ରୋଗରେ ପୀଡ଼ିତ ହୋଇ ମୃତ୍ୟୁମୁଖରେ ପଡ଼ୁଥିବାବେଳେ ତାଳଚେରବାସୀଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟସେବାରୁ ସରକାର ବଞ୍ଚିତ କରିଛନ୍ତି । ତାଳଚେରରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ହେଲା କିନ୍ତୁ ମେଡିକାଲ୍ କଲେଜ୍‌ର ମେଡିକାଲ୍‌କୁ ଅନ୍ୟତ୍ର କରି ତାଳଚେରବାସୀଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ପ୍ରତିବାଦରେ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଚାଲୁରହିଛି । ପୂର୍ବରୁ ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୪ ଘଣ୍ଟିଆ ଗଣଧାରଣା ଦିଆଯାଇଥିଲା । ସେହିପରି ୨୦୨୬ ଫେବୃଆରୀ ୧୮ରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଧାନସଭା ସମ୍ମୁଖରେ ଗଣଧାରଣା ଦିଆଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା । କିନ୍ତୁ ସରକାର ଏ ପର୍ଯ୍ୟନ୍ତ ତାଳଚେରବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି । ତୁରନ୍ତ କଲେଜ୍‌ର ମେଡିକାଲ୍‌କୁ ଜିଲ୍ଲା ମେଡିକାଲରୁ ପବିତ୍ର ମୋହନ ମେଡିକାଲ୍‌କୁ ସ୍ଥାନାନ୍ତର କରିବାକୁ ତାଳଚେରବାସୀ ଦାବି କରୁଛନ୍ତି । ଏହି ଦାବିରେ କ୍ରିୟାନୁଷ୍ଠାନ କମିଟିର ଗଣଧାରଣା ୧୦୦ ଦିନରେ ପହଞ୍ଚିଥିବାରୁ କମିଟି ପକ୍ଷରୁ ସହର ପରିକ୍ରମା କରାଯାଇ ଧାରଣାସ୍ଥଳରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତି ଅଭୟ ପାଣି, ସମ୍ପାଦକ ବିଜୟ ପ୍ରଧାନ, କେଶବ ଭୂଟିଆ, ଧୀରେନ ପାଣି, ଚିତରଞ୍ଜନ ଗଡ଼ନାୟକ, ଚୈତନ୍ୟ ପ୍ରଧାନ, ବିନୋଦ ଲାଲ୍, ଗଗନ ଦାସ, ସୁକାନ୍ତ ଦାସ, ଶୋଭାଗିନୀ ଦେବୀ, ପ୍ରଫୁଲ୍ଲ ନାଏକ, ବିଜୟ ମିଶ୍ର, ନରେନ ସିଂ, ପ୍ରେମାନନ୍ଦ ମହାନ୍ତି, ସୁରଥ ରଥ, ଡିଲେଶ୍ୱର ବେହେରା, ଶରତ ଦାସ, ଜିନେଶ ସାହୁ, ଦୁଷ୍ମନ୍ତ କାଞ୍ଜି, ରମାକାନ୍ତ ସାମଲ, ଗଦାଧର ପାତ୍ର ପ୍ରମୁଖଙ୍କ ସହ ଶତାଧିକ ସଦସ୍ୟ ସାମିଲ ହୋଇଥିଲେ ।




---

## ବିଜୁବାବୁଙ୍କ ୨୯ତମ ଶ୍ରାଦ୍ଧ ଦିବସ ପାଳିତ



ତାଳଚେର,୧୮ ।୪(ସମିସ): ତାଳଚେରର ବିଭିନ୍ନ ଅନୁଷ୍ଠାନ ଓ ବିଜୁପ୍ରେମୀଙ୍କ ପକ୍ଷରୁ ଦେଉଳବେଡ଼ାସ୍ଥିତ ପୂର୍ବତନ ସାଂସଦ ମହେଶ ସାହୁଙ୍କ କାର୍ଯ୍ୟାଳୟରେ ପ୍ରବାଦପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧଦିବସ ପାଳିତ ହୋଇଛି । ପୂଜ୍ୟପୂଜା ସ୍ମୃତି ପରିଷଦ ସଭାପତି ଆଇନଜୀବୀ ହରେକୃଷ୍ଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ସାଂସଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁବାବୁଙ୍କ ଜୀବନୀ, ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ବିଜୁବାବୁ ଭାରତରତ୍ନ ପାଇବାକୁ ହକଦାର ବୋଲି ମତପ୍ରକାଶ ପାଇଥିଲା । ଏହି ଅବସରରେ ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନ ପକ୍ଷରୁ ଇଂ ରମେଶ ବେହେରା, ତାଳଚେର ବୁଦ୍ଧିଜୀବୀ ଫୋରମ୍‌ର ବିରଜା ଶଙ୍କର ମିଶ୍ର, ସିଟିଜେନ୍ ଫୋରମ୍‌ର ଜିତେନ୍ଦ୍ର ମହାପାତ୍ର, ଆଗେଇବା ଖବର କାଗଜ ପରିବାର ପକ୍ଷରୁ ତପନ କୁମାର ମହାରଣା, ତାଳଚେର ମହିଳା ସଂଗଠନର ପ୍ରତିନିଧି ମଣ୍ଡଳୀ, ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷା ଶୋଭଗିନୀ ଦେବୀ, ତାଳଚେର କଲେଜର ପୂର୍ବତନ ଅଧ୍ୟାପକ ବିନୟ ଖିଲାର, କୁଶବିହାରୀ ସାମଲ, ଲିପୁ ରଥ, ସୁଶୀଲ କୁମାର ନାୟକ, କାଳନ୍ଦୀ ସାମଲ ପ୍ରମୁଖ ଯୋଗଦେଇଥିଲେ । ଆଇନଜୀବୀ ନିର୍ମଳ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

## ● ଜୟ ଜଗନ୍ନାଥ ରାତ୍ର କ୍ରିକେଟ୍ କପ ଉଦଯାପିତ

## କୁଚିଣ୍ଡାକୁ ହରାଇ ସହିଦନଗର ଚାମ୍ପିଅନ




ପାଲଲହଡ଼ା,୧୮ ।୪(ସମିସ): ଜୟ ଜଗନ୍ନାଥ କ୍ରିକେଟ କ୍ଲବ ଦ୍ୱାରା ସ୍ଥାନୀୟ ଷ୍ଟାଡିୟମ୍‌ରେ ୩ ଦିନ ଧରି ଚାଲିଥିବା ସଟ ସର୍କଲ ରାତ୍ରକାଳୀନ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଛି । ୧୬ଟି ଦଳକୁ ନେଇ ଏହି ପ୍ରତିଯୋଗିତା ହୋଇଥିଲା । ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ସହିଦନଗର ଏବଂ କୁଚିଣ୍ଡା ମା' ପ୍ରଧାନୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସହିଦନଗର ଦଳ ୨୪ ରନରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ବିଜେପି ଜିଲ୍ଲା ସମ୍ପାଦକ ପ୍ରହ୍ଲାଦ ସାମଲ, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ଲିଙ୍ଗରାଜ ଦାସ, ପଞ୍ଚାନନ ସାହୁ, ମଣ୍ଡଳ ସଭାପତି ଆଶିଷ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶୁଭାଶିଷ ଜିତ ଓ ସୁମନ ପ୍ରଧାନ ଖେଳ ପରିଚାଳନା କରିଥିଲେ । କ୍ଲବ ସଭାପତି ପ୍ରକାଶ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ୪ ଡ୍ରୋନ ଜବତ; ୪ ଅଟକ


ଅନୁଗୋଳ,୧୮ ।୪(ସମିସ): ଶୁକ୍ରବାର ଅନୁଗୋଳ ଜିଲ୍ଲା ମହୋତ୍ସବ ଉଦଘାଟିତ ହୋଇଥିବା ବେଳେ ପ୍ରଥମ ସନ୍ଧ୍ୟାରେ ଡ୍ରୋନ କ୍ୟାମେରା ଉଡ଼ାଇ ୪ ଯୁବକ ଅକଳରେ ପଡ଼ିଛନ୍ତି । ମହୋତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ମଞ୍ଚ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ବିଭିନ୍ନ ଅଞ୍ଚଳର ୪ ଯୁବକ ଡ୍ରୋନ ଉଡ଼ାଇ ସୁଟିଂ କରୁଥିଲେ । ସୁରକ୍ଷା ଦୃଷ୍ଟିକୋଣରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମୟରେ କେବଳ ପ୍ରଶାସନ ପକ୍ଷରୁ ଡ୍ରୋନ ବ୍ୟତୀତ ଅନ୍ୟ ଡ୍ରୋନଗୁଡ଼ିକ ଉଡ଼ାଣ ଉପରେ କଟକଣା ଜାରି କରାଯାଇଥିଲା । କିନ୍ତୁ ଏହି ୪ ଜଣ ଅମାନିଆ ଡ୍ରୋନ ଉଡ଼ାଉଥିବାରୁ ସେମାନଙ୍କ ଡ୍ରୋନ ଜବତ କରାଯିବା ସହ ପୁଲିସ ସମସ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି ।

## ୱାଗନରେ ପାଲଭିଡ଼ା ନେଇ ଦାବିପତ୍ର ପ୍ରଦାନ




ତାଳଚେର,୧୮ ।୪(ସମିସ): ତାଳଚେରର ବିଭିନ୍ନ କୋଇଲା ଖଣିରୁ ରେଳ ଯୋଗେ କୋଇଲା ପରିବହନ ହେଉଥିବା କୋଇଲା ର୍‌ୟାକ୍ ଓ ଗାଡ଼ିକୁ ପାଲ ଟାଣି ଘୋଡ଼ାଇ ନେବା ବ୍ୟବସ୍ଥା ଥିବାବେଳେ ତାହାକୁ ଅନୁପାଳନ କରାଯାଉ ନାହିଁ । ପାଲ ଭିଡ଼ି କୋଇଲା ପରିବହନ କରିବାକୁ ଜାତୀୟ ଗ୍ରୀନ୍ ଟ୍ରିବୁନାଲ୍ (ଏନ୍‌ଜିଟି) ମଧ୍ୟ ପୂର୍ବତଟ ରେଳପଥ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ସ୍ୱେଚ୍ଛାସେବୀ ରାଜକିଶୋର ସାହୁ ଏନେଇ ୨୦୨୫ ଡିସେମ୍ବର ୪ରେ ଏନ୍‌ଜିଟିଙ୍କ ପାଖରେ ମାମଲା ରୁଜୁ କରିବା ପରେ ଟ୍ରିବୁନାଲ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏନେଇ ଆଇଏଏଫ୍ ଅଧିକାରୀ ଡ. ମନୋଜ ଭି ନୟାର ଏନ୍‌ଜିଟି ପାଖରେ ୨୦୨୬ ଏପ୍ରିଲ ୧୩ରେ ଏକ ସତ୍ୟପାଠ ଜରିଆରେ ଦାଖଲ କରିଛନ୍ତି । ତଥାପି ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ । ଏ ନେଇ ଶନିବାର ରାଜକିଶୋର ସାହୁଙ୍କ ନେତୃତ୍ୱରେ ଶତାଧିକ ଜନସାଧାରଣ ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କୁ ଭେଟି ସତ୍ୟପାଠର ନକଲ ପ୍ରଦାନ କରିଛନ୍ତି ।

## ରୋଟାରୀ ପବ୍ଲିକ ସ୍କୁଲ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ଅନୁଗୋଳ,୧୮ ।୪(ସମିସ): ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ରୋଟାରୀ ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀମାନେ ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ଅଭୂତପୂର୍ବ ସଫଳତା ପାଇଛନ୍ତି । ବିଦ୍ୟାଳୟର ୧୩୩ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବେ ବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୧୫ ଜଣ ୯୫ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ୨୫ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଆୟୁଷ ପ୍ରିୟଦର୍ଶନ କର, ଦେବରୋଜ ସିଂହ ଏବଂ ଲେଭିନା ପ୍ରିୟଦର୍ଶିନୀ ସାହୁ ୯୬.୨ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି । କରନ୍ ଗୁରୁ, ପ୍ରତ୍ୟୁଷ ସାହୁ, ଅନୁଷ୍କା ସାହୁ, ନୂତନ ନିଖିଲେଶ, ବିଭୂଷା ବିଜୟ, ସୁହାନା ଦେହୁରୀ, ଅଂଶୁମାନ ସାହୁ, ଆର୍ଯ୍ୟନ ଜାଙ୍ଗିଡ଼, ଅଂଶିତା ପ୍ରଧାନ, କେ ସାଇ ଆଦିତ୍ୟ, ଋଷିକେଶ ଦେହୁରୀ ଏବଂ ଅର୍ଯ୍ୟମାନ ମେକାପ ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି । ବିଦ୍ୟାଳୟ ପକ୍ଷରୁ ସମସ୍ତ କୃତୀ ଛାତ୍ରଛାତ୍ରୀ ସମେତ ସେମାନଙ୍କ ଅଭିଭାବକଙ୍କୁ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡ. ଅଶୋକ କୁମାର ବେହେରା, ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା ଏବଂ ପ୍ରଧାନଶିକ୍ଷୟିତ୍ରୀ କଳ୍ପଲତା ଦାଶ ସମ୍ବର୍ଦ୍ଧିତ କରିଛନ୍ତି । ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରୋଟାରିଆନ ଶୁଦ୍ଧୀନ୍ଦ୍ର ମୋହନ ଜେନା ଏବଂ ଅନ୍ୟ ସଭ୍ୟମାନେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ମା’ ବାଲୁଙ୍କେଶ୍ୱରୀଙ୍କ ପୀଠରେ ଭାଗବତ ପାରାୟଣ

ପଟ୍ଟାମୁଣ୍ଡାଇ,୧୮।୪(ସମିସ): ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧୀନ ବାଲିପଡ଼ା ଗ୍ରାମର ଗ୍ରାମଦେବତୀ ମା’ ବରାଳ ବାଲୁଙ୍କେଶ୍ୱରୀଙ୍କ ପୀଠରେ ୯୪ତମ ଶ୍ରୀମଦ୍ ଭାଗବତ ପାରାୟଣ ଓ ହରିହାଟ ଅନୁଷ୍ଠିତ ହୋଇଯାଇଛି। ପ୍ରବଚକ ଭାବେ ପଣ୍ଡିତ ବିଭୂତି ମୋହନ ପଣ୍ଡା, କୃପାସିନ୍ଧୁ ଦାଶ, ପ୍ରଶାନ୍ତ ମହାପାତ୍ର, ଗୋଲେଖ ବେହେରା ପ୍ରମୁଖ ଭାଗବତ କଥାବସ୍ତୁକୁ ନେଇ ଆଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରିଥିଲେ। ଏ ଅବସରରେ ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ବିଧାୟକ ଧ୍ରୁବ ସାହୁ, ପୌରାଧ୍ୟକ୍ଷ ହେମନ୍ତ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମା’ ବାଲୁଙ୍କେଶ୍ୱରୀ ମନ୍ଦିର ପରିଚାଳନା କମିଟି ସଭାପତି ଥାନପତି ରବୀନ୍ଦ୍ର ସାହୁ, ଦେବେନ୍ଦ୍ର ସାହୁ, ରଞ୍ଜନ ସାହୁ, ସଞ୍ଜୟ ତ୍ରିପାଠୀ, ତ୍ରୈଲୋକ୍ୟ ଦାସ, ମନୋରଞ୍ଜନ ସାହୁ, କାଉନସିଲର ପ୍ରଶାନ୍ତ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

## ସିବିଏସଇ ପରୀକ୍ଷାରେ ଅର୍ଚ୍ଚିତା ସଫଳ



ରାଜନଗର,୧୮।୪(ସମିସ): ରାଜନଗର ସେଣ୍ଟ ଜାଭିୟର ହାଇସ୍କୁଲ ଛାତ୍ରୀ ଅର୍ଚ୍ଚିତା ରାଉତ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଦଶମ ପରୀକ୍ଷାରେ ୯୪ ପ୍ରତିଶତ ନମ୍ବର ରଖି ହାଇସ୍କୁଲର ସୁନାମ ଆଣିଛନ୍ତି। ଅର୍ଚ୍ଚିତା ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଜନସେବାରେ ନିଜକୁ ସମର୍ପଣ କରିବାକୁ ଆଶା ରଖିଛନ୍ତି। ଏହି ସଫଳତା ପଛରେ ମାଆ ଜାନକୀ ସ୍ୱାଇଁ, ପିତା ଅନନ୍ତ ନାରାୟଣ ରାଉତ, ଜେଜେ ମହେଶ୍ୱର ରାଉତ, ଜେଜେମା ଶୁଭାସିନୀ ରାଉତଙ୍କ ପ୍ରେରଣା ଓ ସ୍କୁଲର ଗୁରୁଜୀ ଗୁରୁମାଙ୍କ ଆଶୀର୍ବାଦ ଥିବା ଛାତ୍ରୀ ଅର୍ଚ୍ଚିତା ପ୍ରକାଶ କରଛନ୍ତି।

## ସିବିଏସଇ ଦଶମ ପରୀକ୍ଷାରେ ଜାଭିୟର ହାଇସ୍କୁଲର ସଫଳତା

ପଟ୍ଟାମୁଣ୍ଡାଇ,୧୮।୪(ସମିସ): କେନ୍ଦ୍ରୀୟ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ଦଶମ ଶ୍ରେଣୀ ପରୀକ୍ଷାରେ ପଟ୍ଟାମୁଣ୍ଡାଇ ବ୍ଲକ ବନ୍ତୋ ଜାଭିୟର ହାଇସ୍କୁଲ ଛାତ୍ରଛାତ୍ରୀ ଶତପ୍ରତିଶତ



ସଫଳତା ହାସଲ କରିଛନ୍ତି। ବିଭୂତି ଭୂଷଣ ନାଥ ୯୨ ପ୍ରତିଶତ ମାର୍କ ରଖି ବ୍ଲକ୍ ଟପ୍ପର ହୋଇଥିବାବେଳେ ନିଶିକାନ୍ତ ସାହୁ ୭୬ ପ୍ରତିଶତ, ସନ୍ଦୀପ ନାଥ ୭୫ ପ୍ରତିଶତ, ସିମରନ ପାଗଳ ୬୧ ପ୍ରତିଶତ ଓ ବିମଳ ବେହେରା ୬୦ ପ୍ରତିଶତ ମାର୍କ ରଖି ସ୍କୁଲର ଗୌରବ ବୃଦ୍ଧି କରିଛନ୍ତି। ଛାତ୍ରଛାତ୍ରୀ ସେମାନଙ୍କ ସଫଳତା ପାଇଁ ପିତାମାତା, ସ୍କୁଲ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ଦାଶ ଓ ପରିଚାଳକ ବ୍ରଜକିଶୋର ପାଗଳଙ୍କୁ ଶ୍ରେୟ ଦେଇଛନ୍ତି। ବିଭୂତି ଭୂଷଣ ତାଙ୍କ ସଫଳତା ପାଇଁ ପିତା ବିଜୟ ନାଥ, ମାତା ମମତାମୟୀଙ୍କ ସମେତ ସ୍କୁଲ ଅଧ୍ୟକ୍ଷା ଓ ପରିଚାଳକଙ୍କୁ ଶ୍ରେୟ ଦେଇଛନ୍ତି। ସେଣ୍ଟ ଜାଭିୟର ହାଇସ୍କୁଲର ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ମାଳିପୁରରେ ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ପଟ୍ଟାମୁଣ୍ଡାଇ,୧୮।୪(ସମିସ): ଶାସନ ପଞ୍ଚାୟତ ମାଳିପୁର ଗ୍ରାମର ଜ୍ୟୋତି ପ୍ରକାଶ ମଲିକଙ୍କ ଘରେ ଆଜି ଅଗ୍ନିକାଣ୍ଡ ଘଟି ୨ ବଖରା ଘର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ଅଟକଳରୁ ଜଣାପଡିଛି। ପଟ୍ଟାମୁଣ୍ଡାଇରୁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସହାୟତା ପାଇଁ ଦାବି ହେଉଛି।

## ସିକୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ରାଜକନିକା,୧୮।୪(ସମିସ): ସିକୋସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ବାସନ୍ତୀ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସରୋଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରାଜକନିକା ବିଇଓ ରତିକାନ୍ତ ସେନାପତି, ମୁଖ୍ୟବକ୍ତା ସମାଜସେବୀ ପ୍ରଶାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଗଙ୍ଗାଧର ବେହେରା, ସମିତି ସଭ୍ୟ ଅମିତ ନାୟକ, ସିଆରସିସି ପ୍ରଫୁଲ୍ଲ ଶତପଥୀ, ସମ୍ପାଦକ ନିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ କୋମଳମତି ଶିଶୁଙ୍କ ଶୃଙ୍ଖଳିତ ଶିକ୍ଷାଦାନ ଓ ବୌଦ୍ଧିକ ଅଭିବୃଦ୍ଧି ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନଆଚାର୍ଯ୍ୟା ରୀତାଞ୍ଜଳି ମହାପାତ୍ର ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ। ପରିଚାଳନା ସମିତି ସଦସ୍ୟ ସନ୍ତୋଷ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆଇନଜୀବୀ ପ୍ରଭାତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, ୧୮।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୋର୍ଟର ଯୁବ ଆଇନଜୀବୀ ସ୍ୱର୍ଗତ ପ୍ରଭାତ ରଞ୍ଜନ ଦାସଙ୍କ ଷୋଡଶ କର୍ମଦିବସ ଅବସରରେ ବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡସାହିସ୍ଥ ତାଙ୍କ ବାସଭବନରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଅତିଥିମାନେ ତାଙ୍କର ଅକାଳ ବିୟୋଗକୁ ଗଭୀର ଶୋକର ସହିତ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରିଷ୍ଠ ଆଇନଜୀବୀ ନିରଞ୍ଜନ ଗୋଚ୍ଛାୟତ, ଦୁର୍ଯ୍ୟୋଧନ ସାହୁ, ବିଜେପି



କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ସରୋଜ ସାହୁ, ସରପଞ୍ଚ ପ୍ରତିନିଧି ଶୁଦ୍ଧଦେବ ବେହେରା, କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘ ସଭାପତି ରବି ମହାନ୍ତି, ସମ୍ପାଦକ ନିହାର ମହାପାତ୍ର, କୋଷାଧ୍ୟକ୍ଷ ରାଜୀବ ପାତ୍ର, ମହେଶ୍ୱର ବେହେରା, ବିଚିତ୍ରାନନ୍ଦ ବେହେରା, ଚକ୍ରଧର ରାଉତ, ନେହେରୁ ସାହୁ, ବିଭୂତି ଭୂଷଣ କର, ବିନୋଦ ବେହେରା, ଜ୍ୟୋତିର୍ମୟୀ ସ୍ୱାଇଁ, ଶଙ୍କର୍ଷଣ ରାଉତ, ଯଶୋବନ୍ତ ରାଉତ ଓ ଅମରେଶ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଶ୍ରୀଧର ବେହେରା, ମାର୍ଶାଘାଇ କଲେଜ ଛାତ୍ର ସଂସଦର ପ୍ରାକ୍ତନ ସଭାପତି ନଳିନୀକାନ୍ତ ପଣ୍ଡା, ରଶ୍ମିରଞ୍ଜନ ବେଉରା, ସଂଗ୍ରାମ ବେଉରା, ଜିତେନ୍ଦ୍ର ଲେଙ୍କା, ଆଦିତ୍ୟ ପଟ୍ଟନାୟକ, ପ୍ରାକ୍ତନ ସମ୍ପାଦକ ସୁବ୍ରତ ପ୍ରଧାନ, ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ପାଟକୁରାରେ ରାଜନୈତିକ ଚର୍ଚ୍ଚା

# ନବୀନ ଏବେ ବି ଲୋକପ୍ରିୟ, ଭୁଶୁଡୁଛି ବିଜୟଙ୍କ ସଂଗଠନ

ଭୁବନେଶ୍ୱର, ୧୮।୪(ସମିସ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଟକୁରାରେ ଖୁବ୍ ଧୁମଧାମରେ ପାଳିତ ହୋଇଯାଇଛି। ବିଜେଡି ଜିଲ୍ଲା ଯୁବ ସଭାପତି ରାଜେଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଶାଳ ସମାବେଶରେ ୪ ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ଯୋଗଦାନ କୁ ନେଇ ଏବେ ପାଟକୁରାରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ଉପସ୍ଥିତିରେ ପାଟକୁରାରେ କୁହାଯାଉଥିବା ଟାଣୁଆ ନେତା ବିଜୟ ମହାପାତ୍ର ଓ ତାଙ୍କର ନବନିର୍ବାଚିତ ବିଧାୟକ ପୁତ୍ର ଅରବିନ୍ଦ ମହାପାତ୍ରଙ୍କ ସଂଗଠନକୁ କିପରି ଭାଙ୍ଗି ଦିଆଯାଇପାରିବ, ସେନେଇ ବି ସବୁ ବ୍ୟବସ୍ଥା ହୋଇଥିଲା। କାରଣ ଏହି ଅବସରରେ ବିଜୟଙ୍କ ଟାଣୁଆ ବା ଡାହାଣ ହାତ କୁହାଯାଉଥିବା ତଥା ପୂର୍ବତନ ବିଜେପି ସଭାପତି ଅମୀୟ ପରିଜା, ବିଜୟଙ୍କ ସମୟରେ ଏକଦା ଥିବା ଅନୁଗତ ତଥା ଘନିଷ୍ଠ କୁହାଯାଉଥିବା ଗରଦପୁର ବ୍ଲକ ଉପାଧ୍ୟକ୍ଷ ଥିବା ପ୍ରଫୁଲ୍ଲ ସିଂ ଓ ତେଣ୍ଡାକୁଡ଼ା ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାନ୍ତି, ପଦ୍ମପୁରର ପୂର୍ବତନ ସମିତି ସଭ୍ୟ ଭଜହରି ସେନାପତି, ବିଜୟଙ୍କ ରାଜନୈତିକ ଜୀବନରେ ଆଦ୍ୟରୁ ଥିବା ଅତ୍ୟନ୍ତ ବିଶ୍ୱସ୍ତ ପ୍ରତାପ ପାଣି, ଭୂନାଥ ମହାନ୍ତି, ନୃସିଂହ ସାମଲ ଓ ଗୋପାଳ ସାହୁ ପ୍ରମୁଖ ବିଜୟ ଓ ଅରବିନ୍ଦଙ୍କୁ ଛାଡ଼ି ବିଜେଡିରେ ମିଶିବା ଏବେ ପାଟକୁରାରେ ସବୁଠି ଆଲୋଚନା ବିଷୟ ସହିତ ସମସ୍ତେ ଚକିତ ହୋଇଛନ୍ତି।

ଏତିକି ନୁହେଁ ରାଜା ବହୁଦିନ କାଳ ପୂର୍ବତନ ମନ୍ତ୍ରୀ ବେଦପ୍ରକାଶ ଅଗ୍ରୱାଲଙ୍କ ସାରଥୀ ହୋଇଥିବା ହେତୁ ତାଙ୍କୁ ପାଣିପାଗ ଦେଖି ଗୋଟି ଚଳାଇବା ବେଶ୍ ଜଣା ବୋଲି ସମସ୍ତେ ଜାଣନ୍ତି। ସେଥିପାଇଁ ସେ ଗତ ପଞ୍ଚାୟତ ନିର୍ବାଚନରେ ବିଜୟଙ୍କୁ ମୋହରା କରି ନିଜ ଅନୁଗତ ତଥା ପଦ୍ମପୁର ସମିତି ସଭ୍ୟ ଅଭୟ ମହାରାଜଙ୍କୁ ଗରଦପୁର ବ୍ଲକ ଅଧ୍ୟକ୍ଷ କରିବାରେ ସଫଳ ହୋଇଥିଲେ। ଏବେ ଅଭୟ ବିଜୟଙ୍କ ଶିବିରରେ ଥିଲେ ମଧ୍ୟ ମନ କଳିକତା ଦେହ ଓଡ଼ିଶା ଭଳି ରାଜାଙ୍କ ନିର୍ଦ୍ଦେଶକୁ ଚାତକ ପରି ଚାହିଁ ରହିଛନ୍ତି। ଏହାଛଡା କଂଗ୍ରେସ ଓ ବିଜେପିର କିଛି ଟାଣୁଆ କର୍ମୀ ମଧ୍ୟ ନିଜ ନିଜ ଦଳ ଛାଡ଼ି ବିଜେଡିରେ ତିରୋଧାନ ଦିବସରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ଭରସା କରି ସାମିଲ ହେବା ନେଇ କଂଗ୍ରେସ ଓ ବିଜେପି ଶିବିରରେ ମଧ୍ୟ ଛନକା ପଶିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏହାଛଡ଼ା ପୂର୍ବ ବିଜେଡି ସରକାରରେ ମହିଳାମାନେ କିପରି ପାଟକୁରାରେ ସ୍ୱାଭିମାନ ସହିତ ରାଜନୀତି କରିବେ, ସେନେଇ ଯଥେଷ୍ଟ ସଚେତନ ଥିବା ବିଜେଡି ତିରୋଧାନ ଦିବସରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଆଣି ସଭାସ୍ଥଳରେ ଏକଜୁଟ କରାଇବାରେ ମଧ୍ୟ ସଫଳ ହୋଇଥିଲା।

ଅପରପକ୍ଷରେ ଭୁବନେଶ୍ୱରରେ ନାଗରିକ ମଞ୍ଚ ଦ୍ୱାରା ତଥା ଆବାହକ ବିଜୟ ମହାପାତ୍ରଙ୍କ ଆବାହକତ୍ୱରେ ତିରୋଧାନ ଦିବସ ପାଳିତ ହୋଇଥିଲେ ହେଁ ବିଜୟ ବା ଅରବିନ୍ଦଙ୍କ କେତେକ ଛାମୁଆଁ କର୍ମୀ ଭୁବନେଶ୍ୱର ନ ଯିବା ନେଇ ଦେଖିବାକୁ ମିଳିଥିଲା। କାରଣ ଆସନ୍ତା ପଞ୍ଚାୟତ ନିର୍ବାଚନରେ ବିଜେଡି ନିଜ ଚିହ୍ନରେ ଲଢ଼ିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବାବେଳେ ବିଜୟ ବା ଅରବିନ୍ଦଙ୍କ ସମର୍ଥକ କେଉଁ ଚିହ୍ନରେ ଲଢ଼ିବେ, ସେନେଇ ଆଶାୟୀ ଥିବା କର୍ମୀ ବା ନେତା ମୁହଁ ଲୁଚା ଦେଇ ଭୁବନେଶ୍ୱର ଯାଇନାହାନ୍ତି କି ତାଙ୍କର ଅନୁଗାମୀଙ୍କୁ ପଠାଇ ନ ଥିବା କୁହାକୁହି ହେଉଛନ୍ତି। କେବଳ ସେତିକି ନୁହେଁ; ତିରୋଧାନ ଦିବସ କିପରି ସୁରୁଖୁରୁରେ ପାଳିତ ଓ ସଫଳ ହେବ, ସେନେଇ ବିଜେଡିର ସମସ୍ତ ଗୋଷ୍ଠୀ ନିଜ ନିଜ ଭିତରେ ଥିବା ମନୋମାଳିନ୍ୟ ଭୁଲି ଏକାଠି ହୋଇଥିବାରୁ ସେମାନଙ୍କ ଆଗରେ ବିଧାୟକଙ୍କ ସମର୍ଥକ ଏବେ କ’ଣ କରିବେ, ସେନେଇ ବି ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ ବିଜୟ ମହାପାତ୍ରଙ୍କ ପୁତ୍ର ଅରବିନ୍ଦ ବିଜେଡି ଟିକେଟ ପାଇଥିଲେ ବି ତଳକୁସମାସ୍ତ ରେଣୁକା ମଣ୍ଡପରେ ରାଜାଙ୍କ ଅନୁଗତ ତଥା ଜିଲ୍ଲା ପରିଷଦ ସଭ୍ୟା ଏଲିଜା ସ୍ୱାଇଁ ଓ ପୂର୍ବତନ ସମିତି ସଭ୍ୟ ପ୍ରହ୍ଲାଦ ସାହୁ ଅରବିନ୍ଦ ବିଜେଡି ଟିକେଟ ପାଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ। ତେବେ ଶୀର୍ଷ ନେତୃତ୍ୱ ଅରବିନ୍ଦଙ୍କୁ ଟିକଟ ଦେଇଥିବାରୁ ମିଳିମିଶି ଅରବିନ୍ଦଙ୍କୁ ଜିତାଇବା ପାଇଁ ରାଜା ଅନୁରୋଧ କରିବା ପରେ ଅରବିନ୍ଦ ମହାପାତ୍ର ଅନ୍ୟୁନ ୧୩ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଅରବିନ୍ଦ ନିର୍ବାଚନ ଜିତିବାପରେ ତାଙ୍କର ନିଜ ଲୋକଙ୍କୁ ଠିକାଦାରି ଦେବା, ପୂର୍ବ ବିଜେଡି ସରକାରରେ କାମ ପାଇଥିବା ବିଜେଡି କର୍ମୀଙ୍କ କାମ ବାତିଲ କରିବା ଓ ନିଜ କର୍ମୀଙ୍କୁ କାମ ଦେବା ସହ ଇଂଜିନିୟରିଂ ବିଭାଗରୁ ଚାନ୍ଦା ନେବା ନେଇ ବହୁ ଦିନରୁ ବିଜେଡିରେ ଥିବା କର୍ମୀ ଅସହାୟ ହୋଇଥିଲେ। ତେବେ ଏହି ଖବର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଖରେ ପହଞ୍ଚାଇବା ଓ ତାଙ୍କୁ ନିଲମ୍ବନ କରିବା ପରେ ମୂଳ ବିଜେଡି କର୍ମୀଙ୍କ ମନୋବଳ ବଢିବା ସହ ପୁନର୍ବାର ବିଜେଡିକୁ ଫେରିବା ଓ ରାଜାଙ୍କ ନେତୃତ୍ୱକୁ ବି ଗ୍ରହଣ କରି ନେଇଛନ୍ତି। ଖାଲି ସେତିକି ନୁହେଁ; ଗରଦପୁର ବ୍ଲକର କେତେକ ପୂର୍ବତନ ଅଧ୍ୟକ୍ଷ ପୂର୍ବତନ ସରପଞ୍ଚଙ୍କ ସମେତ ଡେରାବିଶ ଓ ମାର୍ଶାଘାଇ ବ୍ଲକ୍‌ର ବହୁ କର୍ମୀ ଅନ୍ୟ ଦଳ ଛାଡ଼ି ବିଜେଡିରେ ଯୋଗଦାନ ନେଇ ଶୁଣିବାକୁ ମିଳୁଛି। ଏହାପରେ ବି ଗତ କିଛି ମାସ ତଳେ ଏବେକାର ପାଟକୁରା ନିର୍ବାଚନମଣ୍ଡଳୀର କିଛି ସମିତି ସଭ୍ୟ ଓ ସରପଞ୍ଚ ଓଲାଶୁଣି ଗୁମ୍ଫାଠାରେ ଗୁପ୍ତରେ ବୈଠକ କରିଥିବା ନେଇ ସାମାଜିକ ଗଣମାଧ୍ୟମରେ ଆଲୋଚନାର ବିଷୟବସ୍ତୁ ପାଲଟିଥିଲା। ତେବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ବିଜେଡିରୁ ନିଲମ୍ବନ ହେବା ପରେ ବିଜେଡି ସୁପ୍ରିମୋ ପାଟକୁରାକୁ ନୂଆ ନେତା ଦେବେ ବୋଲି କହିଥିଲେ। ପଞ୍ଚାୟତ ନିର୍ବାଚନ ଆଉ କିଛି ମାସ ରହିଥିବାବେଳେ ପାଟକୁରାରେ ବିଜେଡି ନେତା ଶୂନ୍ୟ ହେବା ନେଇ ବି ସାଧାରଣ ଲୋକଙ୍କ ମନରେ ବି ଭ୍ରାନ୍ତି ରହିଛି। ବିଜେଡି ସୁପ୍ରିମୋ କାହାକୁ ପାଟକୁରା ଦାୟିତ୍ୱ ଦେବେ, ସେନେଇ ବିଭିନ୍ନ ନେତାଙ୍କ ନାମ ଶୁଣିବାକୁ ମିଳୁଛି। ତେବେ ପାଟକୁରା ଏବେ ବି ନବୀନଙ୍କ ଉପରେ ଭରସା ରଖିଛି ଓ ନବୀନ ପାଟକୁରାରେ ଗଡ଼ ସମ୍ଭାଳିବା ପାଇଁ କାହାକୁ ଆଗକୁ ଛାଡୁଛନ୍ତି, ତା’ଉପରେ ସମସ୍ତଙ୍କର ନଜର ରହିଛି।

## ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଡେରାବିଶ, ୧୮।୪(ସମିସ): ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ାସ୍ଥ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟ ଭାରତୀ ସାଥୀ ସମାଜ ପରିସରରେ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଜୟ ଭାରତୀ ସାଥୀ ସମାଜ ଓ ଡେରାବିଶ ପଞ୍ଚାୟତ ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାତଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିର ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ଜରୁରିକାଳୀନ ବିଭାଗ ଦ୍ୱାରା ଆୟୋଜିତ ହେଉଛି। ଏହି ଶିବିରରେ ଡେରାବିଶ ବ୍ଲକର ମଙ୍ଗଳପୁର, ବେଣିପୁର, ମୁକୁନ୍ଦପୁର ପଞ୍ଚାୟତର ୫ଟି ଗାଁର ୫୦ ଜଣ ସ୍ୱେଚ୍ଛାସେବୀ ତାଲିମ ନେଉଛନ୍ତି। ଅତରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜରୁରିକାଳୀନ ଅଧିକାରୀ ନିତ୍ୟରଞ୍ଜନ ସାମଲ, ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଜୟ ମହାନ୍ତି ଯୋଗଦେଇ ଶିବିରାର୍ଥୀଙ୍କ ଉଦ୍ଦେଶ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରତ୍ୟେକ ଜୀବନ ମୂଲ୍ୟବାନ ସ୍ଲୋଗାନ ଆଧାରରେ ସରକାର ଏବେ ଗ୍ରାମାଞ୍ଚଳର ସ୍ୱେଚ୍ଛାସେବୀ ଚିହ୍ନଟ କରି ତାଲିମ ଦେବା ସହ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ତିଆରି କରି ତାହାର କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେବା ସହ ଏହା ଗ୍ରାମ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଉପସ୍ଥିତ ଅଧିକାରୀ ମତବ୍ୟକ୍ତ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବଙ୍କିମ ମିତ୍ର, ବାନାମ୍ବର ସାହୁ ଓ ଶ୍ରୀମତୀ ରାଓ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ଭୂକମ୍ପ, ସୁନାମୀ ଓ ଅଗ୍ନିକାଣ୍ଡ ଭଳି ବିପର୍ଯ୍ୟୟର ସମ୍ଭାବନାକୁ ଆଖି ଆଗରେ ରଖି ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଉପଚାର ବିଷୟରେ କୌଶଳ ମାନ ଶିକ୍ଷାଦାନ କରୁଛନ୍ତି। ଶିବିର ଆସନ୍ତା ୨୨ ତାରିଖ ଯାଏ ଚାଲିବ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଂଯୋଜିକା ମନୋରମା ରାଉତ ପରିଚାଳନା କରୁଛନ୍ତି।

## ପଟ୍ଟାମୁଣ୍ଡାଇ ମହିଳା କଲେଜ ରାଜନୀତି ବିଜ୍ଞାନ ଆଲୋଚନାଚକ୍ର




ପଟ୍ଟାମୁଣ୍ଡାଇ,୧୮।୪(ସମିସ): ପଟ୍ଟାମୁଣ୍ଡାଇ ମହିଳା ସ୍ନାତକ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ “ଇଣ୍ଡିଆସ ଏନର୍ଜି ସିକ୍ୟୁରିଟି ଆଣ୍ଡ ଡିପ୍ଲୋମାଟିକ ଷ୍ଟ୍ରାଟେଜି ଇନ ଦ ଇରାନ କ୍ରାଏସିସ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ରୀଧର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଶୁଭଶ୍ରୀ ପ୍ରିୟଦର୍ଶିନୀ ତରାଇ ସ୍ୱାଗତ ଭାଷଣ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ପ୍ରାକ୍ତନ ମୁଖ୍ୟ ଅଧ୍ୟାପିକା ଭାରତୀ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଷୟ ବିଶେଷଜ୍ଞ ଭାବେ ଲୋକନାଥ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ସୁଶାନ୍ତ ପରିଡ଼ା ଯୋଗଦେଇ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ମାର୍ଶାଘାଇ କଲେଜ ଅଧ୍ୟାପିକା ଡକ୍ଟର ଅନୁରାଧା ଦାସ ଯୋଗଦେଇ ଛାତ୍ରୀଙ୍କୁ ଇଣ୍ଡିଆସ ଏନର୍ଜି ସିକ୍ୟୁରିଟି ଉପରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ରାଜନୀତି ବିଜ୍ଞାନର ସମସ୍ତ ଛାତ୍ରୀ ଯୋଗ ଦେଇଥିଲେ। ଇତିହାସ ବିଭାଗ ମୁଖ୍ୟ ରମେଶ ସେଠୀ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ସରିତାରାଣୀ ଦାସ, ଜ୍ୟୋତିର୍ମୟୀ ଦାଶ ଓ କର୍ମଚାରୀ ନିର୍ମଳକ୍ରିଷ୍ଣା ସେଠୀ, ଆଶାଲତା ଦାସ ଓ ଛାତ୍ରୀ ରୁପାଲି, ବର୍ଷା ପ୍ରିୟାଦର୍ଶନୀ, ସ୍ମୃତିରାଣୀ, ହରପ୍ରିୟା, କାଜଲ, ଅନୁସୟା, ସୋନାଲି, ସ୍ୱାଗତିକା, ନିବେଦିତା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ନାବାଳିକା ଅପହରଣକାରୀ ଗିରଫ

ରାଜନଗର,୧୮।୪(ସମିସ): ରାଜନଗର ଥାନା ଅନ୍ତର୍ଗତ କେରଡ଼ଗଡ଼ ଗ୍ରାମର ରବୀନ୍ଦ୍ର ବେହେରାଙ୍କ ପୁଅ ସହଦେବ ବେହେରା ସେହି ଗ୍ରାମର ନାବାଳିକାକୁ ୨୦୨୧ ଡିସେମ୍ବର ୧୧ ତାରିଖରେ ଅପହରଣ କରି ନେଇଥିଲେ। ଏ ନେଇ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ରାଜନଗର ଥାନାରେ ୫୦୩/୨୧ରେ ମାମଲା ରୁଜୁ ହୋଇଥିଲା। ଗତକାଲି ରାତିରେ ରାଜନଗର ଥାନା ଇନ୍ସପେକ୍ଟର ନରେଶ ସାହୁଙ୍କ ନେତୃତ୍ୱରେ ଏକ ସର୍ଚ୍ଚ ଟିମ ପାଟ୍ରୋଲିଂ ମାଧ୍ୟମରେ ସହଦେବକୁ ଗିରଫ କରିଥିଲେ। ଏ ନେଇ ରାଜନଗର ଥାନାରେ ପକ୍‌ସୋ ଆଇନ ଅନୁସାରେ ମାମଲା ରୁଜୁ ହୋଇଥିବା ଆଇଆଇସି ଶ୍ରୀ ସାହୁ କହିଛନ୍ତି।

## ଜିଲ୍ଲାପାଳଙ୍କ ବିବି ମଡେଲ ହାଇସ୍କୁଲ ପରିଦର୍ଶନ

ଡେରାବିଶ, ୧୮।୪(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲିସ୍ଥ ବନମାଳୀ ବ୍ରହ୍ମଚାରୀ ମଡେଲ ହାଇସ୍କୁଲକୁ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ପରିଦର୍ଶନରେ ଆସିଥିଲେ। ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ବିଦ୍ୟାଳୟରେ ପହଞ୍ଚିବା ପରେ ପ୍ରଧାନଶିକ୍ଷକ ବିଶ୍ୱବିଜୟ ଦାସ, ଶିକ୍ଷକ ଆଲୋକ ଜେନା, ବିଶ୍ୱଜିତ ଦାଶ, ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ମିଶ୍ର ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଜିଲ୍ଲାପାଳ ବିଦ୍ୟାଳୟ ପରିସରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ନିମନ୍ତେ ନୂତନ ଭାବେ ନିର୍ମିତ ବିଦ୍ୟୋଦୟା ଭବନକୁ ଉଦ୍‌ଘାଟନ କରିଥିଲେ। ଏହି ଭବନରେ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷିତ ହେବା ସହ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ ନିମନ୍ତେ ଗଣିତ, ବିଜ୍ଞାନ, ଜୀବବିଜ୍ଞାନ, ପଦାର୍ଥ ବିଜ୍ଞାନ ସମ୍ପର୍କିତ କିଟ୍ ଦେଖିଥିଲେ। ପରେ



କିଟ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ କିଭଳି ଶିକ୍ଷାଦାନ କରାଯିବ, ସେ ସମ୍ପର୍କରେ ବୁଝିଥିଲେ ଓ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପରେ ବିଦ୍ୟାଳୟରେ ଶିକ୍ଷା ସମ୍ପର୍କୀୟ ସରକାରୀ ଯୋଜନା ଉଚିତ୍ ମାର୍ଗରେ ପରିଚାଳନା ହେଉଛି କି ନାହିଁ ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟର କର୍ମଚାରୀ ମଳୟ ରଥ ପରିଚାଳନାରେ ସହଯୋଗ କରିଥିଲେ।

## ଗୋବିନ୍ଦପୁର-ମାନପୁର ରାସ୍ତା ଶୋଚନୀୟ

ଗୋବିନ୍ଦପୁର,୧୮।୪(ସମିସ): ଆଳି ଧୋୟାଞ୍ଚଳର ମୁଖ୍ୟ ରାସ୍ତା ଗୋବିନ୍ଦପୁର-ମାନପୁର୍ ଆରଡି ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ଯାହାକି ଧୋୟାଞ୍ଚଳର ୧୦ ପଞ୍ଚାୟତବାସୀଙ୍କ ମୁଖ୍ୟ ସମସ୍ୟା ପାଲଟିଛି। ଉକ୍ତ ରାସ୍ତାର ଉନ୍ନତୀକରଣ ପାଇଁ ଦାବି ହୋଇଆସୁଥିଲେ ହେଁ ପ୍ରଶାସନ କର୍ଣ୍ଣପାତ କରୁନାହିଁ। ଏହି ରାସ୍ତା କେନ୍ଦ୍ରାପଡା ତୁଳସୀ କ୍ଷେତ୍ରରୁ ଯାଜପୁର ବିରଜା କ୍ଷେତ୍ରକୁ ସଂଯୋଗୀକାରଣ ରାସ୍ତା। ବ୍ଲକ, ତହସିଲ, କୋର୍ଟ ଓ ଜିଲ୍ଲା ସଦର ମହକୁମାକୁ ଯିବାକୁ ଏକମାତ୍ର ରାସ୍ତା। ଏବେ ବିଭାଗୀୟ ଅଧିକାରୀ ରାସ୍ତା କାର୍ଯ୍ୟ କରିବାକୁ ଚାହୁଁଥିବାବେଳେ ରାଜନୈତିକ ବ୍ୟକ୍ତିଙ୍କ ଟାଳଟୁଳ ନୀତି ଯୋଗୁଁ ରାସ୍ତା କାମ ଆଗେଇ ପାରୁ ନ



ଥିବା ଅଭିଯୋଗ ହେଉଛି। ରାସ୍ତା କାମ ତ୍ୱରାନିତ ନ ହେଲେ ଧୋୟାଞ୍ଚଳର ୧୦ଟି ପଞ୍ଚାୟତର ଜନସାଧାରଣ ଓ ଜନପ୍ରତିନିଧି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ଗ୍ରାମ୍ୟ ଉନ୍ନୟନ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର

# ବିରୋଧ ପରେ ରାତିରେ ପୋଲର କଂକ୍ରିଟ ଭାଙ୍ଗିଲେ ଠିକାଦାର

ରାଜକନିକା,୧୮।୪(ସମିସ)

ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ରାତିରେ ପୋଲର କଂକ୍ରିଟ କାମ ହେଉଛି। ତାହା ପୁଣି ଅଳ୍ପ ସିମେଣ୍ଟରେ। ଯାହାକୁ ହାତରେ ମଧ୍ୟ ଛଡ଼େଇ ହେଉଛି। ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାମକୁ ମୂଳ ଠିକାଦାର ନ କରି ସ୍ଥାନୀୟ ଜଣେ ପେଟି ଠିକାଦାରକୁ ନିର୍ମାଣ ଦାୟିତ୍ୱ ଦେଇଥିବାରୁ ସେ ପ୍ରଭାବ ପକାଇ କାମ ନିମ୍ନମାନର କରିବା ଜାରି ରଖିଛନ୍ତି। ସ୍ଥିତି ଏମିତି ହୋଇଛି ଯେ ଯେଉଁମାନେ କାମର ମାନ ନେଇ କିଛି ପ୍ରଶ୍ନ କରୁଛନ୍ତି, ସମ୍ପୃକ୍ତ ପେଟି ଠିକାଦାର ବିଭାଗୀୟ ଯନ୍ତ୍ରୀଙ୍କ ଜ୍ଞାତସାରରେ ଅଧିକ ନିମ୍ନମାନର କରିବା ନାମ ଗୋପନ ରଖି ଜଣେ ସରପଞ୍ଚ କହିଛନ୍ତି। ତେବେ ଏ କାମକୁ ବିରୋଧ କରାଯିବାରୁ ରାତିରେ ପୋଲର କଂକ୍ରିଟକୁ ଠିକାଦାର ଭାଙ୍ଗି ଦେଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ-୨ କେନ୍ଦ୍ରାପଡ଼ାଙ୍କ ଅଧୀନରେ ଥିବା ରାଜକନିକା ଉପଖଣ୍ଡ ଅଧୀନ ଖୁଲାରୀଠାରୁ ଗାରଡ଼ପୁର ଯାଏ ୫ କିମି ରାସ୍ତା ନିର୍ମାଣ ପାଇଁ ୬ କୋଟି ୯୭ ଲକ୍ଷ ୩ ହଜାର ୧୬୪ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଚୁକ୍ତି ମୁତାବକ ଏହି ୫ କିମି ରାସ୍ତାରେ ୨ କିମି ୯୫୩ ମିଟର ପିଚୁ ହେବା ସହ ୨ କିମି ୦୬୫ ମିଟର ଢଳେଇ ରାସ୍ତା କରାଯିବାକୁ ଥିବାବେଳେ ଉଭୟ ପିଚୁ ଓ ଢଳେଇରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେଉଛି। ଏହି ୫ କିମି ରାସ୍ତାରେ ୧୧ଟି କଲଭର୍ଟ ଥିବାବେଳେ ସେଥିରୁ ବିଶ୍ୱନାଥପୁର, ଗାରଡ଼ପୁରଠାରେ ଛାତ



ପୋଲ କରାଯାଉଛି। ଏହି କାମ ପାଇଁ ଦିଲ୍ଲୀପ ସାମଲ ନାମକ ନିର୍ମାଣକାରୀ ସଂସ୍ଥା ଭାବେ କାମ କରୁଥିବା ଚୁକ୍ତି ହୋଇଥିବାବେଳେ କାମ ୨୦୨୪ ମାର୍ଚ୍ଚ ୧୫ରେ ଆରମ୍ଭ ହୋଇ ୨୦୨୪ ଡିସେମ୍ବର ୧୪ ତାରିଖରେ ଶେଷ ହେବାକୁ ଚୁକ୍ତି ହୋଇଥିଲା। ୨୦୨୬ରେ କାମ ଅଧା ମଧ୍ୟ ହୋଇନାହିଁ। ସବୁଠୁ ବଡ଼ କଥା ହେଉଛି କି ଯେଉଁ ମାନର ଯେଉଁ ଭଳି ଭାବେ ପୋଲ କାମ ହେଉଛି, ତାହାକୁ ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନାହିଁ। କଂକ୍ରିଟ କାମରେ ଅଳ୍ପ ପରିମାଣର ସିମେଣ୍ଟ ଦେବା ପରେ ସେସବୁ କଂକ୍ରିଟରେ କ୍ୟୁରିଙ୍ଗ ପାଇଁ ଆଦୌ ପାଣି ଦିଆଯାଉନାହିଁ। ଗାରଡ଼ପୁର ଗାଁ ନିକଟରେ ଏହି ପୋଲର ଢଳେଇ ରାତିରେ ହୋଇଥିବାବେଳେ ଏହାର ଗାର୍ଡୱାଲ ମଧ୍ୟ ବଙ୍କା ହୋଇଛି। ଢଳେଇକୁ ହାତରେ ଟାଣିଲେ ଝରି ପଡୁଥିବା ଦେଖି ଆଜି ଗାଁ ଲୋକେ ଏହାର ବିରୋଧ କରିଛନ୍ତି। ବିରୋଧ ପରେ ରାଜକନିକା ଉପଖଣ୍ଡର ଯନ୍ତ୍ରୀ ଆଜି ସକାଳେ ଯାଇ ଏହା ନିଜେ ଦେଖିବା ପରେ ନିଜ ଆଡୁ ଏହା ଖରାପ କାମ ହୋଇଥିବା କହି କାମ କରୁଥିବା ପେଟି ଠିକାଦାରଙ୍କୁ ନିମ୍ନମାନର କାମ ଭାଙ୍ଗି ଆଉ ଥରେ କରିବାକୁ କହିବା କାମର ମାନକୁ ପଦାରେ ପକାଇଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଅନୁଦାନରେ ଗମନାଗମନକୁ ସୁଦୃଢ଼ କରିବାକୁ ଉପଯୁକ୍ତ ଅର୍ଥ ଓ ବୈଷୟିକ ଡିଜାଇନ ଅନୁମୋଦନ କରି ଅର୍ଥ ମଞ୍ଜୁର ପରେ ବିଭାଗୀୟ ଯନ୍ତ୍ରୀ ଓ କାମ କରୁଥିବା ଠିକାଦାରଙ୍କ ମିଳିଭଗତରେ ରାସ୍ତା ନିମ୍ନମାନର ହେଉଥିବା ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଦୃଷ୍ଟି ଦେଇ ନିମ୍ନମାନର କାମ କରୁଥିବା ସଂସ୍ଥା ଓ ଯନ୍ତ୍ରୀଙ୍କ ବିରୁଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ଗୋ-ସମ୍ମାନ ଆହ୍ୱାନ ଅଭିଯାନ



ରାଜନଗର,୧୮।୪(ସମିସ): ସମଗ୍ର ଦେଶରେ ଗୋହତ୍ୟା ସମ୍ପୂର୍ଣ୍ଣ ସମାପ୍ତ କରିବା ଓ ଗୋମାତାଙ୍କୁ ରାଷ୍ଟ୍ରସ୍ତରୀୟ ସମ୍ମାନ ଦେବା ନିମନ୍ତେ ୨୭ ତାରିଖ ଗୋ-ସମ୍ମାନ ଦିବସ ପାଇଁ ବୈଠକ କରାଯାଇଛି। କେରଡାଗଡ଼ ପଞ୍ଚାୟତର ବାୟାବାବା ମଠରେ ବୈଠକେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରୀରାମ ସେନା ସଭାପତି ସାରଦାପ୍ରସାଦ ରାଉତଙ୍କ ସଂଯୋଜନାରେ ବହୁ ସାଧୁସନ୍ଥଙ୍କ ସହ ଭୁବନେଶ୍ୱରରୁ ଗୋରକ୍ଷକ ମୁଖ୍ୟ ସଂଗଠକ ଦେବାଶିଷ ନାୟକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ଦାସ, ଆଲୋକ ବେହେରା, ଶୁଭକାନ୍ତ ରାଉତ, ବିକାଶ ଖଣ୍ଡେଇ, ବିଶ୍ୱଜିତ ବାରିକ, ନିନା ଦାଶ, ବେବିନା ପ୍ରଧାନ, ସୁଭଦ୍ରା ରାଉତ, କବିତା ପ୍ରଧାନ, ପ୍ରଭାତୀ ପ୍ରଧାନ, ଅମର ରାଉତ, ଶୁଭଶ୍ରୀ ରାଉତ, ସବିତା ସାହୁ, ସିଲା ରାଉତ, କର୍ଣ୍ଣ ଚରଣ ପ୍ରଧାନ, ରଞ୍ଜନ ପ୍ରଧାନ, ପ୍ରଫୁଲ୍ଲ ଭୂଇଁ, ଶିବାନନ୍ଦ ରାଉତ, ସୁରେଶ ସାହୁ, ଭଗବାନ ରାଉତ, ଦେବେନ୍ଦ୍ର ସୂତାର, ଶିବରାମ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



# ଲଭ୍ ଜେହାଦ୍



ମହମ୍ମଦ ହିଫ୍‌ଜୁର ରହେମାନ୍

ଘନଶ୍ୟାମ ଛୋଟମୋଟ ବ୍ୟବସାୟ କରି ନିଜ ଗୁଜରାଣ ମେଣ୍ଟାନ୍ତି । ତାଙ୍କର ଗୋଟିଏ ବୋଲି ପୁଅ ବିକାଶ । ଘରୋଇ ସଂସ୍ଥାରେ ଚାକିରି ବି କଲା । ବାପା ପୁଅଙ୍କ ରୋଜଗାରରେ ଘର ଟିକେ ଭଲରେ ଚଳିଲା । ଘନଶ୍ୟାମ ହଠାତ୍ ଅସୁସ୍ଥ ହୋଇପଡ଼ିଲେ । ସଂଚିତ ଟଙ୍କା ଚିକିତ୍ସାରେ ପାଣି ଭଳି ବୋହିଗଲା । ତଥାପି ଦେହ ଭଲ ହେଉନଥିଲା । ବଡ଼ ଡାକ୍ତରଖାନାକୁ ନେଇ ଦେଖାଇବାରୁ ଡାକ୍ତର ହାର୍ଟ ଅପରେସନ୍ କଥା କହିଲେ । ଏଥିପାଇଁ ୩ ଲକ୍ଷ ଟଙ୍କା ଦରକାର । ଏତେ ଟଙ୍କା ଆସିବ କେଉଁଠୁ । ଚିକିତ୍ସା ପାଇଁ ଘନଶ୍ୟାମ ତାଙ୍କର ଦୋକାନ ବିକି ଦେଇଥିଲେ । ଏବେ ପୁଅ ଯାହା ରୋଜଗାର କରୁଛି, ସେଥିରେ ଏତେ ଟଙ୍କାର ଅପରେସନ୍ ସମ୍ଭବ ନଥିଲା । ଏହାକୁ ନେଇ ବିକାଶ ଚିନ୍ତାରେ ଥିଲା । ଘନଶ୍ୟାମଙ୍କ ସ୍ୱାସ୍ଥ୍ୟ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ଏହା ଦେଖି ତାଙ୍କ ପିଲାଦିନ ବନ୍ଧୁ ହନିଫ୍ ବି ବ୍ୟସ୍ତ ହୋଇପଡ଼ିଲେ । ବିକାଶକୁ ଡାକି କହିଲେ "ଆମେ କ'ଣ ଏମିତି ଘନକୁ ଛାଡ଼ିଦେବା? ସେ କେତେ ଛଟପଟ ହେଉଛି । କିଛି ଗୋଟିଏ କରିବା ନା । ପୁଅ ତୁ ଡାକ୍ତର ସହ କଥା ହୁଅ । ତା'ର ଅପରେସନ୍ କରାଇବା ।" ବିକାଶ ପଚାରିଲା, "ଚାଚା ଏତେ ଟଙ୍କା କେମିତି ଯୋଗାଡ଼ ହେବ?"

-"ତୁ ଚିନ୍ତା କରନା ପୁଅ । କିଛି ଗୋଟିଏ କରିବା । ତୁ ବି ଚେଷ୍ଟା କର, ମୁଁ ବି ଯୋଗାଡ଼ କରୁଛି । ଉପରବାଲା ଅଛି ।"

ହନିଫ୍ ଓ ଘନଶ୍ୟାମ ଖୁବ୍ ଅନ୍ତରଙ୍ଗ ବନ୍ଧୁ । ସ୍କୁଲ ବେଳରୁ ସେମାନଙ୍କ ମଧ୍ୟରେ ବନ୍ଧୁତା । ଗାଁରେ ସେମାନଙ୍କର ଯୋଡ଼ିକୁ ନେଇ ସବୁ ବେଳେ ଚର୍ଚ୍ଚା । ହନିଫ୍‌ଙ୍କର ଗୋଟିଏ ବୋଲି ଝିଅ ସଲ୍‌ମା । ପତ୍ନୀ କୁଲସୁମ୍ ରୋଗିଣା । ଦିନ ମଜୁରିଆ ହନିଫ୍ ଯାହା ରୋଜଗାର କରୁଥିଲେ, ସେଥିରେ ପରିବାର ପ୍ରତିପୋଷଣ ଭାରି କଷ୍ଟ ।

ଘନଶ୍ୟାମଙ୍କ ଅପରେସନ୍ ପାଇଁ ତାରିଖ ଠିକ୍ ହେଲା । ତାରିଖ ତ' ଡାକ୍ତର ବାବୁ କହିଦେଲେ ହେଲେ ଏତେ ଟଙ୍କା ଆସିବ କେଉଁଠୁ? ଚିନ୍ତାରେ ଥିଲା ବିକାଶ । ହନିଫ୍ ଚାଚା ସିନା କହିଦେଲେ, କିନ୍ତୁ ସେ ବି କେଉଁଠୁ ଯୋଗାଡ଼ କରିବେ? ଶଯ୍ୟାଶାୟୀ ବାପାଙ୍କ ପାଖରେ ବସି ବିକାଶ ଏମିତି ଚିନ୍ତା କଲା ବେଳେ ନର୍ସ ଆସି କହିଲେ, "ଆପଣଙ୍କୁ ଡାକ୍ତର ଡାକୁଛନ୍ତି ।" ବିକାଶ ଚିନ୍ତାରେ ପଡ଼ିଗଲା, ପଇସା ତ' ଯୋଗାଡ଼ ହୋଇପାରିଲା ନାହିଁ । ଡାକ୍ତରଙ୍କୁ କ'ଣ କହିବି ଆଉ? ଯାହା ଲାଗୁଛି, ବାପାଙ୍କୁ ଘରକୁ ନେଇଯିବାକୁ ଡାକ୍ତର କହିବେ ।

ବିକାଶ ଟଙ୍କା ଯୋଗାଡ଼କୁ ନେଇ ନିଜ ଅସହାୟତା କହିବାକୁ ଯାଉଥିବା ବେଳେ ଡାକ୍ତର କହିଲେ, "ବ୍ୟସ୍ତ ହୁଅନା । ଟଙ୍କା କଥା ଚିନ୍ତା କରନାହିଁ । ଅପରେସନ୍ ହୋଇଯିବ । ତୁମେ ଖାଲି ରକ୍ତ ଯୋଗାଡ଼ କର ।"

ଘନଶ୍ୟାମଙ୍କର ଅପରେସନ୍ ହେଲା । ସେ ଭଲ ହୋଇ ଘରକୁ ଫେରିଲେ । ସବୁ ଠିକ୍‌ଠାକ୍ ଥିବା ବେଳେ ଦୁଇ ମାସ ପରେ, ସେ ହଠାତ୍ ଆଖି ବୁଜିଦେଲେ । ଘନଶ୍ୟାମଙ୍କର ମୃତ୍ୟୁ ହନିଫ୍‌ଙ୍କ ପାଇଁ ବଡ଼ ସଦମା ଥିଲା । ସାଙ୍ଗଙ୍କୁ ଝୁରି ଝୁରି କିଛି ଦିନ ପରେ ହନିଫ୍ ମଧ୍ୟ ଚାଲିଗଲେ ।

ହଫିନ୍‌ଙ୍କ ଝିଅ ସଲ୍‌ମା ଉପରେ ଯେମିତି ଚଡ଼କ ପଡ଼ିଗଲା । ଘର ଚଳିବ କେମିତି? ବାହାଘର ସମୟ ବି ପାଖେଇ ଆସୁଛି । କେମିତି ଏତେ କଥା ଯୋଗାଡ଼ ହେବ? ଏହି ଚିନ୍ତାରେ ଥିବା ବେଳେ ହଠାତ୍ ମନେପଡ଼ିଲା । ଆରେ ବାପା ତ ତା' ବାହାଘର ପାଇଁ ମାମୁଁ ପାଖରେ ପଇସା ସଞ୍ଚୟ କରି ରଖିଛନ୍ତି । କିଛି ସୁନାଗହଣା ବି ରହିଛି ।

ସକାଳ ହେବା ସହିତ ସଲ୍‌ମା ବାହାରି ପଡ଼ିଲେ ମାମୁଁ ଘରକୁ । ସବୁ କଥା ଶୁଣିବା ପରେ ମାମୁଁ ତାକୁ ଯାହା ଉତ୍ତର ଦେଲେ ତାହା ଶୁଣି ସଲମାର ମୁଣ୍ଡ ଚକ୍କର ଖାଇଗଲା । ତାଙ୍କ ଆଖି ତଳେ ଅନ୍ଧାର ହୋଇଗଲା । ଏତେ ବଡ଼ ଧୋକା!

ଏକଥା ଶୁଣାଇବ କାହାକୁ? ମାମୁଁ ଯାହା କହିଲେ ତାକୁ ବିଶ୍ୱାସ ହେଉନଥିଲା । ଯିଏ ଶୁଣିବ ଛି ଛି କରିବ ।

ବିକାଶକୁ ଭେଟି ସବୁ କଥା କହିଲା ସଲ୍‌ମା । ବିକାଶକୁ ବି ବିଶ୍ୱାସ ହେଉନଥାଏ । ନା ନା ଚାଚା ଏମିତି କରିବେ ନାହିଁ । ସେ ଏମିତି ଲୋକ ନୁହନ୍ତି । ସେ ସଲ୍‌ମାକୁ ଭରସା ଦେଲା; "ତୁ ଜମା ବ୍ୟସ୍ତ ହନା । ତୋ ଭାଇ ମରିନି । ତୋର ସେଇଠି ବାହାଘର ହେବ, ଅଲବତ ହେବ । ଚାଚା ଥିଲା ବେଳେ ଯେଉଁ ତାରିଖ ସ୍ଥିର ହୋଇଥିଲା, ସେହି ତାରିଖରେ ହିଁ ହେବ ।"

ବାହାଘରକୁ ଆଉ ଆଠ ଦିନ ବାକି ଥିବା ବେଳେ ବିକାଶ ୫ ଲକ୍ଷ ଟଙ୍କା ନେଇ ସଲ୍‌ମା ପାଖକୁ ଆସିଲା । କହିଲା; "ଦେଖ୍ ତୋ ଭାଇ ତତେ କଥା ଦେଇଥିଲା । ତୋ ବାହାଘର ପୂରା ଧୁମଧାମରେ ହେବ । ସାରା ଗାଁ ଲୋକଙ୍କୁ ଭୋଜି ଦିଆଯିବ ।" ସଲ୍‌ମା ପଚାରିଲା, "ଭାଇ ଏତେ ଟଙ୍କା କେଉଁଠୁ ଆଣିଲ? ଶୁଝି ହେବ ନାହିଁ । ଥାଉ ଏବେ ବାହାଘରକୁ କିଛି ଦିନ ଘୁଞ୍ଚାଇ ଦେବା ।"

ବିକାଶ କହିଲା, "ପ୍ରଶ୍ନ ଉଠୁନି । ମୁଁ ତା'ର ବ୍ୟବସ୍ଥା କରିଛି । ଆମର ଗାଜିଆମୁଣ୍ଡାରେ ଗୋଟିଏ ଜାଗା ରହିଛି । ତାକୁ ବନ୍ଧକ ଦେଇ ଏହି ଟଙ୍କା ଆଣିଛି । ଆସ୍ତେ ଆସ୍ତେ ଶୁଝି ଦେବା ।" ବିକାଶର ଏତେ ନିଜପଣିଆ ଦେଖି ସଲ୍‌ମା ଭାବିଲା, ଜନ୍ମକଲା ବାପା ଧୋକା ଦେଲା । କିନ୍ତୁ ବିକାଶ ଭାଇ ଯାହା କରୁଛନ୍ତି, ନିଜ ଜନ୍ମ କଲା ଭାଇ ବି ଏମିତି କରିବ ନାହିଁ ।

ସେ ଦିନ ସଲ୍‌ମାର ବାହାଘର । ସାରା ଗାଁ ଚଳଚଞ୍ଚଳ । ଖୁସି ଓ ଆନନ୍ଦର ମାହୋଲ । ଉଭୟ ହିନ୍ଦୁ ଓ ମୁସଲିମ ସଂପ୍ରଦାୟର ଲୋକ ମିଶି ଏହି ବାହାଘର କରାଉଥିବାରୁ ବିରଳ ପରିବେଶ ଦେଖିବାକୁ ମିଳିଥିଲା । ବାପଛେଉଣ୍ଡ ଝିଅ ବୋଲି ବରଯାତ୍ରୀମାନଙ୍କ ଆତିଥେୟତାରେ ଯେମିତି କୌଣସି ଅଭାବ ନରହେ, ସେଥିପାଇଁ ପିଲାମାନେ ନିଜ ନିଜ ଭିତରେ କାମ ବାଣ୍ଟି ନେଇଛନ୍ତି । ଏଥିପାଇଁ ବିକାଶକୁ ରାତି ସାରା କସରତ କରିବାକୁ ପଡ଼ିଥିଲା ।

ନିକାହ ସମୟ ଆସିଲା । ବିକାଶକୁ ଖୋଜା ପଡ଼ିଲା । କିନ୍ତୁ ତା'ର କାହିଁ ଦେଖା ନାହିଁ । ଗାଁ ସାରା ତାକୁ ଖୋଜିଲେ । ଆଉ କ'ଣ ବାକି ରହିଗଲା କି? ସେଥିପାଇଁ ବିକାଶ ବାହାରକୁ ଯାଇଛି? ସାଙ୍ଗମାନେ ଏମତି କଥା ହେଉଥିବା ବେଳେ ପ୍ରଶାନ୍ତ ମୋବାଇଲ୍‌କୁ କଲ୍ ଆସିଲା । ଆରପଟୁ ସୁଲେମାନ କହୁଥିଲା, "ଭାଇ ଟିକେ ମେଡିକାଲ ଆସ । ବିକାଶର ଦେହ ହଠାତ୍ ଖରାପ ହୋଇଯାଇଛି ।" ଏହା ଶୁଣି ଆଉ କାହାକୁ ନ କହି ଦୁଇ ତିନି ଜଣ ମେଡିକାଲ୍ ଦୌଡ଼ିଲେ । ବିକାଶ ବେଡ୍‌ରେ ପଡ଼ିଛି । ସାଲାଇନ୍ ଲାଗିଛି । ବ୍ୟସ୍ତ ହୋଇ ପଡ଼ିଲେ ସାଙ୍ଗମାନେ । ଏଠି ଗହଳି କରନି, ମୋ ଚାମ୍ବରକୁ ଆସ ବୋଲି ଡାକ୍ତର ସେମାନଙ୍କୁ ଡାକି ନେଇଗଲେ । ଡାକ୍ତର କିଛି କହିବାକୁ ଯାଉଥିବା ବେଳେ କନ୍ୟା (ଦୁଲହନ୍) ବେଶରେ ଥିବା ସଲ୍‌ମା ଦୌଡ଼ି ଆସି ଡାକ୍ତରଙ୍କୁ ନେହୁରା ହେଲା, "ମୋ ଭାଇକୁ ବଞ୍ଚାଇ ଦିଅ । ନ ହେଲେ ମୁଁ ମରିଯିବି ।" ପାଖରେ ଥିଲା ବର ସଲିମ । ଏ ଦୃଶ୍ୟ ଦେଖି ଡାକ୍ତର ତାଜୁବ । ବିକାଶ ସହ ଏମାନଙ୍କର ସଂପର୍କ କ'ଣ? ପୁଣି ଝିଅଟି ଦୁଲହନ ବେଶରେ । ଡାକ୍ତର କିଛି ବୁଝିପାରିଲେ ନାହିଁ । ତେବେ ଡାକ୍ତର ଏତିକି ଆଶ୍ୱାସନା ଦେଲେ ଯେ "ବ୍ୟସ୍ତ ହୁଅନି । ବେଶି କିଛି ନୁହେଁ । ସବୁ ଠିକ୍ ହୋଇଯିବ । ସାଲାଇନ୍ ନେଲା ପରେ ବିକାଶ ଘରକୁ ଯାଇପାରିବେ ।" ଏହା ଶୁଣି ସମସ୍ତେ ଟିକେ ଆଶ୍ୱସ୍ତ ହେଲେ । କିନ୍ତୁ ବିକାଶ ପାଇଁ ସଲମା କାହିଁକି ଏତେ ବ୍ୟାକୁଳ? ଡାକ୍ତର ବୁଝିପାରିଲେ ନାହିଁ ।

ବିକାଶର ସାଙ୍ଗମାନେ ଡାକ୍ତର ବାବୁଙ୍କୁ ସବୁ କଥା କହିଲେ । ଶୁଣିବା ପରେ ଡାକ୍ତର ତାଜୁବ । କହିଲେ, "ଦୁନିଆରେ ଏମିତି ବି ଲୋକ ଅଛନ୍ତି ।"

ବିକାଶର ସାଙ୍ଗମାନେ କିଛି ବୁଝିପାରିଲେ ନାହିଁ । ଡାକ୍ତର ବାବୁ ବିକାଶର ସାଙ୍ଗ ଓ ସଲ୍‌ମାକୁ ଗୋଟିଏ ଖୋଲା ଜାଗାକୁ ଡାକି ନେଇଗଲେ । କହିଲେ, "ମୁଁ ତମମାନଙ୍କୁ ଏମିତି ଗୋଟିଏ କଥା କହିବି, ଯାହାକୁ ଶୁଣି ତୁମେମାନେ ଆଶ୍ଚର୍ଯ୍ୟ ହେବ, ଖୁସି ବି ହେବ ।"

ଡାକ୍ତର ବାବୁ କହିଲେ, "ମୁଁ ଯେଉଁମାନଙ୍କ କଥା କହିବାକୁ ଯାଉଛି ସେମାନେ ଏହା କହିବାକୁ ମନା କରିଥିଲେ । କିନ୍ତୁ ସେ କଥା ମୁଁ ନ କହିଲେ ମତେ ପାପ ଲାଗିଯିବ ।"

ଶୁଣ ପ୍ରଥମ କଥାଟି ହେଉଛି ବିକାଶ ତା'ର ଗୋଟିଏ କିଡ୍‌ନି ବିକି ୫ ଲକ୍ଷ ଟଙ୍କା ନେଇଛି । ସେଥିପାଇଁ ସେ ଟିକେ ଅସୁସ୍ଥ ହୋଇପଡ଼ିଛି । ଏହା ଶୁଣି ସଲ୍‌ମା କାନ୍ଦି ପକାଇଲା । କହିଲା ଭାଇ ମୋତେ ଏତେ ବଡ଼ ମିଛ କହିଲେ । ମୋତେ କହିଲେ, ଜମି ବନ୍ଧକ ରଖିବା ଲାଗି ଗାଁକୁ ଯାଉଛି । କିନ୍ତୁ କିଡ୍‌ନି ପାଇଁ ମେଡିକାଲରେ ଥିଲ । ତମ ଜୀବନଠାରୁ ମୋ ବାହାଘର କ'ଣ ଏତେ ମୂଲ୍ୟବାନ ।

ଡାକ୍ତର ତାଙ୍କୁ ଶାନ୍ତ କରିବାକୁ ଯାଇ କହିଲେ, "ଆଉ ଗୋଟିଏ ସତ ଶୁଣ । ତମେ ଜାଣିଛ ବିକାଶଙ୍କ ବାପା ଘନଶ୍ୟାମର ଅପରେସନ୍ ପଇସା କିଏ ଦେଇଥିଲା । ଅପରେସନ୍ ପାଇଁ ୩ ଲକ୍ଷ ଟଙ୍କା ଦରକାର ଥିଲା । କିନ୍ତୁ ବିକାଶ ପାଇଁ ଏତେ ଟଙ୍କା ଯୋଗାଡ଼ କରିବା ସମ୍ଭବ ନଥିଲା । କିନ୍ତୁ ସେହି ଟଙ୍କା ଆଣି ଦେଇଥିଲେ ହନିଫ୍ । କିନ୍ତୁ କାହା ଆଗରେ ନ କହିବାକୁ ସେ ମୋତେ ଅନୁରୋଧ କରିଥିଲେ ।" ଏହା ଶୁଣି ସଲମା ଜୋର୍‌ରେ କାନ୍ଦିବାକୁ ଲାଗିଲା । କହିଲା, "ହେ ଭଗବାନ! ମୋ ବାପାଙ୍କ ଏତେ ବଡ଼ ତ୍ୟାଗ ବଦଳରେ ମୁଁ ତାଙ୍କୁ ବିଶ୍ୱାସଘାତକ ଭାବିଦେଲି? ମତେ କ୍ଷମା କରିଦିଅ ପ୍ରଭୁ ।" ■

## ପୁସ୍ତକ ପରିଚୟ

### ସରୁ ନଥିବା ରାତି

ଚିତ୍ତରଞ୍ଜନ ଚିରଞ୍ଜିତ





ଆଦିତ୍ୟ ଭାରତ
ସେକ୍ଟର-୬, ସିଡିଏ
କଟକ-୭୫୩୦୧୪
ପ୍ରଥମ ସଂସ୍କରଣ : ୨୦୨୫
ମୂଲ୍ୟ: ୨୫୦ ଟଙ୍କା

କଥାକାର ଚିତ୍ତରଞ୍ଜନ ଚିରଞ୍ଜିତଙ୍କ 'ସରୁ ନଥିବା ରାତି' ଏକ ସ୍ମୃତିଲେଖ ପୁସ୍ତକ । ଏହି ସ୍ମୃତିଲେଖଟି କୌଣସି ଗପ ବା ଉପନ୍ୟାସର ରୋମାଞ୍ଚକର କାହାଣୀଠାରୁ କିଛି କମ୍ ନୁହେଁ! ନାଟକ, ସାହିତ୍ୟ, ପ୍ରେମ, ରାଜନୀତି ଲେଖକଙ୍କ ଜୀବନକୁ କିଭଳି ପ୍ରଭାବିତ କରିଛି, ତାହା ଅତି ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି ଏହି ପୁସ୍ତକରେ । ରାତିର ଅନୁଭୂତି ବେଶ୍ ରୋମାଞ୍ଚକର । ରାତିକୁ ନେଇ କଥା ସରେନା । ରାତିକୁ ନେଇ ଗପ ସରେନା । ସୁଖ, ଦୁଃଖ, ଆଶା, ନିରାଶା, ହର୍ଷ, ବିଷାଦକୁ ନେଇ ମଣିଷର ଜୀବନ । ତମାମ ଜୀବନ ସ୍ୱପ୍ନ ସରେନା କି ନିଦ ସରେନା । ଜୀବନର ପ୍ରତିଟି ମୁହୂର୍ତ୍ତ ବେଶ୍ ରୋମାଞ୍ଚକର ଓ ସଂଘର୍ଷମୟ । ନାଟକ ଓ ସାହିତ୍ୟ ଲେଖକଙ୍କ ଜୀବନକୁ କିଭଳି ଐଶ୍ୱର୍ଯ୍ୟମୟ କରିଛି ତାହା ଅତି ମାର୍ମିକ ଭାବେ ବର୍ଣ୍ଣନା କରିଛନ୍ତି । ସେହିପରି ପ୍ରେମ ଓ ରାଜନୀତି ମଧ୍ୟ ତାଙ୍କ ଜୀବନକୁ ବେଶ୍ ପ୍ରଭାବିତ କରିଛି । ଚିନ୍ମୟ, ଚିରାଗ, ଚିନ୍ତନ ଓ ଚିତ୍ରକ ଚାରୋଟି ନିଆରା ଚରିତ୍ରକୁ ପାଠକମାନେ ଭେଟିବେ ଏହି ପୁସ୍ତକରେ । ପ୍ରତିଟି ଚରିତ୍ରର ସ୍ୱତନ୍ତ୍ରତାକୁ ଅନୁଭବ କରିବେ । ଏହି ସବୁ ଚରିତ୍ର ଭିତରେ ଲେଖକ ନିଜ ମନର କଥା, ନିଜ ହୃଦୟର ବ୍ୟଥାକୁ ଲିପିବଦ୍ଧ କରିଛନ୍ତି । 'ସରୁ ନଥିବା ରାତି' ପୁସ୍ତକଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ପଇସା ଲଡୁ ଓ ଅନ୍ୟାନ୍ୟ ଗଳ୍ପ

ସୁଧୀର କୁମାର ଦ୍ୱିବେଦୀ




ଏଥେନା ବୁକ୍‌ସ
ଭୁବନେଶ୍ୱର-୭୫୧୦୦୨
ପ୍ରଥମ ସଂସ୍କରଣ : ୨୦୨୬
ମୂଲ୍ୟ: ୧୮୦ ଟଙ୍କା


ଗାଳ୍ପିକ ସୁଧୀର କୁମାର ଦ୍ୱିବେଦୀଙ୍କ 'ପଇସା ଲଡୁ ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକରେ ସାଧାରଣ ମଣିଷଙ୍କ ଦୈନନ୍ଦିନ ଜୀବନ, ସାମାଜିକ ବାସ୍ତବତାର ପ୍ରତିଫଳିତ ହୋଇଛି । 'ଜୀବନ', 'ଉପହାର', 'ଚାଦର', 'ସଫଳତାର ଚାବିକାଠି', 'ଛତିଶ ଘଣ୍ଟା', 'ଦକ୍ଷତା', 'ମନ୍ଥରା', 'ଆଶାର କିରଣ', 'ପଖାଳ', 'ସିନ୍ଦୂର', 'କର୍ତ୍ତବ୍ୟ', 'ଅସାଧାରଣ', 'ଚଣ୍ଡୀ', 'ବରୁଣ ଓ ଟଙ୍କାଗଛ', 'ଅନ୍ତିମ ସଂସ୍କାର', 'ବିବାହ ବାର୍ଷିକୀ', 'ହୁକୁମ ମିଶ୍ର', 'ବେପାର', 'ଦୟାଳୁ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଗାଳ୍ପିକ ଏହି ପୁସ୍ତକର ଅନେକ ଗପରେ ମଣିଷ ଜୀବନର ଦୁଃଖ, ଯନ୍ତ୍ରଣା, ଆଶା, ନିରାଶା, ସ୍ୱପ୍ନ, ସ୍ୱପ୍ନଭଙ୍ଗକୁ ଅତି ନିଖୁଣ ଭାବେ ଚିତ୍ରଣ କରିଛନ୍ତି । ସଂଘର୍ଷମୟ ଜୀବନର କରୁଣ ଚିତ୍ର ବେଶ୍ ମାର୍ମିକ ଭାବେ ପ୍ରତିଫଳିତ ହୋଇଛି ଏହି ପୁସ୍ତକର ଗପଗୁଡ଼ିକରେ । ମାନବୀୟ ଭାବାବେଗ , ସମାଜର ନିଚ୍ଛକ ଚିତ୍ର, ଅବହେଳିତ ମଣିଷ ସ୍ୱରକୁ ତୀକ୍ଷ୍ଣଭାବରେ ଗାଳ୍ପିକ ରୂପ ଦେଇଛନ୍ତି । ସାଧାରଣ କଥାକୁ ନିଆରା ଭାବେ ଅନେକ ଗପରେ ଗାଳ୍ପିକ ପ୍ରକାଶ କରିଛନ୍ତି । ସରଳ, ବୋଧଗମ୍ୟ ଭାଷା, ନିଆରା ଉପସ୍ଥାପନ ଶୈଳୀ ଗପଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । ମଣିଷ ମନର କଥାକୁ ସାବଲୀଳ ଭାବେ ଗପ ମାଧ୍ୟମରେ ଆଙ୍କିବାର ପ୍ରୟାସ କରିଛନ୍ତି ଗାଳ୍ପିକ । 'ପଇସା ଲଡୁ ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ଫୁଲଗଛ



ଅଜୟ ସ୍ୱାଇଁ

ଆମ ମଝିରେ ଅଛି ଗୋଟେ ଫୁଲଗଛ ।
କେତେବେଳେ ଫୁଟେ
କେତେବେଳେ ମରେ
ଗପ ସରେ ।
ନୂଆ କରି ଗୀତ ଶିଖୁଥିବା
ଦଳେ ପକ୍ଷୀ ବସି ଗୀତ ଗାଆନ୍ତି
ତା' ମଲା ଡାଳରେ ।
ଋତୁ ସରେ ।
ପକ୍ଷୀମାନେ ଉଡ଼ିଯାଆନ୍ତି
ଯେ ଯାହା ଦିଗରେ ।
ଫୁଲଗଛରେ ପୁଣି ପତ୍ର କଅଁଳେ
କଢ଼ ଧରେ । ଫୁଟେ । ପୁଣି ମରେ ।
ଗପ ସରେ ।
ପ୍ରତିଗପରେ ଆମ ମଝିରେ ଥାଏ
ଏହି କୁହୁକ ଫୁଲଗଛ ।
ଥାଏ । ଏ ଗଛର ଫୁଲ ଶୁଙ୍ଘି
ମେଣ୍ଢା ପାଲଟିଥିବା ରାଜପୁତ୍ରର
ବନ୍ତ କଥା ।
ପୁଣି ମେଣ୍ଢାରୁ ମଣିଷ ପାଲଟୁଥିବା କଥା
ଜଣା ନଥାଏ ଫୁଲଗଛକୁ ।
ଆମ ଗପରେ ବି ନଥାଏ ଉପାୟ
କିନ୍ତୁ ପ୍ରତି ଗପରେ ଥାଏ ଗୋଟେ ଫୁଲଗଛ
ଆମେ ଥାଉ ନଥାଉ । ■



ମୋ: ୯୧୭୮୫୫୮୫୦୮

## ଯୁଦ୍ଧର ଉପତ୍ୟକା



ପ୍ରହ୍ଲାଦ ଶତପଥି

କବିତାଟିଏ ଲେଖିବି ବୋଲି କ'ଣ ଯିବାକୁ ହେବ
ଯୁଦ୍ଧରେ ଧ୍ୱଂସ ବିଧ୍ୱସ୍ତ ଗୋଟାଏ ଉପତ୍ୟକାକୁ,
ତା'ର ପାଦ ଦେଶକୁ,
ସାଉଁଟିବାକୁ ମୃତ ଇଚ୍ଛାମାନଙ୍କୁ
ଛିଣ୍ଡା ପତାକାକୁ, ଖଣ୍ଡ ବିଖଣ୍ଡିତ ଦେହକୁ ।

ଚାଲିବାକୁ ହେବ ମାଇଲ୍ ମାଇଲ୍ ଭୋକ ଉପାସର
ରାସ୍ତାକୁ,
ଲୁଚିବାକୁ ହେବ ବଙ୍କର୍‌ରେ
ଗଣିବାକୁ ହେବ ସାଇରନ୍‌ର ହୃଦୟଥରା ଗର୍ଜନକୁ
ସୈନିକ ସାଜି, ତୋପ ନେଇ, ଟ୍ୟାଙ୍କ୍ ନେଇ
ଗ୍ରେନାଇଟ୍ ମାଡ଼ ଖାଇବାକୁ ହେବ ।

ଯୁଦ୍ଧ ପାଇଁ ଚେସ୍ ବୋର୍ଡ କ'ଣ ଯଥେଷ୍ଟ ନୁହେଁ?
ହାରିବା ଜିତିବା କଥା ତ!
ହେଲେ ଯୁଦ୍ଧରେ କେହି କ'ଣ ଜିତେ?
ସଭିଏଁ ହାରନ୍ତି ।

ଯୁଦ୍ଧ ସମୟରେ ବି କ'ଣ
ସଁବାଳୁଆ ରୂପାନ୍ତରିତ ହେଉଥିବେ ପ୍ରଜାପତିରେ,
କାନ୍ଥ ସବୁରେ କ'ଣ ଝିଟିପିଟିମାନେ ଛକି ବସିଥିବେ
ପ୍ରଜାପତିମାନଙ୍କୁ,
ଫୁଲ ସବୁ କ'ଣ ଫୁଟୁଥିବେ ରାତିରେ ଯୁଦ୍ଧ ସମୟରେ,
ପାହାଡ଼ମାନେ କ'ଣ ଶୋଇପାରୁଥିବେ
ନିରନ୍ତର ବୋମା ମାଡ଼ରେ ?

ଆକାଶ ଲୁଚି ଯାଉଥିବ ବିଷାକ୍ତ ଧୂଆଁରେ
ପକ୍ଷୀସବୁ ଭୁଲି ଯାଉଥିବେ ଗୀତ ଗାଇବା
ବିରାଡ଼ି ଓ ମୂଷାମାନେ ଭୁଲି ଯାଉଥିବେ
ଜୀବନ ମୃତ୍ୟୁର ଖେଳ ।
ସାପ ମାଟି ଭିତରେ ପଶି ଜମା ବାହରୁ ନ ଥିବ
ଚାରାସବୁ ଭୁଲି ଯାଉଥିବେ ଗଜୁରିବାର ମନ୍ତ୍ର
ଜହ୍ନ ଲୁଚି ଯାଉଥିବ ମେଘ ଭିତରେ
ନକ୍ଷତ୍ରମାନେ ଜମା ତେଜିୟାନ୍ ହେଉନଥିବେ ।

ଯୁଦ୍ଧ କ'ଣ ଫେରିପାଏ ରାସ୍ତା, ଶାନ୍ତିର?
ଯୁଦ୍ଧରେ ଥରୁଟିଏ ବାଟବଣା ହେଲେ
ପ୍ରତିପତ୍ତିର ମଦ ନିଶାରେ ମତ୍ତ ଗୋଡ଼ ଦିଓଟି
ଚାଲୁଥାଏ ଯାହା ଉଠି ପଡ଼ି,
ହେଲେ ଜମା ପହଞ୍ଚି ପାରେନା ଘରକୁ ।

ଜଣେ ଆରଜଣକୁ ଜିଣିବାକୁ ଯାଇ
ଭୁଲିଯାଏ ଯେ ସେ ନିକଟତର ହେଉଛି
ଭିନ୍ନ ଏକ ମୃତ୍ୟୁର ।
ଲୋକଶୂନ୍ୟ ଘର,
ପକ୍ଷୀ ବିହୀନ ଆକାଶ
କଟା ଗଣ୍ଡିର ପତ୍ର ବିହୀନ ଗଛ
ଭୟ ଆଶଙ୍କାର ସାଇରନ୍
ଖଣ୍ଡିଆ ଜହ୍ନ
ମୃତ ଆଲୁଅ,
ଯୁଆଡ଼େ ଅନାଅ, ଜୀଅନ୍ତା ଶବର ସହର ।

ଗୋଟାଏ ଭଙ୍ଗା ଦର୍ପଣ ସାଉଁଟି ଆଣୁଥାଏ
କ୍ଷତାକ୍ତ ମୁହଁମାନଙ୍କୁ
ରକ୍ତ ଝରାଉଥିବା ଓଠ ସବୁକୁ
ଜଳା ପୋଡ଼ାର ଦୃଶ୍ୟରେ ଭର୍ତ୍ତି ଆଖିଗୁଡ଼ିକୁ ।
ଏକ ବିରାଟ ଘା' ଯୁଦ୍ଧ, ପୃଥିବୀର ମାନଚିତ୍ରରେ । ■

ଟିକ୍ରାପଡ଼ା, ପୋ/ଜି: ବଲାଙ୍ଗୀର
ପିନ୍: ୭୬୭୦୦୧
ମୋ: ୯୪୩୭୧୫୦୯୫୧

# ଜାତୀୟ କବି ବାଞ୍ଛାନିଧିଙ୍କ କବିତାରେ ଦେଶପ୍ରେମ



ଡ. ପ୍ରଫୁଲ୍ଲ କୁମାର ସାହୁ

ଜାତୀୟ ଯୁଗର ଚାରଣ -କବି ବାଞ୍ଛାନିଧି ମହାନ୍ତି । ବିରାମହୀନ ବିପ୍ଳବର ଏକ ବହ୍ନିମାନ ଶିଖା । ମୁକ୍ତି ପ୍ରବଣତାର ଏକ ତେଜୋଦୀପ୍ତ ଝଡ଼ । ତାଙ୍କ କବି ପ୍ରତିଭାର ପ୍ରଚଣ୍ଡ ଘୂର୍ଣ୍ଣି ଆଗରେ ହାର୍ ମାନିଛି କାଳ । ଭଙ୍ଗା ପରାଣ ନେଇ ଓ ଭଙ୍ଗା କୁଡ଼ିଆରେ ବସି ସେ କବିତା ଲେଖୁଥିଲେ ଏବଂ ସେହି କବିତା ମାଧ୍ୟମରେ ସେ ଉଠେଇ ଥିଲେ ପ୍ରଶ୍ନ – "କରି ହାରି ହୁରି ଗୁହାରି ପାଇଛି କି କେହି ମୁକତି?" କବିଙ୍କ ବିଦାୟ ନେବାର ନଅ ଦଶନ୍ଧି ପରେ ବି ଊଣା ପଡ଼ିନି ସେ ପ୍ରଶ୍ନର ପ୍ରାସଙ୍ଗିକତା । ବିଦେଶୀ ଶାସନ କବଳରୁ ମୁକ୍ତି ତଥା ଛିନ୍ନ ବିଚ୍ଛିନ୍ନ ହୋଇପଡ଼ିଥିବା ପ୍ରାକୃତିକ ଓଡ଼ିଶାର ଏକତ୍ରିକରଣ- ଏହି ଦୁଇଟି ଲକ୍ଷ୍ୟ ନେଇ ବ୍ୟକ୍ତିନିଷ୍ଠରୁ ସର୍ବକନିଷ୍ଠ ହୋଇଥିଲା ତାଙ୍କ କବିତାର ସ୍ୱର ଓ ସଙ୍କଳ୍ପ । ତାଙ୍କ କବିତା କେବଳ କବିତା ନୁହେଁ, କବିତା ଓ ସଂଗୀତର ମିଶ୍ରରାଗ । ତେଣୁ ତାହା ସବୁ ବର୍ଗର ଲୋକଙ୍କ ମନକୁ ଛୁଉଁଥିଲା ଏବଂ ଶୁଣିବା ମାତ୍ରକେ ଶିରା ଶୋଣିତରେ ଖେଳି ଯାଉଥିଲା ଏକ ଅଦ୍ଭୁତ ଶିହରଣ ।

ଜନପଦର କବି ବାଞ୍ଛାନିଧି । ମୁକ୍ତି ପ୍ରୟାସୀ ଜୀବନର ମହାମାନ୍ତ୍ରିକ । ତାଙ୍କ କବିତା ଜାତୀୟ ଜୀବନର ମଧୁକ୍ଷରା । ଜଣେ ନାଟ୍ୟକାର ଭାବରେ ସେ ରାଧାମୋହନ ଥିଏଟର, ନ୍ୟୁ ଓଡ଼ିଶା ଥିଏଟର, କୃଷ୍ଣଚନ୍ଦ୍ର ଥିଏଟର ଓ ଉତ୍କଳ ନାଟ୍ୟ ନିକେତନ ଆଦି ବିଭିନ୍ନ ନାଟ୍ୟ ଅନୁଷ୍ଠାନ ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହି ଓଡ଼ିଶାର ବିଭିନ୍ନ ଜିଲ୍ଲା ବୁଲିଛନ୍ତି । ନୃତ୍ୟନାଟିକା, ମୁକ୍ତାକାଶ ମଞ୍ଚନାଟକ ଓ ଗଣସଂଗୀତ ଜରିଆରେ ଜିଣିଛନ୍ତି ଶ୍ରୋତା ଓ ଦର୍ଶକଙ୍କ ମନ । କେବଳ ଯାତ୍ରା ମଞ୍ଚରେ ନୁହେଁ, ବାଟରେ, ଘାଟରେ, ଦାଣ୍ଡରେ ସବୁଠି ସେ ଗାଇଛନ୍ତି, ନାଚିଛନ୍ତି, ନଚେଇଛନ୍ତି ଓ ଗଣଚେତନାରେ ଭରି ଦେଇଛନ୍ତି ମୁକ୍ତିର ସରଣୀରେ ଆଗକୁ ବଢ଼ିବାର ଆଗ୍ନେୟ ପ୍ରେରଣା । "କାହୁଁ ଅଇଲେ ବେପାରୀ, ସବୁ ସାଇଲେ ଆମେ ହେଲୁ ଭିକାରୀ" - ତାଙ୍କର ଏହି ସଂଗୀତକୁ ଗାଇଲା ବେଳେ ବାନରସେନା ଭୁଲିଯାଉଥିଲା ଫିରିଙ୍ଗି ପୋଲିସର ଲାଠିମାଡ଼ର ଯନ୍ତ୍ରଣା । ଇଂରେଜ ସରକାରଙ୍କ ଅନ୍ୟାୟ ଅତ୍ୟାଚାର ତାଙ୍କୁ ଯେତିକି ପୀଡ଼ା ଦେଇଥିଲା ବ୍ୟଥିତ କରିଥିଲା ଗଡ଼ଜାତ ଗଞ୍ଜଣା । ଦେଶୀୟ ରାଜା ବିଶେଷକରି କନିକା ରାଜାଙ୍କ ଅମାନୁଷିକ ଅତ୍ୟାଚାରରେ ଅତିଷ୍ଠ ନିରୀହ ପ୍ରଜାକୁଳଙ୍କ ଦୁଃଖ ଦୁର୍ଦ୍ଦଶା ପ୍ରତି ସମ୍ବେଦନଶୀଳ ହୋଇ ସେ ଲେଖିଛନ୍ତି – "ତେ ଦିନ ଆଉ ଦୁଃଖିନୀ କନିକା ଅନୀତି ଯାତନା ସହିବ, ଦୁଃଖ ସହିବାକୁ ଦୁଃଖିନୀ ଲଲାଟେ ଲିହିଥିଲା କିବା ଦଇବ । କର ଦେଇ ଦେଇ ସାରିଛି ସମ୍ବଳ ମାଡ଼ ଖାଇ ଖାଇ ହରାଇଛି ବଳ, ଆହା କହିବାକୁ ସାହା କେହି ନାହିଁ, କାହା ଆଗେ ଦୁଃଖ କହିବ ।" କବିତା ନୁହେଁ, ଏହା ଥିଲା ବେଦନା ମୁକ୍ତିର ଓଁକାର । ସାରା ଦେଶରେ ସେଦିନ ଚହଳ ପକାଇ ଥିଲା ଏ କବିତା । କନିକା ପ୍ରଜା ଆନ୍ଦୋଳନର ସେନାପତି ଚକ୍ରଧର ବେହେରା ଏହି କବିତା ସମ୍ପର୍କରେ ତାଙ୍କ 'ବନ୍ଦୀର ବିଳାପ'ରେ ଲେଖିଛନ୍ତି - "ବାଞ୍ଛାନିଧି ବାବୁ ଇରମ ସନ୍ତାନ, ଦୁଃଖିନୀ କନିକା ସହୋଦର ପ୍ରାଣ । ଦେଖିଲେ ସାକ୍ଷାତେ ତୋର ଏ ଯାତନା, ଗାଇଲେ ଦୁଃଖିନୀ କନିକା ବେଦନା ।" ଉତ୍କଳମଣି ଗୋପବନ୍ଧୁ ବନ୍ଦୀଶାଳାରେ କବିଙ୍କୁ ସ୍ମରଣ କରି ଲେଖିଥିଲେ-"ଉଦରଖ କର୍ମୀ ଧନ୍ୟ ତୁମ୍ଭ ବଳ, ଏପରି ସାଧକ ଲୋଡ଼ଇ ଉତ୍କଳ ।"

ସମୟର ଆହ୍ୱାନ ଓ ଜାତିର ମର୍ମ ବେଦନାକୁ ଅନୁଭବ କରି ଜାତୀୟ କବି ବାଞ୍ଛାନିଧି ଗାଇଛନ୍ତି "ସ୍ୱାଧୀନ ଭାରତ ସ୍ୱାଧୀନ ଭାରତ ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ", ଭଳି ଅନେକ ଲୋମଟାଙ୍କୁରା କବିତା । ଜଣେ ଦୂରଦ୍ରଷ୍ଟା କବି ଭାବରେ ସ୍ୱରାଜ୍ୟ ପ୍ରତିଷ୍ଠାର ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ଦେଶବାସୀଙ୍କୁ ସତର୍କ କରାଇ ଦେବାକୁ ଯାଇ ସେ ଲେଖିଛନ୍ତି – "କି ହେବ ସ୍ୱରାଜ୍ୟ ଘେନି ଯେବେ ମୋର ନ ପୂରେ ପେଟ, ଖଟି ଖଟି ମଲେଣି ମୂଲିଆ ଚାଷୀ ଦାନା କନା ନିଅଣ୍ଟ ।" କେବଳ ଦେଶମୁକ୍ତିର ତୂର୍ଯ୍ୟନାଦ ନୁହେଁ, ମାନବ ବନ୍ଦନାର ଶଙ୍ଖଧ୍ୱନି ଥିଲା ତ୍ୟାଗଦୀପ୍ତ କବି ଜୀବନର ବାଣୀମନ୍ତ୍ର । ଜଣେ ସଂସ୍କାରପ୍ରବଣ କବି ଭାବରେ ନାରୀ ଜାଗରଣ, ବିଧବା ବିବାହ ଆଦି ସାମାଜିକ ସମସ୍ୟାକୁ ନେଇ ଲେଖନୀ ଚାଳନା କରିଛନ୍ତି । ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟରେ ପ୍ରଭାବିତ ହୋଇ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଲଢ଼ିଛନ୍ତି ରକ୍ତକ୍ଷରା ଲଢ଼େଇ । ଜାତି ଧର୍ମ ନିର୍ବିଶେଷରେ ଜାତୀୟତା ସ୍ରୋତରେ ସାମିଲ ହେବା ପାଇଁ ଗାନ୍ଧିଜୀ ଯେଉଁ ଆହ୍ୱାନ ଦେଇଥିଲେ ସେହି ମହାଭାରତୀୟ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ସମାଜରୁ ଅସ୍ପୃଶ୍ୟତା ଦୂର କରିବା ନିମନ୍ତେ ଆହ୍ୱାନ ଦେଇ ଶୁଣେଇଛନ୍ତି- "ଅଛୁଆଁ ଦୋଷ ମହାପାପକୁ ଉଠାଅ ଭାଇ, ଅଛୁଆଁ ଛୁଆଁ ଜାତି ପ୍ରମାଣ କାହିଁରେ ନାହିଁ ।" କବିତାରେ ମାନବ ବନ୍ଦନାର ଶଙ୍ଖନାଦ ତୋଳି ସେ ଶହଶହ ସତ୍ୟାଗ୍ରହୀ ତିଆରି କରିଥିଲେ । ସାଂଗଠନିକ ଦକ୍ଷତା ଯୋଗୁଁ ଏକ ସତ୍ୟାଗ୍ରହୀ ତିଆରି କାରଖାନାରେ ପରିଣତ ହୋଇଥିଲା ତାଙ୍କ ଜନ୍ମମାଟି ଇରମ । ସାରା ଓଡ଼ିଶାରେ ଖେଳି ଯାଇଥିଲା ରକ୍ତତୀର୍ଥ ଇରମ ମାଟିରୁ ପ୍ରବାହିତ ଦେଶପ୍ରେମର ସ୍ରୋତ ।

ଭାରତଛାଡ଼ ଆନ୍ଦୋଳନ ବେଳେ ସେହି ଜାତୀୟ ନଗର ଇରମ ଲେଖିଲା ବୀରତ୍ୱର ଓ ବଳିଦାନର ଏକ ବିରଳ ଇତିହାସ । ପଞ୍ଜାବର ଜାଲିଆନାଓ୍ୱାଲାବାଗ୍ ପରେ ରକ୍ତତୀର୍ଥ ଇରମ୍ ହେଉଛି ଦ୍ୱିତୀୟ ବଳିଦାନର କ୍ଷେତ୍ର, ଯେଉଁଠି ଗୋଟିଏ ଦିନରେ ପୁଲିସ ଗୁଳିରେ ସହିଦ୍ ହୋଇଥିଲେ ୨୯ ଜଣ ଲୋକ । ସେତେବେଳକୁ ଜାତୀୟ କବି ବାଞ୍ଛାନିଧି ସ୍ୱଦେହରେ ନ ଥିଲେ ସତ, କିନ୍ତୁ ତାଙ୍କ ନେତୃତ୍ୱ ଓ ଅଗ୍ନିବର୍ଷୀ କବିତାର ପ୍ରଭାବରେ ବହୁ ଆଗରୁ ଏକ ସଂଗ୍ରାମୀ ତିଆରି କାରଖାନାରେ ପରିଣତ ହୋଇ ସାରିଥିଲା ରକ୍ତତୀର୍ଥ ଇରମ୍ । ■

ଅବସରପ୍ରାପ୍ତ ଅଧ୍ୟକ୍ଷ, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ବସ୍ତାରେ ବିଜେଡିର ଶକ୍ତି ପ୍ରଦର୍ଶନ

# ରବୀନ୍ଦ୍ର ଓ ସୁବାସିନୀଙ୍କ ବିନା ତୃଣମୂଳ ସଂଗଠନରେ ପଡ଼ିନି ଫରକ

ବାଲେଶ୍ୱର, ୧୮।୪ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନମଣ୍ଡଳୀରେ ବିଜେଡିର ଗଡ଼ ମଜଭୁତ ହେବାରେ ଲାଗିଛି। ଚାରି ଦଶନ୍ଧି ଧରି, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମରେ ଏଠାରେ ପ୍ରାର୍ଥୀଙ୍କୁ ଭୋଟ୍ ମିଳି ଆସିଛି। ତେବେ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ବିଜେଡି ଛାଡ଼ି ବିଜେପି ଶିବିରକୁ ଯିବା ପରେ ବସ୍ତାରେ ବିଜେଡି ଦୁର୍ବଳ ହେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ତାଙ୍କ ପରେ ପରେ ବିଧାୟିକା ସୁବାସିନୀ ଜେନା ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରି ଦଳରୁ ନିଲମ୍ବିତ ହେବା ପରେ ଏ ଚର୍ଚ୍ଚାକୁ ଆହୁରି ବଳ ମିଳିଥିଲା। କିନ୍ତୁ, ଶୁକ୍ରବାର ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପୁଣ୍ୟତିଥିରେ ବିଜେଡିର ଶକ୍ତି ପ୍ରଦର୍ଶନ ଏସବୁ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣିଦେଇଛି।

ବିଜେଡିର ଆଗଧାଡ଼ିର ନେତାଙ୍କ ଉପସ୍ଥିତିରେ ପାଳିତ ଏହି କାର୍ଯ୍ୟକ୍ରମରେ ତୃଣମୂଳସ୍ତରର ହଜାର ହଜାର କର୍ମୀ ଯୋଗଦେଇ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପ୍ରତିଦ୍ୱନ୍ଦ୍ୱୀ ଶିବିରକୁ ଛାନିଆ କରିଥିବା ଆଲୋଚନା ହେଉଛି। ରବୀନ୍ଦ୍ର ବିଜେଡିରୁ ଯିବା ପରେ ଜିଲ୍ଲାର ସମସ୍ତ ଦଳୀୟ ବିଧାୟକ, ପୂର୍ବତନ ବିଧାୟକ ଓ ବରିଷ୍ଠ ନେତାମାନେ ଗୋଟିଏ ମଞ୍ଚରେ ଏକଜୁଟ୍ ହେବା ଏବଂ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ଘରବାହୁଡ଼ା (ବିଜେଡିକୁ ପ୍ରତ୍ୟାବର୍ତ୍ତନ) କର୍ମୀଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିଛି।

ଅନ୍ୟପଟେ, ରବୀନ୍ଦ୍ର ବିଜେଡିରେ ସମାନ୍ତରାଳ ସଂଗଠନ କରି ବସ୍ତାରେ ରାଜନୀତି ଚଳାଇଥିବାରୁ ପୁରୁଖା କର୍ମୀ ଅବଦମିତ ଅବସ୍ଥାରେ ଥିଲେ। ଏବେ ରବୀନ୍ଦ୍ର ବିଜେଡିରୁ ଯିବା ପରେ ପୁରୁଖା ନେତା ଓ କର୍ମୀ ଖୁଲମଖୁଲା ରାଜନୀତି କରିବାକୁ ବିଜେଡି ଶିବିରକୁ ଫେରୁଛନ୍ତି। ତେବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନାଁରେ ବସ୍ତାରୁ ଜିତିଥିବା ବିଧାୟିକା ସୁବାସିନୀ ଜେନାଙ୍କ ଆଗାମୀ କାର୍ଯ୍ୟ ପନ୍ଥା କ'ଣ ରହିବ, କେଉଁ ମୁଦ୍ଦା ନେଇ ସେ ଆଗାମୀ ରାଜନୀତି କରିବେ, ସେନେଇ ତୃଣମୂଳ ସ୍ତରରେ କର୍ମୀମାନଙ୍କ ମଧ୍ୟରେ ଅନିଶ୍ଚିତତା ଲାଗି ରହିଛି। ଏମିତି ବି ବସ୍ତାରେ ବିଜେପି ସଂଗଠନ ଦୁର୍ବଳ ଥିବା ବେଳେ କଂଗ୍ରେସ ଅପେକ୍ଷାକୃତ ସୁଦୃଢ଼ ରହିଛି। ଆଗକୁ ପଞ୍ଚାୟତ ନିର୍ବାଚନରେ ରାଜନୈତିକ ଲଢ଼େଇ ଜୋରଦାର୍ ହେବାକୁ ଥିବା ବେଳେ ବିଜେଡି ତାର ପୁରୁଣା ଦୁର୍ଗ ଦଖଲରେ ରଖିବ ବୋଲି ନେତା ଓ କର୍ମୀ ମହଲରେ ଚର୍ଚ୍ଚା ହେଉଛି।



ଏଠାରେ ଉଲ୍ଲେଖଯୋଗ୍ୟ, ଗତକାଲି ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପୁଣ୍ୟତିଥି ଉପଲକ୍ଷେ ବସ୍ତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଦେବ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାସ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା, ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବରିଷ୍ଠ ନେତା ଗିରିଶ ଦାସ, ବରଦା ପ୍ରସନ୍ନ ପଟ୍ଟନାୟକ, ଭଗବାନ ଗିରି, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ରେମୁଣା ବିଧାୟକ ପ୍ରାର୍ଥୀନୀ ବିଦ୍ୟାସ୍ମିତା ମହାଳିକ, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବୁଗୁଡ଼ି ଓ ଦେବିକା ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ବସ୍ତାର ବରିଷ୍ଠ ବିଜେଡି ନେତା ମହାଦେବ ଦାସ ସ୍ୱାଗତ ଭାଷଣ ଦେବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

■ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି

# ୯ ଦିନରେ ୫୭ ଘଣ୍ଟା ୮ ମିନିଟ୍ ଗଣତି

ପୁରୀ,୧୮।୪(ସମିସ): ଶେଷ ହୋଇଛି ଶ୍ରୀମନ୍ଦିର ରତ୍ନଭଣ୍ଡାର ନବମ ଦିନର ଗଣତି କାର୍ଯ୍ୟ। ଭିତର ଭଣ୍ଡାର ଗଣତିର ଶନିବାର ଥିଲା ଚତୁର୍ଥ ଦିନ। ପୂର୍ବାହ୍ନ ୧୧ଟା ୧୦ ସୁଦ୍ଧା ଅଧିକୃତ ସଦସ୍ୟ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ମଧ୍ୟାହ୍ନ ୧୨ଟା ୧ରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଚାବି ଖୋଲାଯିବା ସହ ଗଣତି ଆରମ୍ଭ ହୋଇ ସନ୍ଧ୍ୟା ୭ଟା ୨୫ରେ ଶେଷ ହୋଇଥିଲା। ତେବେ ଚଳନ୍ତି ଭଣ୍ଡାର ଓ ବାହାର ରତ୍ନଭଣ୍ଡାର ଗଣତି ମଣତିକୁ ମିଶାଇ ସମୁଦାୟ ୯ ଦିନରେ ମୋଟ ୫୭ ଘଣ୍ଟା ୮ ମିନିଟ୍ ଗଣତି ହୋଇଛି ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି। ମହାପ୍ରଭୁଙ୍କ ରତ୍ନ ଅଳଙ୍କାରରେ ଥିବା ରତ୍ନର ଚିହ୍ନଟ ପାଇଁ ଜେମୋଲୋଜିଷ୍ଟ ବା ରତ୍ନବିଶାରଦମାନେ ସହଯୋଗ କରୁଛନ୍ତି। ସେମାନେ ଉନ୍ନତମାନର ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରୁଛନ୍ତି। ଆଗାମୀ ଗଣତି ପ୍ରକ୍ରିୟା ବାହାର ଚନ୍ଦନ ଯାତ୍ରା ଅର୍ଥାତ୍ ମେ' ୧୧ ପରେ ହୋଇପାରେ। ଶନିବାର ଭିତର ରତ୍ନଭଣ୍ଡାରକୁ ତୃତୀୟ ସିନ୍ଦୂକ ନିଆଯାଇଥିଲା। ପ୍ରଥମ ସିନ୍ଦୂକରେ ଅଳଙ୍କାର ଭର୍ତ୍ତି ପରେ ସିଲ୍ କରାଯାଇଥିବା ବେଳେ ଏବେ ଦ୍ୱିତୀୟ ଓ ତୃତୀୟ ସିନ୍ଦୂକ ବ୍ୟବହାର କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଗଣତିମଣତି ୧୯୭୮ ମସିହା ତାଲିକା ଅନୁଯାୟୀ ଶତପ୍ରତିଶତ ମେଳ ଖାଉଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି।

**ମେ' ୧୧ ପରେ ହୋଇପାରେ ପୁଣି ଗଣତି କାର୍ଯ୍ୟ**

# ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କେନ୍ଦ୍ରାପଡ଼ା,୧୮।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ମାମଲାରେ ଫାଷ୍ଟଟ୍ରାକ୍ କୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି କୋର୍ଟ ଅଭିଯୁକ୍ତ ଅଟୋ ଚାଳକ ପ୍ରତାପ ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ଫାଷ୍ଟଟ୍ରାକ କୋର୍ଟ ବିଚାରପତି ତ୍ରିବିକ୍ରମ କେଶରୀ ଚିନ୍ନାରା ଏହି ରାୟ ପ୍ରକାଶ କରିଛନ୍ତି। ୨୦୨୪ ଅଗଷ୍ଟ ୧୧ରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ଏକ ଗ୍ରାମର ଦୁଇ ନାବାଳିକା ଭଉଣୀ ପାଖ ଗ୍ରାମର ଏକ ଶିବ ମନ୍ଦିରକୁ ଜଳଲାଗି ଦେଖିବାକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ପ୍ରତାପ ତାଙ୍କୁ ଅଟୋରେ ଘରେ ଛାଡ଼ିଦେବ ବୋଲି କହି ନେଇଯାଇଥିଲା। କିନ୍ତୁ, ଘରେ ଛାଡ଼ିବା ପରିବର୍ତ୍ତେ ସେ ଦୁଇ ଭଉଣୀଙ୍କୁ ନିଜ ଘରକୁ ନେଇଯାଇଥିଲା। ସେଠାରେ ସେ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ, ଦୁଇ ଭଉଣୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ତେବେ ଏ ସଂପର୍କରେ ଜଣାପଡ଼ିବା ପରେ ନାବାଳିକାର ମା' ଥାନାରେ ଅଭିଯୋଗ କରିଥିଲେ। ସ୍ୱତନ୍ତ୍ର ପିପି ସମରକେଶରୀ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

## ଜଳିଗଲା ପେପର୍ ପ୍ଲେଟ୍ ଫ୍ୟାକ୍ଟ୍ରି

ବାଲେଶ୍ୱର,୧୮।୪(ସମିସ): ରେମୁଣାସ୍ଥିତ ଛଣପୁରଠାରେ ଥିବା ଏକ ପେପର୍ ପ୍ଲେଟ୍ ଫ୍ୟାକ୍ଟ୍ରିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଆଜି ଅପରାହ୍ଣରେ ଫ୍ୟାକ୍ଟ୍ରି ମଧ୍ୟରେ ହଠାତ୍ ନିଆଁ ଲାଗିଯାଇଥିଲା। ଫ୍ୟାକ୍ଟ୍ରିରୁ ଧୂଆଁ ବାହାରୁଥିବା ଦେଖି ଲୋକେ ଦମକଳବାହିନୀକୁ ଖବର ଦେଇଥିଲେ। ରେମୁଣା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କ୍ଷୟକ୍ଷତିର ଆକଳନ କରାଯାଉଛି। ବିଦ୍ୟୁତ୍ ସଟ୍‌ସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

# ଅବଶିଷ୍ଟାଂଶ...

## ଓଡ଼ିଶାର ନ୍ୟାଯ୍ୟ...

ସହିତ ସାଲିସ୍ କରିଛି। ଏହି ଅନ୍ୟାୟ ବିରୁଦ୍ଧରେ ଓଡ଼ିଶାର ଜଣେ ବି ବିଜେପି ସାଂସଦ ସ୍ୱର ଉଠାଇ ନ ଥିବାରୁ ରାଜ୍ୟବାସୀ ପ୍ରକୃତରେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଓଡ଼ିଶାର ରାଜନୈତିକ ଶକ୍ତି ହ୍ରାସକୁ ସମର୍ଥନ କରିବା ଦ୍ୱାରା ଓଡ଼ିଶାବାସୀଙ୍କ ନିକଟରେ ବିଜେପିର ମୁଖା ଖୋଲିଯାଇଛି। ଓଡ଼ିଶାର ଅଧିକାର ପାଇଁ ବିଜେଡି ସର୍ବଦା ଲଢ଼େଇ ଜାରି ରଖିବ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ଗତ ଗୁରବାର ଆଗତ କରିଥିବା ସୀମା ପୁନଃ ନିର୍ଦ୍ଧାରଣ ବିଲ୍-୨୦୨୬ ଦ୍ୱାରା ଓଡ଼ିଶା ବ୍ୟାପକ ଭାବେ କ୍ଷତି ସହିବ ବୋଲି ଆଶଙ୍କା କରି ନବୀନ ପଟ୍ଟନାୟକ ଗତ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିଲେ। ଚିଠିରେ ନବୀନ ଉଲ୍ଲେଖ କରିଥିଲେ ଯେ ଓଡ଼ିଶାର ୨୧ ଜଣ ସାଂସଦ ଅଛନ୍ତି, ଯାହା ମୋଟ ସଂଖ୍ୟାର ପ୍ରାୟ ୩.୯ ପ୍ରତିଶତ ଅଟେ। ମାତ୍ର ଅଧିବେଶନରେ ବିଲ୍ ପାରିତ ସହ ସଂଶୋଧନ ପ୍ରସ୍ତାବ ଗୃହୀତ ହେଲେ ଏହି ସଂଖ୍ୟା ୨୯କୁ ବୃଦ୍ଧି ପାଇବ; ମାତ୍ର ଏହାର ଅନୁପାତ ୩.୪ ପ୍ରତିଶତକୁ କମିଯିବ। ଜନସଂଖ୍ୟା ନିୟନ୍ତ୍ରଣ ଓ ମାନବ ସମ୍ବଳ ବିକାଶରେ ଅଗ୍ରଣୀ ଥିବା ଓଡ଼ିଶା ଜାତୀୟ ସ୍ତରରେ ପ୍ରାୟ ୧୫ ପ୍ରତିଶତ ପର୍ଯ୍ୟନ୍ତ ରାଜନୈତିକ ପ୍ରତିନିଧିତ୍ୱର ହାନି ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ଏହା ଆମର ରାଜନୈତିକ କଣ୍ଠସ୍ୱର ଓ ପ୍ରଭାବକୁ କ୍ଷୀଣ କରିବ ଏବଂ ଅନ୍ୟ ରାଜ୍ୟମାନଙ୍କ ପକ୍ଷରେ ପୁନର୍ବଣ୍ଟନ କରାଯିବ। ବିଭିନ୍ନ ରିପୋର୍ଟ ଅନୁସାରେ ଏହି ପ୍ରକ୍ରିୟାରେ ଓଡ଼ିଶା ଚତୁର୍ଥ ସବୁଠାରୁ ବଡ଼ କ୍ଷତିଗ୍ରସ୍ତ ରାଜ୍ୟ ହେବ। ତେଣୁ ଏହି ପ୍ରସଙ୍ଗରେ ୪୮ ଘଣ୍ଟା ମଧ୍ୟରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଚିଠିରେ ଦାବି କରିଥିଲେ ନବୀନ। ସ୍ୱତନ୍ତ୍ର ଅଧିବଶନରେ ଏମିତି ଏକ ପ୍ରସ୍ତାବ ପାରିତ କରାଯାଉ, ଯେଉଁଥିରେ ଓଡ଼ିଶାର ୦.୦୦୧ ପ୍ରତିଶତ ରାଜନୈତିକ ଅଧିକାର କ୍ଷତି ହେବ ନାହିଁ ଏବଂ ଅନ୍ୟ କୌଣସି ରାଜ୍ୟକୁ ହସ୍ତାନ୍ତର ହେବ ନାହିଁ ବୋଲି ନବୀନ ଦାବି କରିଥିଲେ। ସେହିପରି ରାଜ୍ୟର ସମସ୍ତ ସାଂସଦଙ୍କୁ ଚିଠି ଲେଖି କେନ୍ଦ୍ର ସରକାରଙ୍କ ଏପରି ଅନ୍ୟାୟ ବିରୋଧରେ ଏକ ହେବା ପାଇଁ ନବୀନ ଆହ୍ୱାନ ମଧ୍ୟ ଦେଇଥିଲେ। ମାତ୍ର ସମଗ୍ର ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଚିଠିର କୌଣସି ଉତ୍ତର ରଖି ନ ଥିବା ବେଳେ ବିଜେପି ସାଂସଦମାନେ ମଧ୍ୟ ରାଜ୍ୟସ୍ୱାର୍ଥ ପ୍ରସଙ୍ଗରେ ମୁହଁ ନ ଖୋଲିବାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି।

## ଜାତୀୟ ରାଜନୀତିରେ...

ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ଯୋଗଦେବା ପରେ ଜାତୀୟ ରାଜନୀତିରେ ବିଜେଡିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ଜାତୀୟ ସ୍ୱାର୍ଥ ଏବଂ ସମ୍ବିଧାନର ସୁରକ୍ଷା ପାଇଁ ଏକାଠି ହୋଇଥିବା ଦଳଗୁଡ଼ିକୁ ନେଇ ଗଠିତ ଇଣ୍ଡିଆ ମେଣ୍ଟର ଗତକାଲି ଓ ଆଜି ନୂଆଦିଲ୍ଲୀରେ ବୈଠକ ହୋଇଥିଲା ଏବଂ ଏଥିରେ ସାମିଲ ହୋଇଥିଲେ ମାନସ। ଏହି ବୈଠକରେ ଯୋଗଦେବା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ାଗେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥଲେ । ନବୀନଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ସଂସଦୀୟ ଦଳର ନେତା ମାନସ ମଙ୍ଗରାଜ ଏହି ବୈଠକରେ ଯୋଗ ଦେଇଥିଲେ। ବୈଠକ ପରେ ଜାତୀୟ ରାଜନୀତିରେ ବିଜେଡିକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହି ବୈଠକରେ ଯୋଗଦେବା ସଂପର୍କରେ ସାଂସଦ ମାନସ ମଙ୍ଗରାଜ କହିଛନ୍ତି, ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌ରେ ଓଡ଼ିଶାର ଏବଂ ଓଡ଼ିଆଙ୍କ ରାଜନୈତିକ ପରିଚୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଓଡ଼ିଶାର ସ୍ୱାର୍ଥ ସହ ଜଡ଼ିତ ଯେଉଁ ପ୍ରସଙ୍ଗ ଯେଉଁ ମେଣ୍ଟ ଉତ୍ଥାପନ କରିବ, ସେମାନଙ୍କ ସହ ଆମେ ଅଛୁ। କେନ୍ଦ୍ର ସରକାର ଯେଉଁ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଆଣିଥିଲେ, ସେଥିରେ ଓଡ଼ିଶାର ସ୍ୱାର୍ଥ ବହୁମାତ୍ରାରେ ହ୍ରାସ ହେବାକୁ ଯାଉଥିଲା। ସେହିପରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ମଧ୍ୟ ଏଥିରୁ ବେଶ୍ କ୍ଷତି ହୋଇଥାନ୍ତା। ସେଥିପାଇଁ ସେମାନେ ଆମ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ବିରୋଧୀ ଦଳ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଯୋଗ ଦେବା ପାଇଁ ଅନୁରୋଧ କରିଥିଲେ। ମୋର ନେତାଙ୍କ ନିର୍ଦ୍ଦେଶକ୍ରମେ ମୁଁ ଶୁକ୍ରବାର ୧୦ଟା ବେଳେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିଲି। ସେଠାରେ ବିରୋଧୀ ଦଳର ସମସ୍ତ ନେତୃବୃନ୍ଦ ଯୋଗ ଦେଇଥିଲେ। ସେଠାରେ ମୁଁ ସ୍ପଷ୍ଟ ଭାବରେ କହିଥିଲି ଯେ ଆମେ ଇଣ୍ଡିଆ ମେଣ୍ଟ ସହ ନାହୁଁ। ତେବେ ଓଡ଼ିଶାର ସ୍ୱାର୍ଥ ସହ ଆମେ ସବୁବେଳେ ରହିଛୁ। ଆଗରୁ ଏନଡିଏକୁ ଆମ ସ୍ୱାର୍ଥ ସହ ଜଡ଼ିତ ପ୍ରସଙ୍ଗରେ ବହୁବାର ସମର୍ଥନ ଦେଇଛୁ। ତେବେ ବର୍ତ୍ତମାନ ଆମ ରାଜ୍ୟର ସ୍ୱାର୍ଥ ବ୍ୟାହତ ହେଉଥିବାରୁ ବାଧ୍ୟ ହୋଇ ଆମେ ଇଣ୍ଡିଆ ମେଣ୍ଟ ବୈଠକରେ ଯୋଗ ଦେଇଥିଲୁ। ଆମ ଦାବିକୁ ସମସ୍ତେ ହୃଦତାର ସହ ଗ୍ରହଣ କରିଥିବା ଶ୍ରୀ ମଙ୍ଗରାଜ କହିଛନ୍ତି।

ସେହିପରି ଗତକାଲି ବିଲ୍ କାଟ ଖାଇବା ପରେ ଶନିବାର ମଧ୍ୟ ଖଡଗେଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଁ ଆମର ସଭାପତିଙ୍କ ନିର୍ଦ୍ଦେଶରେ ଯୋଗ ଦେଇଥିଲି। ବୈଠକରେ ଓଡ଼ିଶା ସହ ନବୀନ ପଟ୍ଟନାୟକ ଏବଂ ବିଜେଡିର ବିଜୟ ହୋଇଥିବା ନେଇ ସମସ୍ତେ ମତବ୍ୟକ୍ତ କରିଥିଲେ। ସମସ୍ତେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ପ୍ରସଙ୍ଗରେ ସମସ୍ତେ ହୃଦୟତା ଦେଖାଇଥିବାରୁ ମୁଁ ମଧ୍ୟ ଧନ୍ୟବାଦ ଜ୍ଞାପନ କରିଥିଲି। ଶ୍ରୀ ମଙ୍ଗରାଜ କହିଛନ୍ତି ଯେ କଂଗ୍ରେସ ସହ କୌଣସି ମେଣ୍ଟ ହୋଇନାହିଁ। ଆଗକୁ କଣ ହେବ, ନହେବ ଆମର ନେତା ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ। ଆମେ ଓଡ଼ିଶା ସ୍ୱାର୍ଥ ସହ ସବୁବେଳେ ରହିଆସିଛୁ। ଓଡ଼ିଶାର ସ୍ୱାର୍ଥ ସହ ଯିଏ ବାହାରିବ, ଆମେ ତାଙ୍କ ସହିତ ରହିବୁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମହିଳାଙ୍କୁ ଢାଲ କରି ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ଆମ ଉପରୁ ଲଦି ଦିଆଯିବାକୁ ଚେଷ୍ଟା କରାଯାଉଥିଲା। ଏହି ବିଲ୍ ପାରିତ ହୋଇଥିଲେ ଜାତୀୟସ୍ତରରେ ଆମେ ଆମର ପ୍ରାସଙ୍ଗିକତା ହରାଇଥାନ୍ତୁ। ତେଣୁ ଏହାକୁ ଷଡ଼ଯନ୍ତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ଜାତୀୟସ୍ତରରେ ଓଡ଼ିଶାର ପ୍ରାଧାନ୍ୟ ଏବଂ ସାଢ଼େ ୪ କୋଟିଙ୍କର ଓଡ଼ିଆଙ୍କ ସ୍ୱାର୍ଥ ରକ୍ଷା ଆମ ପ୍ରଥମ କାର୍ଯ୍ୟ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ନେଇ ଆରମ୍ଭରୁ ବିଜେଡି ସଭାପତିଙ୍କ ଆଭିମୁଖ୍ୟ ସ୍ପଷ୍ଟ ଥିବାରୁ ଇଣ୍ଡି ମେଣ୍ଟ ବୈଠକରେ ବିଜେଡି ରାଜ୍ୟ ସ୍ୱାର୍ଥ ପାଇଁ ସାମିଲ ହୋଇଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

ଇଣ୍ଡିଆ ମେଣ୍ଟ ବୈଠକରେ ମାନସ ମଙ୍ଗରାଜ ସାମିଲ ହେବା ନେଇ ବିଜେଡି ବିଧାୟକ ଅରୁଣ ସାହୁ ପ୍ରତିକ୍ରିୟା ରଖି କହିଛନ୍ତି, ଏଠି ମେଣ୍ଟ କଥା ନାହିଁ. ସମ୍ବିଧାନ କଥା ଓଡିଆ ଅସ୍ମିତାର କଥା ରହିଛି। ଓଡିଶା ତା'ର ପ୍ରାପ୍ୟ ପାଇବା ଉଚିତ୍। ଜାତୀୟ ଦଳ ହିସାବରେ ଓଡ଼ିଶାର ୨୦ ବିଜେପି ସାଂସଦ ଏହି ଦାବି ଉଠାଇବା କଥା, କିନ୍ତୁ ତାହା କରୁନାହାନ୍ତି। କେନ୍ଦ୍ରରେ ସରକାର ଗଠନ ପାଇଁ ଓଡ଼ିଶା ୨୦ ବିଜେପି ସାଂସଦ ପଠାଇ କାହିଁକି ଅବହେଳାର ଶିକାର ହେବ ବୋଲି ଡ. ସାହୁ ପ୍ରଶ୍ନ କରିଛନ୍ତି। ତେଣୁ ସୀମା ପୁନଃ ନିର୍ଦ୍ଧାରଣ ବିଲ ପ୍ରସଙ୍ଗରେ ଯଦି ଯେତେ ବିରୋଧୀ ଦଳ ଅଛନ୍ତି, ସାଙ୍ଗ ହୋଇ ପ୍ରାପ୍ୟ ପାଇବାଦକୁ ଏକାଠି ହେଲେ , ତାହେଲେ ଅସୁବିଧା କ'ଣ ବୋଲି ସେ କହିଛନ୍ତି। ପ୍ରସଙ୍ଗ ଭିତ୍ତିକ ଲଢେଇ ଚାଲିଛି। ଭବିଷ୍ୟତ କହିବ କ'ଣ ହେବ, କିନ୍ତୁ ଓଡିଶା ସ୍ୱାର୍ଥ ପାଇଁ ଯିଏ ଆଗକୁ ଆସିବ ସ୍ୱାଗତ କରାଯିବ ବୋଲି ଡ. ସାହୁ କହିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ପିସିସି ସଭାପତି ଭକ୍ତ ଦାସ ଏ ସଂପର୍କରେ ପ୍ରତିକ୍ରିୟା ରଖି କହିଛନ୍ତି, ଏ ପ୍ରସଙ୍ଗରେ ସବୁ ବିରୋଧୀ ଏକାଠି ହେବା ଆବଶ୍ୟକ ଥିଲା । ଏକାଠି ହେଲେ। ଓଡିଶାରୁ ବିଜେପିର ୨୦ଜଣ ସାଂସଦ ଏ ପ୍ରସଙ୍ଗରେ ନିରବ ରହିଲେ। କେହି ରାଜ୍ୟର ସ୍ୱାର୍ଥ ପାଇଁ ସ୍ୱର ନ ଉଠାଲେ ନାହିଁ। ନବୀନ ପଟନାୟକ ଏ ପ୍ରସଙ୍ଗରେ ବାରମ୍ବାର ସ୍ୱର ଉଠାଇଛନ୍ତି । ଚିଠି ଲେଖିଛନ୍ତି। ତେଣୁ ପ୍ରସଙ୍ଗ ଭିତ୍ତିରେ ବିଜେଡି ସମର୍ଥନ ଦେଉଛି। ରେଳବାଇ କ୍ଷେତ୍ରରେ ମଧ୍ୟ ଓଡ଼ିଶାରେ ବିରୋଧୀ ଦଳମାନେ ଏକାଠି ହୋଇଥିଲେ ବୋଲି ଭକ୍ତ କହିଛନ୍ତି।

## ଇତିହାସ ପାଲଟିବ...

ସ୍ତରରେ ସରକାରଙ୍କୁ ରଣନୈତିକ ଦିଗଦର୍ଶନ ପ୍ରଦାନ କରିବ। ସିଟି-ଓଡ଼ିଶା ମୁଖ୍ୟତଃ ଛଅଟି ବିଷୟ ଉପରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ। ସେଗୁଡ଼ିକ ହେଲା ଅର୍ଥନୀତି ଓ ଅର୍ଥ, ଗ୍ରାମୀଣ ଅର୍ଥନୀତି ଓ ଜୀବିକା, ନିଯୁକ୍ତି ଓ ସହରୀ ବିକାଶ, ଚିନ୍ତାଧାରା ଓ ଇନୋଭେସନ, ଶକ୍ତି ପରିବର୍ତ୍ତନ ଓ ପରିବେଶ ଓ ଜଙ୍ଗଲ ଏବଂ ଖଣି ଓ ପ୍ରାକୃତିକ ସମ୍ପଦ। ସଂକଳ୍ପ ଅନୁଯାୟୀ ସିଟି-ଓଡ଼ିଶାର ଏକ ପରିଚାଳନା ପରିଷଦ ରହିବ। ମୁଖ୍ୟମନ୍ତ୍ରୀ ଏହାର ଅଧ୍ୟକ୍ଷ ରହିବେ। ଏଥିସହ ଜଣେ ଉପାଧ୍ୟକ୍ଷ, ଚାରିଜଣ ପୂର୍ଣ୍ଣ କାଳୀନ ସଦସ୍ୟ, ନଅଜଣ ଏକ୍ସ-ଅଫିସିଓ ସଦସ୍ୟ ଏବଂ ଦୁଇଜଣ ସ୍ୱେଶାଲ ଇନ୍‌ଭାଇଟି ରହିବେ। ଏହି ପରିଷଦ ବର୍ଷକୁ ଅତିକମରେ ଥରେ ବୈଠକ କରିବେ। ସିଟି ଓଡ଼ିଶାର ଉପାଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ହେବେ ଏବଂ ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ମିଳିବ। ବିଭିନ୍ନ କ୍ଷେତ୍ରର ଚାରିଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରିବେ। ସେମାନେ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପାଇବେ। ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏହାର ସଦସ୍ୟ ସଚିବ ଦାୟିତ୍ୱ ତୁଲାଇବେ। ମୁଖ୍ୟମନ୍ତ୍ରୀ ଜଣେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବା ସିଇଓ ନିଯୁକ୍ତ କରିବେ। ସିଇଓ ଆଇଏଏସ କ୍ୟାଡରରେ ଜଣେ ପ୍ରମୁଖ ସଚିବ କିମ୍ବା କମିଶନର-ତଥା-ସଚିବ ପାହ୍ୟାର ହୋଇଥିବେ। ଏଥିସହିତ, ସମ୍ପୃକ୍ତ ବିଷୟବସ୍ତୁ ଉପରେ ଜ୍ଞାନ ଓ ଅଭିଜ୍ଞତା ଥିବା ଜଣେ ପ୍ରୋଗ୍ରାମ ଡାଇରେକ୍ଟର, ଏକ ବହୁମୁଖୀ ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେସନ ୟୁନିଟ୍ ଏବଂ ଦୈନନ୍ଦିନ କାର୍ଯ୍ୟ ପାଇଁ ଏକ ପ୍ରଶାସନିକ ୟୁନିଟ୍ ରହିବ। ସିଟି ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ଯୋଜନା ଓ ସଂଯୋଜନ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରିବ ବୋଲି ସଂକଳ୍ପରେ ଉଲ୍ଲେଖ ରହିଛି।

## ଜେଲ୍ ୱାର୍ଡର୍...

ହାଜତରେ ରହିବା ପରେ ୨୦୨୫ ଡିସେମ୍ବର ୨୩ରେ ଇତିଶ୍ରୀ ଜାମିନ୍‌ରେ ଜେଲରୁ ମୁକୁଳିଥିଲେ। ମୁକୁଳିବା ସମୟରେ ଇତିଶ୍ରୀ ଜେଲର୍‌ଙ୍କୁ ତାଙ୍କ ଜମା ଗହଣା ମାଗିଥିଲେ। ମାତ୍ର ବହୁ ଖୋଜାଖୋଜି କରିବା ପରେ ତାଙ୍କ ଗହଣା ମିଳୁନି ବୋଲି ଜେଲର୍ କହିବା ପରେ ଘଟଣା ଭିନ୍ନ ମୋଡ଼ ନେଇଥିଲା। ବାରମ୍ବାର ଜେଲ୍‌କୁ ଦୌଡ଼ି ନିଜ ଗହଣା ନ ପାଇବାରୁ ଗତ ଜାନୁଆରୀ ୭ତାରିଖରେ ସେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ସୁଜିତ ରାଉଳଙ୍କୁ ଭେଟି ଏ ବିଷୟରେ ଜଣାଇଥିଲେ। ମାତ୍ର, ଶ୍ରୀ ରାଉଳ ତାଙ୍କୁ ୧୦ ଦିନ ସମୟ ମାଗିଥିଲେ। ୧୦ଦିନ ପରେ ଇତିଶ୍ରୀ ଫୋନ କରିବାରୁ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ରାଉଳ ଅଳଙ୍କାର ଫେରାଇବା ପରିବର୍ତ୍ତେ ପୂର୍ବତନ ଜେଲରଙ୍କ ନାମରେ ମାମଲା କରିବାକୁ ତାଙ୍କୁ ପ୍ରବର୍ତ୍ତାଇଥିଲେ। ପୂର୍ବତନ ଜେଲର ସନ୍ତୋଷିନୀ ଦାସଙ୍କ ନାମରେ ଥାନାରେ ଏତଲା କଲେ କିଛି ଟଙ୍କା ମଧ୍ୟ ଦେବେ ବୋଲି ସେ ଲୋଭ ଦେଖାଇଥିଲେ। ମାତ୍ର ଇତିଶ୍ରୀ ଏ ନେଇ ସ୍ପଷ୍ଟ ମନା କରିଦେବା ସହ ଜେଲରେ ସିସିଟିଭି ସମ୍ମୁଖରେ ତାଙ୍କଠାରୁ ନେଇଥିବା ସମସ୍ତ ଗହଣା ଫେରାଇବାକୁ ସେ ଦାବି କରିବା ସହ ଶ୍ରୀ ରାଉଳଙ୍କ ନାମରେ ଏତଲା ଦେଇଥିଲେ। ପରେ, ଫେବ୍ରୁଆରୀ ୧୮ରେ ସୁପରିଣ୍ଟେଣ୍ଡେଣ୍ଟ ମହିଳା କଏଦୀ ଇତିଶ୍ରୀ ମହାନ୍ତିଙ୍କୁ ସୁନା ଗହଣା ବଦଳରେ ସେହି ଗହଣାର ବର୍ତ୍ତମାନର ମୂଲ୍ୟ ଅନୁଯାୟୀ ୧ଲକ୍ଷ ୯୦ହଜାର ଟଙ୍କା ପ୍ରଦାନ କରିଥିଲେ।

ଅପରପକ୍ଷେ, ଏହି ଘଟଣାକୁ ନେଇ ସେତେବେଳେ ତମ୍ବିତୋଫାନ ହୋଇଥିଲା। ଚୌଦ୍ୱାର ମଣ୍ଡଳ କାରାଗାରର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା। ସେହିପରି, ପରସ୍ପରକୁ ଦୋଷାରୋପ କରି କାରାଗାର ସୁପରିଟେଣ୍ଡେଣ୍ଟ ଏବଂ ପୂର୍ବତନ ଜେଲର୍‌ଙ୍କ ମଧ୍ୟରେ କାଦୁଅଫିଙ୍ଗା ଆରମ୍ଭ ହୋଇ ଯାଇଥିଲା। ମାତ୍ର, ଏବେ ଗାଏବ ହୋଇଥିବା ସୁନାଗହଣା ସମ୍ପର୍କରେ ସିସିଟିଭି ଫୁଟେଜ୍‌ରୁ ଯେଉଁ ତଥ୍ୟ ମିଳିଛି, ତାହା ସମସ୍ତଙ୍କୁ ଚକିତ କରିଦେଇଛି। ଉକ୍ତ କାରାଗାରରେ କାର୍ଯ୍ୟରତ ୱାର୍ଡର୍ ମନୋଜ କୁମାର ମଣ୍ଡଳ ଉକ୍ତ ସୁନାଗହଣା ଚୋରି କରିନେଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାଯାଇଛି।

## ବଢ଼ିଲା ତାତି...

ପାଠପଢ଼ା ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବଢ଼ିଥିବାବେଳେ ସକାଳ ୮ ରୁ ଗୁଲୁଗୁଲି ମଧ୍ୟ ଆରମ୍ଭ ହେଉଛି। ଆଗକୁ ଏହା ଅଧିକ ଉଗ୍ର ହେବାର ଆକଳନ କରାଯାଉଛି। ଏଣୁ ରାଜ୍ୟର ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରିବା ପାଇଁ ଓଷ୍ଟା ସମେତ ବିଭିନ୍ନ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି।


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 704, dated 17.04.2026, I, SAKUNTALA MUDULI, W/o - Tularam Muduli, resident of Village - Muduliguda, PO-Benasur, PS-Bhairabsingipur, Dist - Koraput, Odisha, Pin - 764056, declare that I have changed my name from SABITRI JANI to SAKUNTALA MUDULI. Henceforth, I shall be known as **SAKUNTALA MUDULI** for all purposes.

Sd/- Sakuntala Muduli

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 706, dated 17.04.2026, I, TABHA PAIKA, D/o- Sadan Pujari , permanent resident of Village - Patakot, PO - Baghsiuni, PS - Papadahandi, Dist - Nabarangpur, Odisha, Pin - 764059, declare that I have changed my name from LAKHAN PAIKA to TABHA PAIKA. Henceforth, I shall be known as **TABHA PAIKA** for all purposes.

Sd/- Tabha Paika

**AFFIDAVIT**

I, Sudipa Parida, aged about 75 years, W/o- Late Pravanjan Parida, resident of At- Plot No. 299/4763, Jaydev Vihar, PO: RRL, Nayapalli, Bhubaneswar, PIN-751013, Odisha declared by this affidavit No. 15, dtd- 12/10/2023 that now onwards I shall be known as **SUDIPA ROY** for all future purposes.

**Antares Systems Ltd.**

Ph.: 080-45982100/033-46046611
Email: esale@etenderwizard.com

e-Auction for disposal of Burnt Oil, Old, Used & Unserviceable Items of Mahanadi Coalfields Limited, Sambalpur. Website: www.tenderwizard.com/ESALE.

**Auction No's**

1) ASL/MCL/DISPOSAL/26-27/11 Auction Date. 22-04-2026

For further information, contact helpdesk at the above address. Refer Sale notice for further details.


GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
KHORADHA IRRIGATION DIVISION, KHORADHA
Dist: Khurda, Odisha - 752056
Tel/Fax: 06755-796308
Mail id:- eekhurdirrigationdivision@gmail.com

32001/74/2627

**'e'-Procurement Notice No.KHD- 01 OF 2026-27, Dtd. 16.04.2026**

1. **Name of the work** : 11 (Eleven) nos. of Civil Work
2. **Tender Cost** : Varies from Rs 37.93 Lakhs to Rs 42.34 Lakhs
3. **Bid Document Cost** : Rs 6000/-
4. **Bid Security** : Varies from Rs. 38000/- to Rs 42400/-
5. **Class of Contractor** : C & B
6. **Period of Completion** : 06 (six) calendar months
7. **Other details are as follows.**

| Procurement Officer | Bid Identification No. | Availability of Tender On-line for bidding (From) | To | Date of Opening of Bid |
|---|---|---|---|---|
| Superintending Engineer, Khoradha Irrigation Division, Khoradha | KHD 01-01 of 2026-27 to KHD 01-11 of 2026-27 | 21.04.2026 at 11.00 A.M | 30.04.2026 up to 5.00 P.M | 02.05.2026 at 11.00 A.M |

8. **e-mail Id** : eekhurdirrigationdivision@gmail.com
9. If required lottery may be held on **12.05.2026 at 11.00 AM**

Further detail conditions can be seen from the Govt. website **www.tendersodisha.gov.in**

Superintending Engineer
Khoradha Irrigation Division, Khoradha

OIPR-32001/32078/1/26-27/0003

GOVERNMENT OF ODISHA, e-PROCUREMENT NOTICE
OFFICE OF THE SUPERINTENDING ENGINEER,
KHARIAR (R&B) DIVISION, KHARIAR
E-mail: eerooads.khr@rediffmail.com

34001/71/2627

**E-Procurement Notice-01**
No. **1825** Date: **15.04.2026**
**Invitation For Bids**
**Bid Identification No. SER&BKHR - 01 / 2026-27**

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate bids in Single Cover system electrical work & Composite work (Civil + PH + EI) in **ONLINE MODE only**.The Office Memorandum of Govt. of Works Department No. 07764600022025-173/W, Bhubaneswar Dt. 03.01.2026 of Principal Secretary to Govt. Sub-Amendment of Codal & Contractual Provisions to be followed scrupulously. | |
| 2 | Nature of work | Utility shifting of HT/LT line / Extension of Existing Control Room with Wash room, Construction of Waiting Shed, Provision of thermoplastic compound painting (Civil + PH + EI) |
| 3 | No. of work | 02 Nos. works. |
| 4 | Tender Paper cost | As specified in the notice for the respective Work, to be remitted online only. |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10:00 hours of 22.04.2026 to 17:00 hours of 02.05.2026 |
| 7 | Date of opening of Bid | Dt. 04.05.2026 at 11:00 hours |
| 8 | EMD/Bid Security | As specified in the notice to be remitted online only. |
| 9 | The Bidders shall have to participate in **ONLINE bidding only**. Further details can be seen from the website: https://www.tendersodisha.gov.inAny addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Superintending Engineer
Khariar (R&B) Division, Khariar

OIPR-34001/34062/1/26-27/0002


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 702, dated 17.04.2026, I, NIRAJ KUMAR HIAL, S/o - Late. Alek Hial, permanent resident of - Gadabaguda, Nabarangpur, PO - Nabarangpur, PS - Nabarangpur, Dist- Nabarangpur, Odisha, Pin - 764059, declare that I have changed the name of my Son from H ALEX to ALEX HIAL. Henceforth, he shall be known as **ALEX HIAL** for all purposes.

Sd/- Niraj Kumar Hial

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 703, dated 17.04.2026, I, DAMBRU BISOYI, S/o - Banasing Bisoyi, permanent resident of Village - Biriguda, PO - Biriguda, PS - Kodinga, Dist- Nabarangpur, Odisha, Pin - 764071, declare that I have changed the name of my Son from DISEMBAR BISOI to PABITRA BISOYI. Henceforth, he shall be known as **PABITRA BISOYI** for all purposes.

Sd/- Dambru Bisoyi

**AFFIDAVIT**

By virtue of an affidavit no.110 before the Executive Magistrate, Tentulikhunti, Nabarangpur dated 13.04.2026, I, Amin Naik, Vill: Kenduguda, Po: Manchagan, Dist: Nabarangpur, Odisha, PIN-764070, do hereby declare that I have changed the name of my minor child from **Chanchala Takri to Nandini Naik.** Henceforth, she shall be known as **Nandini Naik** for all purposes.

Amin Naik

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 02.04.2026 I, Jitendra Dakua, S/o. Bhaskar Dakua, resident of At- Chungudikhola, Po.- Chungudikhola, PS.-Kodala, Dist.- Ganjam, Pin-76103, Odisha declare that I have changed my son's name from **Dakua Suraj Jitendra to Jitendra Dakua.** Henceforth he will be known as **SURAJ DAKUA** for all purposes.

Sd/- JITENDRA DAKUA

**AFFIDAVIT**

By virtue of an affidavit sworn before Executive Magistrate, Rayagada, No. 947 dated 18.04.2026, I, Monika Sahu, aged about 24 years, W/o- Bharat Sahu, D/o- Babu Sahu presently residing at B.C Road, Video Line, JK Pur, PS- Chandili, Block- Rayagada, Dist- Rayagada- 765017, permanent resident of Vill. Kuttarimandir Sahi, Nabina Post Office, PO- Brahampur, PS/Block/Dist- Brahampur- 760009, Odisha, declare that I have changed my name from Padmini Sahu to Monika Sahu. Henceforth, I shall be known as **Monika Sahu** for all purposes.

Monika Sahu

**AFFIDAVIT**

By virtue of an affidavit no.319 before the Executive Magistrate, Nuapada, dated 25.04.2025, I, Nilamani Meher, Vill: Malpada, PO: Tukla, PS: Khariar, Dist: Nuapada hereby declare that my daughter's correct name is Omanshi Meher, which was wrongly recorded as Ohana Meher in her Birth Certificate (Regd No. 231/2017, D.O.B: 09/01/2017). Henceforth, her correct name shall be **Omanshi Meher** for all purposes.

Nilamani Meher

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 701, dated 17.04.2026, I, NIRAJ KUMAR HIAL, S/o - Late. Alek Hial, permanent resident of - Gadabaguda, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Daughter from H. KHRISTINA to CHRISTINA HIAL. Henceforth, She shall be known as **CHRISTINA HIAL** for all purposes.

Sd/- Niraj Kumar Hial

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 02.04.2026 I Ranjita Dakua, W/O-Jitendra Dakua , resident of At- Chungudikhola, Po.- Chungudikhola, PS.-Kodala, Dist.- Ganjam, Pin-76103, Odisha declare that I have changed my name from **Dakua Ranjita to Ranjita Dakua.** Henceforth I shall be known as **RANJITA DAKUA** for all purposes.

Sd/- RANJITA DAKUA

**AFFIDAVIT**

By virtue of an affidavit before the Executive Magistrate, Rairakhol, dt.07.04.2026, I, Ranju Palia, Vill- Tribanpur, P.O.- Tribanpur, P.S.-Rairakhol, Dist- Sambalpur -768106, do hereby declare that I have changed the name of my minor daughter from Mancini Palia to Nandini Palia. Henceforth, she shall be known as **Nandini Palia** for all purposes.

Sd/- Ranju Palia

## ଅଟୋ ଚଳାଉଥିବା ବେଳେ ଚାଳକ ମୃତ

ନାଉଗାଁ,୧୮।୪(ସମିସ): ନାଉଗାଁ ଥାନା ଅନ୍ତର୍ଗତ ମୁଣ୍ଡାଲୋ ବଜାର ନିକଟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୂଚନାନୁଯାୟୀ ନାଉଗାଁ ପଟୁ ଦେବୀଦୋଳ ଆଡ଼କୁ ଆସୁଥିବା ଏକ ଅଟୋ ଅଚାନକ ଆଲାଣାହାଟ ଉଚ୍ଚ ବିଦ୍ୟାଳୟର ବାଡ଼ ମଧ୍ୟକୁ ପଶିଯାଇଥିଲା। ତେବେ ସେଠାରେ ଥିବା ସ୍ଥାନୀୟ ଲୋକମାନେ ସେଠାକୁ ଯିବାରୁ ଅଟୋ ଚାଳକ ଜଣକ ଅଟୋ ଭିତରେ ବେହୋସ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଡାକିବା ସହିତ ନାଉଗାଁ ଥାନାକୁ ଖବର ଦେଇଥିଲେ। ନାଉଗାଁ ପୁଲିସ ଘଟଣାସ୍ଥଳରୁ ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ମୃତ ବ୍ୟକ୍ତିଙ୍କ ନାମ ହିମାଂଶୁ ଶେଖର ରାଉତ ବୋଲି ଜଣାପଡ଼ିଛି। ପୁଲିସ ତାଙ୍କ ଘରଲୋକଙ୍କୁ ଡାକି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ବ୍ୟବସ୍ଥା କରିଛି। ବ୍ୟବଚ୍ଛେଦ ପରେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଦେବାଶିଷ ପଣ୍ଡା କହିଛନ୍ତି।

## ମହାନଦୀରେ ବୁଡ଼ି ଯୁବକ ମୃତ

ରଘୁନାଥପୁର,୧୮।୪(ସମିସ): କିଶନନଗର ଥାନା ଅନ୍ତର୍ଗତ ବାଙ୍କଲ ନିକଟ ମହାନଦୀକୁ ୩ ସାଙ୍ଗ ଗାଧେଇବାକୁ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଯୁବକଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ରଘୁନାଥପୁର ଥାନା ଅଢ଼େଇକୁଳ ପଞ୍ଚାୟତ ବଡକୋରକର ଗ୍ରାମର ଅନ୍ତର୍ଯ୍ୟାମୀ ଖଟୁଆଙ୍କ ପୁଅ ଅନୁଭବ ଖଟୁଆ (୧୭)। ଦୀର୍ଘ ସମୟ ଧରି ରଘୁନାଥପୁର ଅଗ୍ନିଶମ ବାହିନୀ ପାଣିରେ ଖୋଜାଖୋଜି କରିବା ସମୟରେ ତାଙ୍କର ବୋଟଟି ଅଚଳ ହୋଇଯାଇଥିଲା। ଜଗତସିଂହପୁର ଓଡ୍ରାଫ୍ଟ ଟିମ ଆସି ଅକ୍ସିଜେନ ଲଗେଇ ଖୋଜିବା ସମୟରେ ଅକ୍ସିଜେନଟି ଖରାପ ହୋଇଯାଇଥିଲା। ଦୀର୍ଘ ସମୟ ଖୋଜାଖୋଜି କଲା ପରେ କଟକ ଓଡ୍ରାଫ୍ଟ ଟିମ ସନ୍ଧ୍ୟା ୭ଟାରେ ଅନୁଭବଙ୍କ ମୃତଦେହ ଉଦ୍ଧାର କରିଥିଲେ। ସେ ରେଢୁଆ କଲେଜରେ ଯୁକ୍ତ ୨ ଶ୍ରେଣୀର ପାଠ ପଢୁଥିଲେ। ସୂଚନାଯୋଗ୍ୟ କି ଦିନ ୧୧ଟା ସମୟରେ ଅନୁଭବ ତାଙ୍କର ଦୁଇ ଜଣ ସାଙ୍ଗଙ୍କ ସହିତ ବାଙ୍କଲ ମହାନଦୀ ପଥରବନ୍ଧ ନିକଟକୁ ଯାଇ ଗାଧୋଇବା ସମୟରେ ଅସାବଧାନତା ବଶତଃ ତାଙ୍କର ଗୋଡ଼ ଖସି ଯିବାରୁ ସେ ପାଣି ଭିତରେ ବୁଡ଼ି ଯାଇଥିଲେ। ପାଖରେ ଥିବା ଦୁଇ ସାଙ୍ଗ ଅନୁଭବଙ୍କୁ ଉଦ୍ଧାର କରିବାରେ ବିଫଳ ହେବାରୁ ସେମାନେ ଲୋକଙ୍କୁ ଡାକି ପକାଇଥିଲେ। ଖବର ପାଇ କିଶନ ନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଓଡ୍ରାଫ୍ ଟିମର ବିଫଳତାକୁ ନେଇ ଲୋକମାନଙ୍କ ମନରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଫଳରେ ସେମାନେ କଟକ ପାରାଦୀପ ରାସ୍ତାର କୁଳସାହି ଠାରେ କିଛି ସମୟ ପାଇଁ ରାସ୍ତାରୋକ କରିଥିଲେ। ରଘୁନାଥପୁର ପୁଲିସ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କଲା ପରେ ରାସ୍ତାରୋକ ହଟିଥିଲା।

## ଚୋରା ମଦ ଜବତ; ୨ ଗିରଫ

ରଘୁନାଥପୁର/ପରାଦୀପ,୧୮।୪(ସମିସ): ଦୁଇଟି ଭିନ୍ନ ଭିନ୍ନ ମାମଲାରେ ପୁଲିସ୍ ଚଢ଼ଉ କରି ୨ ଜଣଙ୍କୁ ଗିରଫ କରିବା ସହ ଦେଶୀବିଦେଶୀ ମଦ ଜବତ କରିଛି। ରଘୁନାଥପୁର ଥାନା ଦେଉଳିସାହି ଗ୍ରାମରୁ ପୁଲିସ ୧୩ ଲିଟର ଦେଶୀ ବିଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତ ବାବୁଲି ସେଠୀ (୬୨)କୁ ଗିରଫ କରିଥିଲା। ଏ ସମ୍ପର୍କରେ ଥାନାରେ କେସ ନଂ. ୭୮/୨୫ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଏସଆଇ ଯୋଗେଶ୍ୱର ବେହେରା ପ୍ରକାଶ କରିଛନ୍ତି। କୌଣସି ସୂତ୍ରରୁ ଖବର ପାଇ ପୁଲିସ ଅତର୍କିତ ଭାବେ ବାବୁଲି ଘର ଉପରେ ଚଢ଼ଉ କରି ମଦକୁ ଜବତ କରିଥିଲା। ଏହି ସମୟରେ ଅଭିଯୁକ୍ତ ବାବୁଲି ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ତାକୁ କାବୁ କରି ଥାନାକୁ ଆଣିଥିଲା। ସେହିପରି ପାରାଦୀପ ଆଦର୍ଶ ଥାନା ମୂଷାଡିହା ଗ୍ରାମର ବିଜୟ ମଣ୍ଡଳ (୫୫) ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ଆଜି ଗିରଫ ହୋଇଛି। ତା' ନିକଟରୁ ୪.୫ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରିଛି ପୁଲିସ। ପୁଲିସ ପାଟ୍ରୋଲିଂ ବେଳେ ଏହି ଚୋରା ମଦ ବେପାରୀକୁ କାବୁ କରିଥିଲା। ତେବେ ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଆସନ୍ତାକାଲି ଅଭିଯୁକ୍ତକୁ ନୋଟିସ ଦିଆଯିବା ସହିତ ଦସ୍ତଖତ କରାଇ ଛଡ଼ାଯିବା ନେଇ ଥାନା ଆଇଆଇସି ବବିତା ଦେହୁରୀ ସୂଚନା ଦେଇଛନ୍ତି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ନାଉଗାଁ,୧୮।୪(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ କୋରୁଅ ପଞ୍ଚାୟତର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହରୀ ଉପଲକ୍ଷେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ନାଉଗାଁ ଥାନାର ଭାରପ୍ରାପ୍ତ ଅଧିକାରୀ ଦେବାଶିଷ ପଣ୍ଡା ଅନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଅନ୍ୟପଟେ ଏହି ଶିବିରରେ ମୋଟ ୫୫ ୟୁନିଟି ରକ୍ତ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀଙ୍କ ସହଯୋଗରେ ସଂଗ୍ରହ ହୋଇଥିଲା। ଏବଂ ଏହି ରକ୍ତଦାନ ଶିବିରକୁ ମହାଦେବ ସାହୁ, ଅମୂଲ୍ୟ କୁମାର ସେନାପତି, ଧରଣୀଧର ସ୍ୱାଇଁ, ଅଭୟ ବେହାର, ରମେଶ ଚନ୍ଦ୍ର ବିଶ୍ୱାଳ ଓ ଜ୍ଞାନ ରଞ୍ଜନ ଜେନା ଓ ଗ୍ରାମବାସୀ ମାନଙ୍କ ସାହାଯ୍ୟରେ ଏହି ଶିବିର ସଫଳ ମଣ୍ଡିତ ହୋଇଥିବାର ଦେଖାଯାଇଛି।

## କଳିଙ୍ଗ ମହିଳା ଶକ୍ତିର ସାଧାରଣ ସଭା

ପାରାଦୀପ,୧୮।୪(ସମିସ): ପାରାଦୀପ ଅଞ୍ଚଳର ଅଗ୍ରଣୀ ମହିଳା ସଂଗଠନ କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ସ୍ଥାନୀୟ ଗଲ୍ଫ ଫିଲ୍ଡ ଠାରେ ସଂଗଠନର ସଭାପତି ମନୋରମା ଖଟୁଆଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ମହିଳା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଉପଦେଷ୍ଟା ରବୀନ୍ଦ୍ର ମଲ୍ଲିକ ଓ ଗଦାଧର ମହାନ୍ତି, କଲ୍ୟାଣୀ ସ୍ୱାଇଁ, ଉର୍ମିଳା ସାହୁ, ମୌସୁମୀ ମହାପାତ୍ର, ଲକ୍ଷ୍ମୀପ୍ରିୟା ପାଲ, ପ୍ରମିଳା ଗୋଛାୟତ ଓ ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କିଭଳି କଳିଙ୍ଗ ମହିଳା ଶକ୍ତିର କାର୍ଯ୍ୟକୁ ଆଗକୁ ନେଇ ପାରାଦୀପର ୧୯ଟି ୱାର୍ଡରେ ଜନତାଙ୍କ ସାଥିରେ ରହି ସେମାନଙ୍କ ଅସୁବିଧା ସୁବିଧାରେ ଛିଡ଼ା ହେବାକୁ ପଡିବ ଓ ଯେଉଁସବୁ ୱାର୍ଡରେ ମଦ ବିକ୍ରି କରାଯାଉଛି ତାକୁ ବିରୋଧ କରାଯିବା ସହ ଜନସାଧାରଣଙ୍କୁ ସୁରକ୍ଷା ଦେବା ଓ ମହିଳାଙ୍କ ହକ୍ ପାଇଁ ଲଢ଼େଇ ପ୍ରଥମ କାମ ହେବ ବୋଲି ବକ୍ତବ୍ୟରେ ସଭାପତି ମତ ରଖିଥିଲେ।

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାକୁ ନେଇ ବିବାଦ

# ଦୁଇଗୋଷ୍ଠୀଙ୍କ ମଧ୍ୟରେ ବଢୁଛି ଉତ୍ତେଜନା

କୁଜଙ୍ଗ,୧୮।୪(ସମିସ)



କୁଜଙ୍ଗ ବ୍ଲକ ଗୋପିଆକୁଦ ପଞ୍ଚାୟତରେ ଦୁଇଟି ଭିନ୍ନ ଅନୁଷ୍ଠାନ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଆୟୋଜନକୁ ବିବାଦ ଦେଖା ଦେଇଥିବା ଜଣାପଡିଛି। ଉଭୟ ଅନୁଷ୍ଠାନ ନାଟକ ଆୟୋଜନର ସମୟ ସୀମା ଓ ପରିବେଷଣ ହେବାକୁ ଥିବା ନାଟକକୁ ନେଇ କିଛି ଅସନ୍ତୋଷ ରହିଥିବା ଜଣାପଡିଛି। ଯଦିଓ ଉଭୟ ସାଂସ୍କୃତିକ ଅନୁଷ୍ଠାନ ପ୍ରଶାସନିକ ଅନୁମତି ପାଇଁ ରହିଥିବା ପ୍ରକ୍ରିୟା ଅନୁକରଣ କରି ଅନୁମତି ହାସଲ କରିବାକୁ ଅପେକ୍ଷା କରିଛନ୍ତି। ତଥାପି ଯଦି ସେମାନଙ୍କ ମଧ୍ୟରେ କୌଣସି ଅସହମତିକୁ ନେଇ ବିବାଦ ସମାଧାନ ନ ହୁଏ ତାହାଲେ ପ୍ରଶାସନ ଚୂଡ଼ାନ୍ତ ପଦକ୍ଷେପ ଗ୍ରହଣ କରିବ ବୋଲି ଅନୁମାନ କରାଯାଉଛି ଯାହା ନାଟକ ପ୍ରେମୀଙ୍କୁ ବ୍ୟଥିତ କରିଛି।

ପ୍ରକାଶ ଯେ ଗତମାସ ୮ ତାରିଖରେ କାଳିଆପାଟ ସାଂସ୍କୃତିକ ମଞ୍ଚ ପକ୍ଷରୁ ପ୍ରଥମେ ଅପ୍ରେଲ ୨୮ ରୁ ମେ' ୨ ତାରିଖ ପାଞ୍ଚଦିନ ଧରି ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବା ନେଇ ଘୋଷଣା କରାଯାଇଥିଲା। ଅଂଶ ଗ୍ରହଣକାରୀ ସାଂସ୍କୃତିକ ଦଳ ମଧ୍ୟରେ ଲଟେରୀ ଜରିଆରେ କେଉଁ ଦଳ କେଉଁଦିନ ନାଟକ ପରିବେଷଣ କରିବ ତାହା ନିର୍ଦ୍ଧାରଣ କରିଥିଲେ। ମାତ୍ର ଏହାର ଏକ ସପ୍ତାହ ପରେ ହାପି କ୍ଲବ ଗତ ମାସ ୧୫ ତାରିଖରେ ଲଟେରୀ କରିବା ସହିତ ୨୦ରୁ ୨୪ ତାରିଖ ମଧ୍ୟରେ ୫ ଦିନିଆ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଆୟୋଜନ ନେଇ ଘୋଷଣା କରିଥିଲେ। ଏହି କ୍ଲବ ୭ ବର୍ଷ ଧରି ଏହିପରି ପ୍ରତିଯୋଗିତା ଆୟୋଜନ କରିଆସୁଥିବା ବେଳେ ଗତ ୨ ବର୍ଷ ଧରି ନୀରବ ରହିଥିଲା। ଯାହାକୁ ନେଇ ଉଭୟ ଅନୁଷ୍ଠାନ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଉଭୟ ଦଳ ନିଜନିଜର ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି। ତେବେ ପ୍ରଥମ ଓ ଦ୍ୱିତୀୟ ଅନୁଷ୍ଠାନ ମଧ୍ୟରେ ମାତ୍ର ୪ ଦିନ ବ୍ୟବଧାନ ରହୁଥିବାରୁ ଦ୍ୱିତୀୟ ଦଳ ମଞ୍ଚ, ଟେଣ୍ଟ ବାନ୍ଧିବା ନେଇ ସ୍ୱଳ୍ପ ସମୟ ମଧ୍ୟରେ ଆୟୋଜନ ନେଇ ସନ୍ଦିହୀନ ହୋଇ ପଡିଛନ୍ତି। ସେମାନେ ଯୁକ୍ତି କରୁଛନ୍ତି ଯେ ଦୁଇ ଦଳର କାର୍ଯ୍ୟକ୍ରମ ମଧ୍ୟରେ ଏକ ସପ୍ତାହ ଅନ୍ତର ରହିବା ନିହାତି ଆବଶ୍ୟକ। ସେହିପରି ସ୍ୱଳ୍ପ ବ୍ୟବଧାନ ମଧ୍ୟରେ ସମାନ ନାଟକ ପରିବେଷଣ ଦର୍ଶକୀୟ ଆଦର ଓ ଉତ୍କଣ୍ଠା ହରାଇବା ଫଳରେ ଦ୍ୱିତୀୟ ଅନୁଷ୍ଠାନ ଦର୍ଶକୀୟ ଆଦୃତି ହାସଲ କରିପାରିବ ନାହିଁ। ଯାହା ନାଟକ ମଞ୍ଚସ୍ଥ କରିବାକୁ ଆସୁଥିବା ଦଳକୁ ନିରୁତ୍ସାହିତ କରିବା ବୋଲି କାଳିଆପାଟ ସାଂସ୍କୃତିକ ମଞ୍ଚର ସଭାପତି ଇଂ.ଜ୍ୟୋତି ରଞ୍ଜନ ସାମଲ ଓ କାର୍ଯ୍ୟକାରୀ ସଭାପତି ମନୋଜ ବେହେରା ଅଭିଯୋଗ କରିଛନ୍ତି। ସେହିପରି ହାପି କ୍ଲବର ସଭାପତି ବାବସ ରାଉତ ନିଜ ମତାମତ ଦେଇ କହିଛନ୍ତି ଯେ, ଉଭୟ ଅନୁଷ୍ଠାନ ଶୃଙ୍ଖଳାର ସହିତ ପ୍ରତିଯୋଗିତା ହେଉ। ଆମେ ତାଙ୍କ ପାଇ ୨୫ ତାରିଖ ଦିନ ୧୨ଟା ସୁଦ୍ଧା ପଡିଆ ଖାଲି କରିଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଉଛି ବୋଲି କହିଥିଲେ। ଏ ନେଇ ସ୍ଥାନୀୟ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କୁ ପଚାରିବାରୁ ଉଭୟ ଅନୁଷ୍ଠାନ ସତ୍ୟପାଠ ଜରିଆରେ ଶାନ୍ତି ଓ ଶୃଙ୍ଖଳା ରଖିବାକୁ ଲିଖିତ ସମ୍ମତି ଦେଇଛନ୍ତି। ଯଦି ସେମାନେ ଶୃଙ୍ଖଳା ରକ୍ଷା ନ କରନ୍ତି କରନ୍ତି, ଆମେ ବାଧହୋଇ ଦୃଢ଼ ପଦକ୍ଷେପ ସ୍ୱରୂପ ଏହି ଅନୁମତି ବାତିଲ କରିବୁ ବୋଲି କହିଥିଲେ।

## ଅପଣ୍ଡରାରେ ବିଜୁବାବୁଙ୍କ ଶ୍ରଦ୍ଧାଞ୍ଜଳି



ବାଲିକୁଦା,୧୮।୪(ସମିସ): ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ବିଜେଡି ପକ୍ଷରୁ ପଞ୍ଚାୟତ ବିଜେଡି ସଭାପତି ରାମଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଶ୍ରୀବନ୍ତପୁର ସ୍ଥିତ ବଡ଼ପଡିଆ ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ନେତା ପବିତ୍ର ସ୍ୱାଇଁ, ମନୋଜ ଦାସ, ଦିଲ୍ଲୀପ ଜେନା, ଜଟାଧାରୀ ରାଉତ, ଉଲ୍ଲାସ ମଲ୍ଲିକ, ମାନସ ଜେନା, ନ୍ୟାବ ସରପଞ୍ଚ ଅଜୟ ମହାନ୍ତି, ଜୟପ୍ରକାଶ ମହାନ୍ତି, କୃଷ୍ଣଚନ୍ଦ୍ର ପରିଡା, ନାଲା ଜେନା, ବଳରାମ ଜେନା, କୃଷ୍ଣ ଚନ୍ଦ୍ର ନାୟକ, ବିହାରୀ ମହାନ୍ତି, ଜଗନ୍ନାଥ ମହାନ୍ତି, ତାପସ ମହାନ୍ତି, ବିକ୍ରମ ସେଠୀ, ଗୋବିନ୍ଦ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବାଲିକୁଦା,୧୮।୪(ସମିସ): ବାଲିକୁଦା ବ୍ଲକ ବାଲିସାହି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଧଡି ବାରିକ (୯୨) ଙ୍କ ପରଲୋକ ହୋଇଯାଇଛି। ସେ ଜଣେ କୃତି ଶିକ୍ଷକ ଭାବେ ବାଲିକୁଦା ବ୍ଲକରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସମିତିସଭ୍ୟା ଯାଜ୍ଞସେନୀ ରାଉତ, ଶ୍ରୀକାନ୍ତ ଦାସ, ଶୁଭେନ୍ଦୁ ଦାସ, ପ୍ରଶାନ୍ତ ଦାସ, ଆଲୋକ ମହାନ୍ତି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ରଶ୍ମୀକାନ୍ତ ମୁଖାଗ୍ନି ଦେଇଥିଲେ।



## ତିର୍ତ୍ତୋଲ ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ

ତିର୍ତ୍ତୋଲ,୧୮।୪(ସମିସ): ତିର୍ତ୍ତୋଲ ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ସଂଘ କାର୍ଯ୍ୟାଳୟଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବେ ତିର୍ତ୍ତୋଲର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ କଳ୍ପନା ତପସ୍ୱିନୀ ନାୟକ, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଡ. ଗାର୍ଗୀ ବିଶ୍ୱାମିତ୍ର ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ତଥା ସଂଘର ନିର୍ବାଚନ ଅଧିକାରୀ ନାରାୟଣ ମହାନ୍ତି ନୂତନ ନିର୍ବାଚିତ କର୍ମକର୍ତ୍ତା ସଭାପତି ସରୋଜ କୁମାର ପାଣିଗ୍ରାହୀ, ଉପସଭାପତି ପ୍ରମୋଦ ସାହୁ, ସମ୍ପାଦକ ଟୁକନ ଚରଣ ସେଠୀ, ସହ ସମ୍ପାଦକ ଗୋଲେଖ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ, କାର୍ଯ୍ୟକାରିଣୀ କମିଟି ସଭ୍ୟ ଉମେଶ ଚନ୍ଦ୍ର ସାହୁ, ତ୍ରିଲୋଚନ ବେହେରା, ଶୁଭ ନାରାୟଣ ରାୟ, ରଶ୍ମିତା ଦାସ, ରୀତା ମହାନ୍ତିଙ୍କୁ ଶପଥ ପାଠ କରାଇଥିଲେ। ସଙ୍ଘର ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ରାୟ, ବରିଷ୍ଠ ଆଇନଜୀବୀ ସୁଧୀର ଚନ୍ଦ୍ର ଖୁଣ୍ଟିଆ, ତିର୍ତ୍ତୋଲ ଜେଏମ୍ଏଫ୍ସି ଅଦାଲତର ଏପିପି (କ୍ୟାଡର) ସସ୍ମିତା ନାୟକ, ପ୍ରଭାତ ପଲାଉର, ସତ୍ୟ ରଞ୍ଜନ ପଣ୍ଡା, ସୁବାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




## ଗୋପବନ୍ଧୁ କ୍ରୀଡ଼ା ସଂସଦର ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ପାରାଦୀପ,୧୮।୪(ସମିସ): ଗୋପବନ୍ଧୁ କ୍ରୀଡ଼ା ସଂସଦର ସମ୍ପାଦକ ତଥା ପାରାଦୀପ ବନ୍ଦର କର୍ମଚାରୀ ଧୂନଚନ୍ଦ୍ର ତରାଇଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ଜେବି-ଜେସି ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ଏହା ସହିତ କଲୋନୀର ସଭାପତି ଅକ୍ଷୟ କୁମାର ବେହେରା ଓ ସମ୍ପାଦକ ଜର୍ଜ ପଲ୍ ରବିନସନ୍ ଏବଂ ଅନ୍ୟ ସଭ୍ୟ ନିରଞ୍ଜନ ରଥ, ଗୋଲେଖ ଚନ୍ଦ୍ର ପ୍ରଧାନ, କେ ନରେନ୍ଦ୍ର, ସ୍ୱଦେଶ ସୁବ୍ରତ ଦାସ, ତନ୍ମୟ ଦାସ, ଡ. ରୁନୁ ସିଂହ, ଡ. ଗୀତାଞ୍ଜଳି ପ୍ରମୁଖ ଯୋଗ ଦେଇଥିଲେ। ସେ ଦୁଇଟି ଅନୁଷ୍ଠାନର ସମ୍ପାଦକ ଦାୟିତ୍ୱ ତୁଲାଉଥିଲେ। ଗୋପବନ୍ଧୁ କ୍ରୀଡ଼ା ସଂସଦ, ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଏସସି-ଏସଟି ଆସୋସେସନର ସମ୍ପାଦକ ଭାବରେ କାର୍ଯ୍ୟ କରୁଥିଲେ। ସର୍ବଭାରତୀୟ ବୃହତ୍ ବନ୍ଦର ଫୁଟବଲ୍ ଖେଳରେ ତିନି ଥର ଚାମ୍ପିଅନ ହୋଇଥିଲେ। ଥରେ ରନର୍ସଅପ୍ ଏବଂ ତିନି ତିନି ଥର ତୃତୀୟସ୍ଥାନ ଅଧିକାର କରିଥିଲେ। ସେହିଭଳି ବୃହତ୍ ବନ୍ଦର ଆଥଲେଟିକରେ ୮ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଏବଂ ପାଞ୍ଚ ଟି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୱାଲ୍ଡ ମାଷ୍ଟର୍ସ ଆଥଲେଟିକ୍ସରେ ତିନିଥର ବିଦେଶ (ସୁଇଡେନ) ମାଟିରେ ଭାରତମାତାର ପ୍ରତିନିଧିତ୍ୱ କରି ପାରାଦୀପ ବନ୍ଦର ପାଇଁ ବିଜୟର ଗୌରବ ଆଣିଥିଲେ।



## ଶିକ୍ଷକ ନେତା ଅଶୋକ କୁମାର ଦାସଙ୍କ ସ୍ମୃତିସଭା



ଜଗତସିଂହପୁର,୧୮।୪(ସମିସ): ଜଗତସିଂହପୁର ଜିଲ୍ଲା ଓଷ୍ଟା କାର୍ଯ୍ୟାଳୟ ପରିସରରେ ଓଷ୍ଟାର ବରିଷ୍ଠ ଶିକ୍ଷକ ନେତା ତଥା ବିରିଡ଼ି ବ୍ଲକ୍ ଓଷ୍ଟା ସଂପାଦକ ଅଶୋକ କୁମାର ଦାସଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓଷ୍ଟାର ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ନିକୁଞ୍ଜ କିଶୋର ବେହେରା, ଶରତ ଚନ୍ଦ୍ର ବାରିକ, ରମାକାନ୍ତ ପତି, ଜିଲ୍ଲା ଓଷ୍ଟା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁବାସ ଚନ୍ଦ୍ର ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୁଗ୍ମ ସମ୍ପାଦକ ଅନୀଲ କୁମାର ଜେନା, ନିହାର ରଞ୍ଜନ ନାୟକ, ରଞ୍ଜନ କୁମାର ମିଶ୍ର, ମଦର ଧର ସ୍ୱାଇଁ, ବିନୋଦ କୁମାର ମୁଦୁଲି, ବିଷ୍ଣୁ ଚରଣ ଦାସ, ତ୍ରିଲୋଚନ ସାହୁ, ସ୍ମୃତି ରଞ୍ଜନ ପରିଜା, ପଙ୍କଜିନି ନନ୍ଦ, ସ୍ୱାଗତିକା ମହାନ୍ତି, ବିଶ୍ୱନାଥ ଷଡ଼ଙ୍ଗୀ, ଅଜିତ କୁମାର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ନାଉଗାଁ ବ୍ଲକ ଓଷ୍ଟା ସମ୍ପାଦକ ହିମାଂଶୁ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୀପଶିଖା କେନ୍ଦ୍ରୀୟ ବିଦ୍ୟାଳୟର ଟପ୍ପର



ଜଗତସିଂହପୁର,୧୮।୪(ସମିସ): ଜଗତସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଦୀପଶିଖା ମିଶ୍ର ଚଳିତ ବର୍ଷ ସିବିଏସ୍ଇ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ଟପର ହୋଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦୀପଶିଖା ୯୭ ପ୍ରତିଶତ ନମ୍ବର ରଖି ଏହି କୃତିତ୍ୱ ହାସଲ କରିଛନ୍ତି। ଅଲଣାହାଟ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଏବଂ ସରକାରୀ ବାଳିକା ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସସ୍ମିତା ଶତପଥିଙ୍କର ସେ କନିଷ୍ଠା କନ୍ୟା ଅଟନ୍ତି। ଦୀପଶିଖାଙ୍କର ଏହି ସଫଳତା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ, ଶିକ୍ଷକ ଶିକ୍ଷୟତ୍ରୀ, ଆତ୍ମୀୟସ୍ୱଜନ, ବନ୍ଧୁ, ପରିବାରବର୍ଗ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତ ଜୀବନ ପାଇଁ ପ୍ରେରଣକ୍ଷ ଦେଇ ଉତ୍ସାହିତ କରିଛନ୍ତି।

## ୫୮ ୟୁନିଟ୍ ରକ୍ତ ସଂଗୃହୀତ

ପାରାଦୀପ,୧୮।୪(ସମିସ): ପାରାଦୀପର ହୋଟେଲ୍ ଏମ୍ପାୟାର୍ସ ପକ୍ଷରୁ ଆଜି ଏକ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଯେଉଁ ଶିବିରରେ କେବଳ ହୋଟେଲର କର୍ମଚାରୀ ମାନେ ହିଁ ରକ୍ତଦାନ କରିଥିଲେ। ମୋଟ ୫୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କଟକ ରେଡକ୍ରସ ପକ୍ଷରୁ ଏହି ଶିବିର ପରିଚାଳନା କରାଯାଇ ରକ୍ତ ସଂଗୃହୀତ ହୋଇଛି। ତେବେ ଆଜି ଓଏସଏଲର ପ୍ରତିଷ୍ଠାତା ତଥା ହୋଟେଲ ଏମ୍ପାୟାର୍ସ ଗ୍ରୁପର ମୁଖ୍ୟ ମହିମାନନ୍ଦ ମିଶ୍ରଙ୍କ ଜନ୍ମଦିନ ଅବସରରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ତେବେ ପାରାଦୀପର ହୋଟେଲ୍ ଏମ୍ପାୟାର୍ସ ଏବଂ ସେଣ୍ଟ୍ରାଲ ରେଡକ୍ରସ କଟକ ମିଳିତ ସହଯୋଗରେ ଏହି ବିଶାଳ ରକ୍ତଦାନ ଶିବିର ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ହୋଟେଲର ଜେନେରାଲ ମ୍ୟାନେଜର ସନ୍ତୋଷ ମିଶ୍ର ଏହି ଶିବିର ସମ୍ପର୍କରେ ସୂଚନା ଦେଇଥିଲେ।

## ଆମ୍ବେଦକରଙ୍କ ଜୟନ୍ତୀ ସମାରୋହ

ପାରାଦୀପ,୧୮।୪(ସମିସ): ଫୁଲେ-ଆମ୍ବେଦକର ସାମାଜିକ ବିକାଶ ପରିଷଦ ଓ ଛାତ୍ର ଓ ଶିକ୍ଷକ ସଙ୍ଘ ମିଳିତ ଆନୁକୂଲ୍ୟରେ ସମ୍ବିଧାନ ପ୍ରଣେତା ବାବାସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଫୁଲେଆମ୍ବେଦକର ସାମାଜିକ ବିକାଶ ପରିଷଦ ଓ ଛାତ୍ର ଶିକ୍ଷକ ସଙ୍ଘ, ଆମ୍ବେଦକର ସେବାସଙ୍ଘ, ମାହାଳ, ଢିଙ୍କିଆ, ଆମ୍ବେଦକର ସାଂସ୍କୃତିକ ପରିଷଦ, ନୂଆଗାଁ, ଏରସମା ମିଳିତ ସହଯୋଗରେ ଏକ ବାଇକ୍ ଶୋଭାଯାତ୍ରା କୁଜଙ୍ଗ ଓ ପାରାଦୀପ ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରା ପାରାଦୀପରେ ଥିବା ଆମ୍ବେଦକର ପାର୍କରେ ଶେଷ ହୋଇଥିଲା। ସେଠାରେ ଥିବା ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ତଥା ଶ୍ରଦ୍ଧାସୁମନ ଅର୍ପଣ ହୋଇଥିଲା। ଛାତ୍ର ଶିକ୍ଷକ ସଂଘର ପ୍ରତିଷ୍ଠାତା ସଭାପତି ଦୀପ୍ତିରଞ୍ଜନ ସେଠୀଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଯୁବକ ଓ ଛାତ୍ରୀ ଯୋଗ ଦେଇଥିଲେ।

## କଂଗ୍ରେସ ପକ୍ଷରୁ ଜନଜାଗରଣ ରଥକୁ ସ୍ୱାଗତ



ଜଗତସିଂହପୁର/ପରାଦୀପ,୧୮।୪(ସମିସ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ଅନୁସୂଚିତ ଜାତି କଂଗ୍ରେସର ଅଧ୍ୟକ୍ଷ ମାନସ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମପୀଠ ପୁରୀ ଜିଲ୍ଲା ସୁଆଣ୍ଡୋ ଠାରୁ ବାହାରିଥିଲା। ଓଡ଼ିଶାର ୩୫ଟି ସାଂଗଠନିକ ଜିଲ୍ଲା ଗସ୍ତ କରି ଏହି ରଥ ଜନ ସଚେତନତା ସୃଷ୍ଟି କରିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାରେ ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ବ୍ଲକ ଏବଂ ପୌରାଞ୍ଚଳରେ ଏହି ଜନ ଜାଗରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମସ୍ତ ବ୍ଲକ ତଥା ପୌରାଞ୍ଚଳର ସଭାପତି ଏବଂ ସ୍ଥାନୀୟ ନେତୃବୃନ୍ଦ ରଥକୁ ନିଜ ନିଜ ବ୍ଲକରେ ସ୍ୱାଗତ କରିଥିଲେ ଏବଂ ଏହି ଅବସରରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ କରିଥିବାରୁ ସମସ୍ତ ନୋତୃବୃନ୍ଦଙ୍କୁ ଜିଲ୍ଲା ସଭାପତି ଶ୍ରୀ ନାୟକ ସାଧୁବାଦ ଜଣାଇଛନ୍ତି। ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତିର ଉପାଧକ୍ଷା ଜାନକୀ ମଲ୍ଲିକ, ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତିର ସଭାପତି ଲକ୍ଷ୍ମୀଧର ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ପାରାଦୀପରେ ଏହି ରଥକୁ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳଙ୍କ ସମେତ ବହୁ କର୍ମୀ ଉପସ୍ଥିତ ହୋଇ ସ୍ୱାଗତ କରିଥିଲେ। ଏହି ଅବସରରେ ଦଳୀୟ ନେତାମାନେ ମଧୁବନସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସି ସେଲ୍ ରାଜ୍ୟ ଉପସଭାପତି ଜାନକୀ ମଲ୍ଲିକ, ଜିଲ୍ଲା ସଭାପତି ଲକ୍ଷ୍ମୀଧର ମଲ୍ଲିକ, ଜିଲ୍ଲା କଂଗ୍ରେସ ଉପସଭାପତି ଅଶ୍ୱିନୀ ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ଶଙ୍କର ସେଠୀ, ପାରାଦୀପ ମହାବିଦ୍ୟାଳୟ ପୂର୍ବତନ ସଭାପତି ବିଜୟ କୁମାର ସେଠୀ ଓ ମହିଳା ନେତ୍ରୀ ମନୋରମା ଖଟୁଆ ପ୍ରମୁଖ ସାମିଲ ହୋଇଥିଲେ।

# ହାତୀ ଆକ୍ରମଣରେ ପୁଣି ଜଣେ ମୃତ

ହିନ୍ଦୋଳ/ଖଜୁରିଆକଟା,୧୮ ।୪(ସମିସ): ହିନ୍ଦୋଳ ଉପଖଣ୍ଡରେ ହାତୀ ଆକ୍ରମଣରେ ଦୁଇଦିନ ତଳେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶନିବାର ହାତୀ ପାଦତଳେ ପୁଣି ଜଣଙ୍କ ଜୀବନ ଯାଇଛି । ମୃତକ ହେଲେ ହିନ୍ଦୋଳ ବ୍ଲକ ହିନ୍ଦୋଳ ବନାଞ୍ଚଳ ତଥା ହିନ୍ଦୋଳ ଥାନା ଅନ୍ତର୍ଗତ ପଡ଼ା ଗ୍ରାମର ସ୍ୱର୍ଗତ ପାଣୁ ସାହୁଙ୍କ ପୁଅ କୈବଲ୍ୟ ସାହୁ । ପୂର୍ବାହ୍ନ ୧୧ଟାରେ କୈବଲ୍ୟ ନିକଟସ୍ଥ ଜଙ୍ଗଲକୁ ଆମ୍ବ ତୋଳିବାକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ । ହାତୀ ତାଙ୍କୁ ଦଳିଚକଟି କଚାଡ଼ି ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ବନବିଭାଗ ଅଧିକାରୀ ଓ ପୁଲିସ ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ବନବିଭାଗ ପକ୍ଷରୁ ପରିବାରକୁ ୧ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆଉ ୯ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି ।

# ଅପେରା ଉଦ୍‌ଘାଟନ କଲେ ନଗରପାଳ

ଭୁବନ,୧୮ ।୪(ସମିସ): ଢେଙ୍କାନାଳ ଓ ଯାଜପୁର ଜିଲ୍ଲା ସୀମାନ୍ତ ଗ୍ରାମ ଭୁବନ ବ୍ଲକ ଅନନ୍ତପୁରରେ ପବିତ୍ର ହନୁମାନ ଜୟନ୍ତୀ ଓ ପଣା ସଙ୍କ୍ରାନ୍ତି ଉପଲକ୍ଷେ ଆୟୋଜିତ ଯାତ୍ରା ରଙ୍ଗମଞ୍ଚ ସାତରଙ୍ଗ ଅପେରାର ଉଦଘାଟନ କରିଛନ୍ତି ଭୁବନ ନଗରପାଳ ଶୁଭେନ୍ଦୁ ସାହୁ । ବଜରଙ୍ଗ କମିଟି ସଭାପତି ଦିଲୀପ ଚିନରା, ଦୟାନିଧି ଦାସ, ପ୍ରଶାନ୍ତ କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

**ଲାନକୋ ଜମିହରା ପ୍ରଜାଙ୍କ ଦୁଃଖ**

# ଖଡ଼ଗପ୍ରସାଦ-ପର୍ଜଙ୍ଗ ରାସ୍ତାକୁ ଗ୍ରାମବାସୀଙ୍କ ତୀବ୍ର ବିରୋଧ

ଢେଙ୍କାନାଳ,୧୮ ।୪(ସମିସ)



ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ଓ କୁରୁଣ୍ଟି ଗ୍ରାମରେ ଲାନକୋ କାରଖାନାକୁ ଜମି ଦେଇ ଶେଷରେ ଜମି ଫେରାଇ ନେବା ପାଇଁ ଗ୍ରାମବାସୀ ଆକୁଳ ନିବେଦନ କରିଛନ୍ତି । ନିଜର ଦାବି ହାସଲ ପାଇଁ ୨୦ ବର୍ଷ ଧରି ସଂଗ୍ରାମ ଚଳାଇଥିବା ବେଳେ କମ୍ପାନୀ ଦରକାର ନାହିଁ ଆମ ଜମି ଆମକୁ ଫେରାଇ ଦେବା ସହ ୫୫ ନଂ ଜାତୀୟ ରାଜପଥର ଖଡଗପ୍ରସାଦ ଗ୍ରାମ ଠାରୁ ପର୍ଜଙ୍ଗ ରାସ୍ତାର ଯୋଗାଯୋଗକୁ ଗ୍ରାମବାସୀମାନେ ତୀବ୍ର ବିରୋଧ କରିଛନ୍ତି ।

ଲାନକୋ କମ୍ପାନୀ କାରଖାନା ପ୍ରତିଷ୍ଠା ପାଇଁ ୨୦୦୮ରେ ରାଜ୍ୟ ସରକାରଙ୍କ ସହ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା । କିନ୍ତୁ କମ୍ପାନୀ ପକ୍ଷରୁ ଶିଳ୍ପ ପ୍ରତିଷ୍ଠା ନ ହେବାରୁ ଜମିହରା ପ୍ରଜାସଂଘ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହାର ଶୁଣାଣି ହୋଇଥିଲା । ଜମିହରା ପ୍ରଜାଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ପକ୍ଷ ରଖିଥିଲେ । କମ୍ପାନୀରେ ନିଯୁକ୍ତି ମିଳିବ ତେଣୁ ୧୦୦୦ ଏକର ଜମିକୁ ଅଞ୍ଚଳବାସୀ ନିଜ ଭଳିଷ୍ୟତ ପାଇଁ ଏକର ପିଛା ୩ରୁ ୬ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିଲେ । ୫ ବର୍ଷ ମଧ୍ୟରେ ଶିଳ୍ପ ପ୍ରତିଷ୍ଠା ହୋଇ ନ ପାରିଲେ ଜମି ଫେରାଇ ଦିଆଯିବ ବୋଲି ଏମଓୟୁରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କ୍ଷତିଗ୍ରସ୍ତ କମିହରା ପ୍ରଜାସଂଘ ପକ୍ଷରୁ ଦର୍ଶାଯାଇଥିଲା । ମାତ୍ର ଏଠାରେ ଶିଳ୍ପ ପ୍ରତିଷ୍ଠା ହୋଇପାରିଲା ନାହିଁ । ଓଲଟା ପ୍ରସ୍ତାବିତ ଶିଳ୍ପ ସଂସ୍ଥା ଉକ୍ତ ଜମିକୁ ସାଫ୍ରନ କମ୍ପାନୀ ନିକଟରେ ବନ୍ଧକ ପକାଇ କୋଟି କୋଟି ଟଙ୍କା ଋଣ କରିପକାଇଲା । ଏ ନେଇ ଜମିହରା ପ୍ରଜା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଲାନକୋ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ଓ ବାକି ଥିବା ପେମେଣ୍ଟ ସହ କମ୍ପାନୀ ଜମିହରା ପ୍ରଜାଙ୍କୁ ଜମି ବାବଦ ବକେୟା ଟଙ୍କା, ଚାକିରି ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ, ପ୍ରତିଶ୍ରୁତି ମୂଳକ ଚାକିରି ଓ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ କରି ନ ଥିବାବେଳେ ଜମିହରାଙ୍କୁ ତାଙ୍କ ଜମି ଫେରସ୍ତ ଦେଲାନାହିଁ । ସାଫରନ କମ୍ପାନୀ ୯୨ କୋଟି ଟଙ୍କାରେ ଜମି କିଣି ୮୮୭ ଏକର ଜମିକୁ ୬୯୦ କୋଟିରେ ବିକ୍ରି କରିଛି । ପ୍ରଜାମାନଙ୍କ ତରଫରୁ ଆସିଥିବା ଆଇନଜୀବୀ ଲଳିତ କୁମାର ମିଶ୍ରଙ୍କ କହିବା ଅନୁସାରେ ଆମେ ରାସ୍ତା ଏବଂ ବ୍ରିଜକୁ ସ୍ୱାଗତ କରୁଛୁ । କିନ୍ତୁ ୨୦୨୩ରେ ଯେଉଁ ନିଷ୍ପତ୍ତି ହୋଇଥିଲା ସେହି ଅନୁସାରେ କମ୍ପାନୀ ଜମି ଭିତରେ ରାସ୍ତା ଯାଉ । ବର୍ତ୍ତମାନ ଏହାକୁ ଚଞ୍ଚକତା କରି ଗ୍ରାମ ରାସ୍ତାରେ ରାସ୍ତା କରାଯିବାକୁ ନେବାକୁ ଏକ ପ୍ରକାର

**ଆମ ଜମି ଆମକୁ ଫେରାଇ ଦିଅ**

ତଞ୍ଚକତା ଚାଲିଛି ତାହା ହେଲେ କମ୍ପାନୀ ଜମି ବଞ୍ଚିଯିବ ବୋଲି କହିଛନ୍ତି । ଏହି ରାସ୍ତା ହେଲେ ସ୍କୁଲ କଲେଜ ଏବଂ ଗ୍ରାମବାସୀଙ୍କ ଉପରେ ପ୍ରଭାବ ପଡିବ ବୋଲି କହିଛନ୍ତି । ନାବାର୍ଡ ସହାୟତାରେ ଯେଉଁ ରାସ୍ତା ଏବଂ ବ୍ରିଜ ହେଉଛି ତାହା ପୂର୍ବ ନିଷ୍ପତ୍ତି ଅନୁସାରେ ହେଉ ବୋଲି କହିଛନ୍ତି ।ଏହାକୁ ନେଇ ଆଜି ପୁଣି ଶୁଣାଣି କରାଯାଇଥିବା ବେଳେ ପ୍ରଜାସଙ୍ଘର ସଭାପତି ଗଙ୍ଗାଧର ସାମଲ କହିଛନ୍ତି ଯେ, ଜିଲ୍ଲାପାଳ ପୁଣି ଏହି ମାମଲାକୁ ମଇ ୧୫କୁ ଘୁଞ୍ଚାଇ ନେଇଛନ୍ତି । ଏବେ କହୁଛନ୍ତି ପ୍ରଜାମାନେ ତ ସିଧାସଳଖ ଜମି ବିକ୍ରୀ କରିଛନ୍ତି ତେବେ ଅସୁବିଧା କଣ । କାରଖାନା ଯେଉଁ ଉଦ୍ଦେଶ୍ୟର କିଣି ଥିଲା ସେହି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇନାହିଁ । ପୂର୍ବସରକାର ଚଞ୍ଚକତା କରି ଜମି ନେଇଛନ୍ତି । ଜମି ହଡପ କରିବାର ଯୋଜନା ଚାଲିଛି । ତେଣୁ ଆମ ଜମି ଆମକୁ ଫେରାଇ ଦିଆଯାଉବୋଲି କହିଛନ୍ତି । ଆମ ଜମି ଆମେ କଣ କରିବୁ ତାହା ଆମେ ସ୍ଥିର କରିବୁ ।ପ୍ରଜାମାନଙ୍କ ଅଭିଯୋଗ ଅନୁସାରେ ବ୍ରାହ୍ମଣୀ ନଦୀଠାରୁ ସିଧାସଳଖ ୫୫ ନମ୍ବର ଜାତୀୟ ରାଜପଥକୁ ନୂତନ ରାସ୍ତା ନିର୍ମାଣ ନିମନ୍ତେ ଲାନକୋ ଜମିରେ ଯିବାକୁ ନିଷ୍ପତି ହୋଇଥିବା ବେଳେ ବର୍ତ୍ତମାନ ଖଡଗପ୍ରସାଦ ଗ୍ରାମ ରାସ୍ତାଦେଇ ଯାଉଥିବାରୁ ଗ୍ରାମବାସୀ ବିପୁଳ କ୍ଷତି ସହିବେ । ଏହାକୁ ନେଇ ପ୍ରଜାମାନେ ବିରୋଧ ପ୍ରଦର୍ଶନ କରିବା ସହିତ ୨୦୨୫ ମସିହାରେ ପ୍ରସ୍ତାବିତ ଜମିରେରାସ୍ତା ନେବାକୁ ନିବେଦନ କରିଛନ୍ତି । କାରଖାନା ସମୟରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦିଆ ଯିବ ବୋଲି ପ୍ରତିଶୃତି ଦେଇ କମ୍ପାନୀ ଠକି ଦେଇଛି । ଚାକିରୀ ଆଶାରେ ବୟସ ଚାଲିଗଲାଣି । ଉପଯୁକ୍ତ କ୍ଷତିପୂରଣ ମିଳିଲା ନାହିଁ । ତେଣୁ ଆମର ଜମି ଦରକାର ନାହିଁ ବୋଲି କହିଛନ୍ତି ।ଜିଲ୍ଲାପାଳ ସମସ୍ତଙ୍କ ଆପତ୍ତି ଅଭିଯୋଗ ଶୁଣିବା ପରେ ମାମଲାକୁ ଆସନ୍ତା ମଇ ୧୫କୁ ଧାର୍ଯ୍ୟ କରିଛନ୍ତି । ବାରମ୍ବାର ଏଭଳି ତାରିଖକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

# ବିଦ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମ




କାମାକ୍ଷାନଗର,୧୮ ।୪(ସମିସ): କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ତତ୍ତ୍ୱାବଧାନରେ ଅଗ୍ନିସେବା ସପ୍ତାହ ପାଳନ ଅବସରରେ କାମାକ୍ଷାନଗର ଅଗ୍ନିଶମ ବିଭାଗ ପକ୍ଷରୁ ଏକ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଆଗ୍ନିକ ଶ୍ରୀକାନ୍ତ ବଳବନ୍ତରାୟ, ଅଗ୍ନିଯୋଦ୍ଧା ପ୍ରଣତ କୁମାର ହୋତା, ସୌମ୍ୟରଞ୍ଜନ ଭୁତିଆ, ସହଯୋଗୀ ଅଜିତ୍ ସେଠୀ ଯୋଗଦେଇ ଅଗ୍ନି ଦୁର୍ଘଟଣାର ପରିଚାଳନା ଉପରେ ତାଲିମ ପ୍ରଦାନ କରିଥିଲେ । ନିଆଁକୁ ଆୟତ୍ତ କରିବା ପାଇଁ ବିଭିନ୍ନ ପ୍ରଣାଳୀ ଉପରେ ଶିକ୍ଷା ପ୍ରଦାନ କରିଥିଲେ । ଦୁର୍ଘଟଣାସ୍ଥଳରୁ କିପରି ନିରାପଦ ସ୍ଥାନକୁ ଲୋକଙ୍କୁ ଉଦ୍ଧାର କରାଯାଇ ପାରିବ ସେ ବିଷୟରେ ତାଲିମ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ, ଏନ୍‌ସିସି, ସ୍କାଉଟ ଗାଇଡ, ଜେଆରସିର ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଶିକ୍ଷକ ସୁରେଶ କୁମାର ବିଶ୍ୱାଳ, ଧ୍ରୁବଚରଣ ସୁନ୍ଦରାୟ, ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ଶିକ୍ଷୟିତ୍ରୀ କବିତା ରାଉତ, କର୍ମଚାରୀ ଗିରୀଶ ଚନ୍ଦ୍ର ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶନିଶ୍ଚରଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

ଢେଙ୍କାନାଳ,୧୮ ।୪(ସମିସ): ସ୍ଥାନୀୟ ଷ୍ଟେସନ ବଜାର ବଡ଼ଯୋରାଠାରେ ଥିବା ଶ୍ରୀ ଶ୍ରୀ ଶନିଶ୍ଚର ମହାପ୍ରଭୁଙ୍କ ଏକାଦଶ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ କଳସଯାତ୍ରା ଓ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଛି । ସ୍ଥାନୀୟ କମଗରା ଘାଟରୁ ପୂଜାର୍ଚ୍ଚନା କରାଯାଇ ଶତାଧିକ ମହିଳା ଓ ପୁରୁଷ କଳସ ଧାରଣ କରି ସହର ପରିକ୍ରମା କରି ପୀଠରେ ସ୍ଥାପନ କରିଥିଲେ । ପରେ ଅଧିବାସ ପୂଜା ଅନୁଷ୍ଠିତ ହୋଇଥିଲା । ରବିବାର ସୂର୍ଯ୍ୟପୂଜା, ଗୁରୁପୂଜା, ଗୋପୂଜା, ଶାଳା ସଂସ୍କାର, କଳସ ମଣ୍ଡଳାଦି ପୂଜନ, ଷୋଡ଼ଶ ଉପଚାର ପୂଜା, ଅଗ୍ନିସଂସ୍କାର ଓ ଆହୁତି ପ୍ରଦାନ ଅନୁଷ୍ଠିତ ହେବ । ମଙ୍ଗଳବାର ସମସ୍ତ ନୀତିକାନ୍ତି ସହ ଅପରାହ୍ନ ୪ଟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ । ତିନିଦିନ ଧରି ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ରହିଛି ।



# ଜଳଛତ୍ର ସେବା ଉଦ୍‌ଘାଟିତ




ଗଁଦିଆ,୧୮ ।୪(ସମିସ): ସମଗ୍ର ରାଜ୍ୟରେ ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ପଥଚାରୀଙ୍କ ଶୋଷ ମେଣ୍ଟାଇବା ପାଇଁ ଆର୍ଟ ଅଫ ଲିଭିଂ ଗଁଦିଆ ଶାଖା ପକ୍ଷରୁ ଜଳଛତ୍ର ସେବା ଉଦଘାଟିତ ହୋଇଛି । ଶ୍ରୀ ଶ୍ରୀ ରବିଶଙ୍କରଙ୍କ ନିର୍ଦ୍ଦେଶ କ୍ରମେ ଗଁଦିଆ ଆର୍ଟ ଅଫ ଲିଭିଂର ସଭାପତି ଆଇନଜୀବୀ ପ୍ରଦୀପ କୁମାର ସାହୁଙ୍କ ଦ୍ୱାରା ଏହି ଜଳଛତ୍ର ଖୋଲାଯାଇଛି । ପ୍ରତ୍ୟେକ ଶୁକ୍ରବାର ଗଁଦିଆ ସାପ୍ତାହିକ ହାଟରେ ଲୋକଙ୍କୁ ସେବା ଯୋଗୀ ଦିଆଯିବ । ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ବିଦ୍ୟାଧର ସାହୁ, ସଞ୍ଜୟ କୁମାର ମହାନ୍ତି, ମଦନ ମୋହନ ଦାସ, ସୁରେନ୍ଦ୍ର ସାହୁ, ଅଭିମନ୍ୟୁ ଦାସ, କୃଷ୍ଣଚନ୍ଦ୍ର ସାହୁ, ଜିତେନ୍ଦ୍ର ମହାପାତ୍ର, ଗଜାନନ ସାହୁ, ରାଜେନ୍ଦ୍ର କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଗଡ଼ଖଙ୍କିରାରେ ଘୋଡ଼ାନାଚ



ଗଁଦିଆ,୧୮ ।୪(ସମିସ): ଗଡ଼ଖଙ୍କିରା ଗ୍ରାମରେ କୈବର୍ତ୍ତ୍ୟ ସମାଜ ପକ୍ଷରୁ ହଜିଯାଉଥିବା ଓଡ଼ିଶାର ସଂସ୍କୃତି ଓ ଲୋକକଳା ଘୋଡ଼ାନାଚ ଅନୁଷ୍ଠିତ ହୋଇଛି । ଭଗବାନଙ୍କ ବିଭିନ୍ନ ଲୀଳାଖେଳା, ଛାନ୍ଦ, ଚଉପଦି, ଶ୍ଳୋକ, ବ୍ୟାକରଣ ସହ ସାହିତ୍ୟ ଓ ସଂସ୍କୃତି ସମ୍ପର୍କିତ ବିଭିନ୍ନ କବିଙ୍କ ରଚନାବଳୀରୁ ଆଲୋଚନା କରାଯାଇ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ।

# ପ୍ରଶାସନ ପକ୍ଷରୁ ବିଭିନ୍ନ ଦୋକାନରେ ଚଢ଼ଉ

ହିନ୍ଦୋଳ,୧୮ ।୪(ସମିସ): ଜିଲାକୁ ତମାଖୁମୁକ୍ତ କରିବା ପାଇଁ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସହକାରୀ ଭେଷକ ନିରୀକ୍ଷକ ପବିତ୍ର ରଞ୍ଜନ କରଙ୍କ ନେତୃତ୍ୱରେ ପୁଲିସ ଓ ଅବକାରୀ ବିଭାଗ ଓ ଖାଦ୍ୟ ସୁରକ୍ଷା ଅଧିକାରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଦୋକାନଗୁଡ଼ିକରେ ଚଢ଼ଉ କରିଛନ୍ତି । ଜିଲ୍ଲାର ସରକାରୀ ଡାକ୍ତରଖାନା ନିକଟ ଦୋକାନଗୁଡ଼ିକରେ ଚଢ଼ଉ କରାଯାଇ ତମାଖୁ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ସଚେତନ କରିବା ସହ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି । ସେହିପରି ହିନ୍ଦୋଳ ସାତମାଇଲ ଛକ, ରାସୋଳ ବଜାର, ହିନ୍ଦୋଳ ସହର ଓ ଖଜୁରିଆକଟା ବଜାରରେ ଥିବା ଦୋକାନଗୁଡ଼ିକରେ ଚଢ଼ଉ କରାଯାଇ ଜରିମାନା ଆଦାୟ କରାଯାଇଛି । ବିଦ୍ୟାଳୟ, ଡାକ୍ତରଖାନା ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ତମାଖୁ ବିକ୍ରି କରୁଥିବା ଦୋକାନୀରେ ଚଢ଼ଉ କରାଯାଇ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ ବୋଲି ଜିଲ୍ଲା ଭେଷଜ ବିଭାଗ ପକ୍ଷରୁ କୁହାଯାଇଛି ।



# ହନୁମାନଜୀଉଙ୍କ ବାର୍ଷିକ ପୂଜା ଓ ପ୍ରବଚନ



ଭୁବନ,୧୮ ।୪(ସମିସ): ଭୁବନ ବ୍ଲକ ବାଲିବୋ ଗ୍ରାମରେ ସିଦ୍ଧ ହନୁମାନଜୀଉଙ୍କ ଦ୍ୱାଦଶ ବାର୍ଷିକ ପୂଜା ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମହାବୀର ଜୟନ୍ତୀ ଅବସରରେ ୧୪ ତାରିଖ ଅପରାହ୍ନରେ ଶତାଧିକ ମହିଳା ପୁରୁଷ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିର ପରିସରରେ ସ୍ଥାପନ କରିଥିଲେ । ୧୫ ତାରିଖ ବୁଧବାରଠାରୁ ୧୭ ତାରିଖ ଶୁକ୍ରବାର ପ୍ରତ୍ୟହ ସୂର୍ଯ୍ୟପୂଜା, ଗୁରୁପୂଜା ଓ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶନିବାର ପୂର୍ଣ୍ଣାହୂତି ଓ ପ୍ରସାଦ ସେବନ ହୋଇଥିଲା । ସନ୍ଧ୍ୟାରେ ରାମକଥା ସେବିକା ମାନସ ପୁରୀ, ପ୍ରବଚିକା ସନ୍ତୋଷିନୀ ମିଶ୍ର ଏବଂ ପ୍ରବଚକ ପଣ୍ଡିତ ପୁରୁଷୋତ୍ତମ ଦାସ ପ୍ରବଚନ ଦେଇଥିଲେ ।

ପ୍ରବଚନ ଶୁଣିବାକୁ ସନ୍ଧ୍ୟାରେ ପ୍ରବଳ ଜନସମାଗମ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୁରୋହିତ ସଚ୍ଚିଦାନନ୍ଦ ମିଶ୍ର, ଧର୍ମାନନ୍ଦ ମିଶ୍ର ମନ୍ତ୍ରପାଠ ମାଧ୍ୟମରେ ପୂଜାର୍ଚ୍ଚନା କରୁଥିବା ବେଳେ ବାଉରୀବନ୍ଧୁ ନାୟକ, ବିଜୟ ସ୍ୱାଇଁ, ଦିଲୀପ ବରାଳ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ରାଜକିଶୋର ବେହେରା, ଦୁଃଶାସନ ବେହେରା, ଗୟାଧର ସାମଲ, ଭାସ୍କର ସ୍ୱାଇଁ, କୁନା ନାୟକ, ଗୌତମ ବେହେରା, ମୁନସୀ ନାୟକ, ଲମ୍ବୋଦର ନାୟକ, ବିବେକ ବରାଳ, ଗିରିଧାରୀ ସ୍ୱାଇଁ, ମନୋଜ ବାରିକ, ଶିଶିର ନାୟକ, ଯଦୁମଣି ବେହେରା, ବିରଞ୍ଚି ସ୍ୱାଇଁ, ସୁଧାକର ଓଝା, ଚିନ୍ମୟ ନାୟକ, ରବି ନାୟକ, ବିଭୂତି ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ୬୨ ଦଳର ଅଂଶଗ୍ରହଣ




ଢେଙ୍କାନାଳ,୧୮ ।୪(ସମିସ): ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ସିଏମ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି । କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଜିଲ୍ଲା କ୍ରୀଡ଼ା ସଂଘ ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାକୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଶୁଭାରମ୍ଭ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି କ୍ରୀଡ଼ା ସମାରୋହରେ କବାଡ଼ି, ଭଲିବଲ, ଖୋଖୋ ଏବଂ ଫୁଟବଲ ପ୍ରତିଯୋଗିତାରେ ସମସ୍ତ ବ୍ଲକ ଅଞ୍ଚଳର ମୋଟ ୬୨ ଦଳ ଅଂଶଗ୍ରହଣ କରିଛନ୍ତି । ଏହା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାଶ ସୂଚନା ଦେଇଛନ୍ତି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ ।

# ମହିଳାଙ୍କ ମଦ ବିରୋଧୀ ଅଭିଯାନ

ହିନ୍ଦୋଳ/ଖଜୁରିଆକଟା,୧୮ ।୪(ସମିସ): ଓଡ଼ାପଡ଼ା ବ୍ଲକ ବାଙ୍ଗୁରସିଂହ ପଞ୍ଚାୟତ ପନେଇଲୋ ଗ୍ରାମରେ ମଦ କାରବାର ବନ୍ଦ ଦାବିରେ ମହିଳାମାନେ ଶୋଭାଯାତ୍ରା କରି ମଦ କାରବାର କରୁଥିବା ବ୍ୟକ୍ତିଙ୍କୁ ପରୋକ୍ଷରେ ଚେତାବନୀ ଦେଇଛନ୍ତି । ମଦ ହଟାଅ ପରିବାର ବଞ୍ଚାଅ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ । ପରେ ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କୁ ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଥିଲେ । ମହିଳାମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ପ୍ରଶାନ୍ତ ସାହୁ ପ୍ରତିଶ୍ରୁତି ଦେଇଛନ୍ତି ।



# ଟାଟା ଷ୍ଟିଲର ଅଗ୍ନିସୁରକ୍ଷା ସଚେତନତା



ଖଜୁରିଆକଟା,୧୮ ।୪(ସମିସ): ହିନ୍ଦୋଳ ବ୍ଲକ ଖଜୁରିଆକଟା ହାଇସ୍କୁଲରେ ଟାଟା ଷ୍ଟିଲ୍ ପକ୍ଷରୁ ଅଗ୍ନିସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏପ୍ରିଲ ୧୪ରୁ ୨୦ ପର୍ଯ୍ୟନ୍ତ ଜାତୀୟ ଅଗ୍ନିସେବା ସପ୍ତାହ ପାଳନ ଅବସରରେ ଟାଟା ଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଅଗ୍ନିଶମ ବିଭାଗ ଅଧିକାରୀ ଛାତ୍ରଛାତ୍ରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ଅଗ୍ନି ନିର୍ବାପନ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଗ୍ନି ସୁରକ୍ଷା ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ବିଭିନ୍ନ ସ୍କୁଲ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରରେ ସାତଦିନ ପର୍ଯ୍ୟନ୍ତ ଜାରିରହିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ଅମିୟଙ୍କୁ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରୀୟ ଗୌରବ ସମ୍ମାନ

ଢେଙ୍କାନାଳ,୧୮ ।୪(ସମିସ): ଓଡ଼ିଶାର ଖ୍ୟାତିସମ୍ପନ୍ନ ଅନ୍ତର୍ଜାତୀୟ କ୍ରୀଡ଼ା ଘୋଷକ ତଥା ସେବା ନିବୃତ୍ତ ଭାରତୀୟ ନୌସେନା ଅଧିକାରୀ ଡ. ଅମୀୟ ଚାନ୍ଦଙ୍କୁ ଗ୍ଲୋବାଲ୍ ହ୍ୟୁମାନ ୱେଲଫେୟାର୍ ଟ୍ରଷ୍ଟ ତରଫରୁ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରୀୟ ଗୌରବ ସମ୍ମାନ ପ୍ରଦାନ କରାଯାଇଛି । ଏ ନେଇ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଚାନ୍ଦଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ମାନିତ କରିଛନ୍ତି । ୫୪ବର୍ଷ ପୂର୍ବରୁ ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ସେ ଭାରତୀୟ ନୌବାହିନୀ ତରଫରୁ ଅଂଶଗ୍ରହଣ କରି ବିଜୟ ପଦକ ପ୍ରାପ୍ତ ହୋଇଥିଲେ । ଗତ ଡିସେମ୍ବରରେ କଟକ ଶାରଳା ଭବନରେ ଓଡ଼ିଶା ହାଇକୋର୍ଟର ବିଚାରପତି ତାଙ୍କୁ ୱାର ହିରୋ ସମ୍ମାନ ପ୍ରଦାନ କରିବା ସହିତ ଆଗାମୀ ପିଢ଼ି ପାଇଁ ସେ ପ୍ରେରଣାର ଉତ୍ସ ବୋଲି ପ୍ରକାଶ କରିଥିଲେ ।



# ବିଜୁବାବୁଙ୍କ ୨୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ

କାମାକ୍ଷାନଗର,୧୮ ।୪(ସମିସ):




କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି । ବିଜୁ ପଟ୍ଟନାୟକ ବସଷ୍ଟାଣ୍ଡରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ଥାନୀୟ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା । ପରେ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ତଥା ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନନ୍ତପୁରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ଏହି ଅବସରରେ 'ବିଜୁବାବୁଙ୍କ ଦେଶପ୍ରେମ ଏବଂ ଓଡ଼ିଶା ବିକାଶରେ ଅବଦାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଭୁବନ ଏନଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ପୂର୍ବତନ ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, କାମାକ୍ଷାନଗର ଏନଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, କାମାକ୍ଷାନଗର ବ୍ଲକ ବିଜେଡି ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଭୁବନ ବ୍ଲକ ସଭାପତି, ନଗର ସଭାପତି, ସଭାନେତ୍ରୀ, ଦଳୀୟ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, କାଉନସିଲର ଓ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ଶତାଧିକ ବିଜୁପ୍ରେମୀ ଯୋଗଦେଇଥିଲେ ।


# 'ଜଙ୍ଗଲକୁ ନିଆଁରୁ ରକ୍ଷା କରନ୍ତୁ'

ଗଁଦିଆ,୧୮ ।୪(ସମିସ): ପ୍ରଚଣ୍ଡ ରୌଦ୍ରତାପରେ ଜଙ୍ଗଲର ପଶୁପକ୍ଷୀମାନେ ଅସହାୟ ହୋଉପଡୁଥିବା ବେଳେ କିଛି ଅସାଧୁ ବ୍ୟକ୍ତି ବିଡ଼ି, ସିଗାରେଟ ଖାଇ ଦିଆସିଲି କାଠିକୁ ଫିଙ୍ଗି ଦେବା ଫଳରେ ଜଙ୍ଗଲରେ ନିଆଁ ଲାଗିଯାଉଛି । ଗଛଲତା ନଷ୍ଟ ହେବା ସହ ପଶୁପକ୍ଷୀ ମୃତ୍ୟୁମୁଖରେ ପଡୁଛନ୍ତି । ଏଥିରୁ ନିବୃତ୍ତ ରହି ଜଙ୍ଗଲକୁ ସୁରକ୍ଷା ଦେଲେ ପରିବେଶ ସୁସ୍ଥ ହୋଇପାରିବ ଓ ଉତ୍ତମ ବୃଷ୍ଟିପାତ ହେବ ବୋଲି ପରିବେଶବିତ ତଥା ଜିଲ୍ଲା ପ୍ରକୃତିବନ୍ଧୁ ସଙ୍ଗଠନ ସମ୍ପାଦକ ପ୍ରକୃତିବନ୍ଧୁ ହରିହର ସାହୁ ପ୍ରକାଶ କରିଛନ୍ତି ।

# ଏକ ଘଣ୍ଟାରେ ଟ୍ରମ୍ପଙ୍କ ୭ ମିଛ!


ୱାସିଂଟନ/ତେହରାନ, ୧୮ ।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମାତ୍ର ଏକ ଘଣ୍ଟା ମଧ୍ୟରେ ସାତୋଟି ମିଥ୍ୟା ତଥ୍ୟ ଉପସ୍ଥାପନ କରିଛନ୍ତି । ଇରାନ ସଂସଦର ବାଚସ୍ପତି ମହମ୍ମଦ ଗାଲିବାଫ ଏଭଳି ଅଭିଯୋଗ ଆଣିଛନ୍ତି । ଗାଲିବାଫ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଉଲ୍ଲେଖ କରିଛନ୍ତି ଯେ, ଟ୍ରମ୍ପ ନିଜର ଆରିଜୋନା କାର୍ଯ୍ୟକ୍ରମ ଏବଂ ପରବର୍ତ୍ତୀ ସମୟରେ ଅନେକ ଭ୍ରାନ୍ତ ଧାରଣା ସୃଷ୍ଟି କରିଛନ୍ତି । ବିଶେଷ କରି ଇରାନ ନିଜର ଆଣବିକ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ 'ଆଣବିକ ଧୂଳି' (ସମୃଦ୍ଧ ୟୁରାନିୟମ) ହସ୍ତାନ୍ତର କରିବା ନେଇ ଟ୍ରମ୍ପ ଯେଉଁ ଦାବି କରିଥିଲେ, ତାହାକୁ ସେ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି । ଗାଲିବାଫ୍‌ଙ୍କ ଅନୁଯାୟୀ, ମିଥ୍ୟା ପ୍ରଚାର କରି ଯୁଦ୍ଧ କିମ୍ବା ଆଲୋଚନାରେ ସଫଳତା ପାଇବା ଅସମ୍ଭବ । ବିଶ୍ୱର ସର୍ବାଧିକ ଖଣିଜ ତୈଳ ପରିବହନ ହେଉଥିବା ହର୍ମୁଜ ବର୍ତ୍ତମାନ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି । ଇରାନ ପକ୍ଷରୁ କୁହାଯାଇଛି ଯେ, ଏହି ପଥ ଦେଇ ଯାତାୟାତ କେବଳ ଏକ 'ନିର୍ଦ୍ଧାରିତ ମାର୍ଗ' ଏବଂ ଇରାନର ଅନୁମତି କ୍ରମେ ହିଁ ସମ୍ଭବ ହେବ । ଯଦିଓ ପୂର୍ବରୁ ବାଣିଜ୍ୟିକ ଜାହାଜ ପାଇଁ ଏହି ପଥ ଖୋଲା ରହିବ ବୋଲି କୁହାଯାଇଥିଲା, କିନ୍ତୁ ବର୍ତ୍ତମାନର ସ୍ଥିତିରେ ଅନିଶ୍ଚିତତା ଦେଖାଦେଇଛି । ଦକ୍ଷିଣ ଆଫ୍ରିକାରେ ଥିବା ଇରାନ ଦୂତାବାସ କହିଛି ଯେ, ଇରାନର ଆଙ୍ଗୁଠି ବର୍ତ୍ତମାନ ଟ୍ରିଗର ଉପରେ ଅଛି । ଯଦି ଆମେରିକା କିମ୍ବା ଇସ୍ରାଏଲ ପୁଣି ଥରେ ବିଶ୍ୱାସଘାତକତା କରନ୍ତି, ତେବେ ସେମାନଙ୍କୁ କଳ୍ପନାତୀତ ପରିଣାମ ଭୋଗିବାକୁ ପଡ଼ିବ । ଆମେରିକାର ସୋସିଆଲ ମିଡିଆ ପୋଷ୍ଟ କିମ୍ବା ରାଷ୍ଟ୍ରପତିଙ୍କ ବିମାନ କୌଣସି ଆଲୋଚନାର ଟେବୁଲ ନୁହେଁ ବୋଲି ଇରାନ କଟାକ୍ଷ କରିଛି ।

# 'ୟୁରାନିୟମ୍ ହସ୍ତାନ୍ତର ପ୍ରଶ୍ନ ଉଠୁନାହିଁ'



ତେହରାନ/ୱାସିଂଟନ, ୧୮ ।୪ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକପାଖିଆ ଦାବିକୁ ଇରାନ ପ୍ରତ୍ୟାଖ୍ୟାନ କରିଛି । ଇରାନ ନିଜର ସମୃଦ୍ଧ ୟୁରାନିୟମ ଆମେରିକାକୁ ହସ୍ତାନ୍ତର କରିବ ବୋଲି ଟ୍ରମ୍ପ କରିଥିବା ଘୋଷଣାକୁ ତେହେରାନ ଭିତ୍ତିହୀନ ବୋଲି କହିଛି । ଇରାନ ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ସେମାନଙ୍କର ଆଣବିକ ସମ୍ପଦ ଦେଶ ବାହାରକୁ କେଉଁଆଡ଼କୁ ଯିବ ନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ'ରେ ଦାବି କରିଥିଲେ ଯେ, ଆମେରିକା ଇରାନର ସମସ୍ତ 'ଆଣବିକ ଧୂଳି' (ନ୍ୟୁକ୍ଲିୟାର ଡଷ୍ଟ) ନିଜ ନିୟନ୍ତ୍ରଣକୁ ନେବ । ରଏଟର୍ସକୁ ଦେଇଥିବା ଏକ ସାକ୍ଷାତକାରରେ ସେ କହିଥିଲେ ଯେ, ଖୁବ୍ ଶୀଘ୍ର ବଡ଼ ବଡ଼ ଯନ୍ତ୍ରପାତି ସହାୟତାରେ ଇରାନରୁ ୟୁରାନିୟମ ଖୋଳି ଆମେରିକାକୁ ଅଣାଯିବ । ତେବେ ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାକାଏ ରାଷ୍ଟ୍ରୀୟ ଟେଲିଭିଜନ ମାଧ୍ୟମରେ ଏହାର କଡ଼ା ଜବାବ ଦେଇଛନ୍ତି । ଇରାନର ସମୃଦ୍ଧ ୟୁରାନିୟମ କୌଣସି ସ୍ଥାନକୁ ସ୍ଥାନାନ୍ତର କରାଯିବ ନାହିଁ ବୋଲି ସେ କହିଛନ୍ତି । ଆଣବିକ କାର୍ଯ୍ୟକ୍ରମ ଉପରେ ନିଜର ସାର୍ବଭୌମତ୍ୱ ବଜାୟ ରଖିବା ପାଇଁ ଇରାନ ଏକ 'ରେଡ୍ ଲାଇନ୍' ବା ଲକ୍ଷ୍ମଣ ରେଖା ଟାଣି ଦେଇଛି । ବର୍ତ୍ତମାନ ଇରାନ ନିକଟରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ସମୃଦ୍ଧ ହୋଇଥିବା ପ୍ରାୟ ୯୦୦ ପାଉଣ୍ଡର ୟୁରାନିୟମ ମହଜୁଦ ଥିବା ଅନୁମାନ କରାଯାଉଛି । ଇରାନକୁ ଆଣବିକ ଅସ୍ତ୍ର ନିର୍ମାଣରୁ ବିରତ ରଖିବା ହେଉଛି ଆମେରିକାର ଲକ୍ଷ୍ୟ । ତେବେ ନିଜର ଆଣବିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଏବଂ ବେସାମରିକ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ବୋଲି ଇରାନ ବାରମ୍ବାର ସ୍ପଷ୍ଟ କରିଆସିଛି ।

# ରାହୁଲଙ୍କୁ ଏଫ୍‌ଆଇଆର୍ ଆଶ୍ୱସ୍ତି



ଲକ୍ଷ୍ନୌ, ୧୮ ।୪(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିବା ପାଇଁ ଦିଆଯାଇଥିବା ନିର୍ଦ୍ଦେଶ ଉପରେ ଆଲ୍ଲାହାବାଦ ହାଇକୋର୍ଟ ଶନିବାର ରୋକ୍ ଲଗାଇଛନ୍ତି । ଡୁଆଲ ସିଟିଜେନସିପ୍ ଅଭିଯୋଗ ମାମଲାରେ କୋର୍ଟ କହିଛନ୍ତି ଯେ, ଅଭିଯୁକ୍ତଙ୍କ ପକ୍ଷ ନ ଶୁଣି କୌଣସି ନିଷ୍ପତ୍ତି ନିଆଯାଇପାରିବ ନାହିଁ । ମାତ୍ର ଗୋଟିଏ ଦିନ ପୂର୍ବରୁ ଗତକାଲି ହାଇକୋର୍ଟଙ୍କ ଲକ୍ଷ୍ନୌ ବେଞ୍ଚ୍ ଉତ୍ତର ପ୍ରଦେଶ ପୋଲିସକୁ ରାହୁଲ ଗାନ୍ଧୀଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଏହି ମାମଲାର ତଦନ୍ତ କୌଣସି କେନ୍ଦ୍ରୀୟ ଏଜେନ୍ସିକୁ ହସ୍ତାନ୍ତର କରିବାକୁ ମଧ୍ୟ ଅନୁମତି ଦେଇଥିଲେ । ଜଷ୍ଟିସ ସୁଭାଷ ବିଦ୍ୟାର୍ଥୀଙ୍କ ବେଞ୍ଚ ଶନିବାର ଏହି ଏଫ୍‌ଆଇଆର୍ ନିର୍ଦ୍ଦେଶ ଉପରେ ରୋକ୍ ଲଗାଇଛନ୍ତି । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ପ୍ରାଥମିକସ୍ତରରେ ଅଭିଯୁକ୍ତଙ୍କ ପକ୍ଷ ରଖିବାର ସୁଯୋଗ ଦିଆଯିବା ଆବଶ୍ୟକ । କର୍ଣ୍ଣାଟକର ବିଜେପି କର୍ମୀ ଅଭିଯୋଗ କରିଥିଲେ ।।ଯେ ୨୦୦୩ରେ ବ୍ରିଟେନରେ 'ଏମ୍/ ଏସ୍ ବ୍ୟାକେପ୍ସ ଲିମିଟେଡ୍' ନାମକ ଏକ କମ୍ପାନୀ ପଞ୍ଜିକୃତ କରିବା ସମୟରେ ରାହୁଲ ଗାନ୍ଧୀ ନିଜକୁ ବ୍ରିଟିଶ ନାଗରିକ ଭାବେ ଦର୍ଶାଇଥିଲେ । ରାହୁଲ ସେଠାରେ ନିଜର ଜାତୀୟତା 'ବ୍ରିଟିଶ' ବୋଲି ଉଲ୍ଲେଖ କରିବା ସହ ଲଣ୍ଡନ ଓ ହାମ୍ପସାୟରର ଠିକଣା ଦେଇଥିଲେ ।

# ହର୍ମୁଜରେ ଇରାନର ପୁଣି କଟକଣା

# ଭାରତୀୟ ଜାହାଜକୁ ଇରାନର ଗୁଳିମାଡ଼



ନୂଆଦିଲ୍ଲୀ/ ତେହରାନ, ୧୮ ।୪(ଏଜେନ୍ସି): ପଶ୍ଚିମ ଏସିଆର ସାମରିକ ଉତ୍ତେଜନା ବର୍ତ୍ତମାନ ଏକ ଜଟିଳ ପରିସ୍ଥିତିରେ ପହଞ୍ଚିଛି । ମାତ୍ର କିଛି ଘଣ୍ଟା ପୂର୍ବରୁ ହର୍ମୁଜ ପ୍ରଣାଳୀକୁ ଖୋଲିବା ପାଇଁ ଘୋଷଣା କରିଥିବା ଇରାନ, ଶନିବାର ପୁଣି ଥରେ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ଉପରେ କଟକଣା ଲାଗୁ କରିଛି । ଆମେରିକା ଯୁଦ୍ଧବିରତିର ସର୍ତ୍ତାବଳୀ ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ଆଣି ତେହେରାନ ଏହି

## ଇରାନ ରାଷ୍ଟ୍ରଦୂତଙ୍କୁ ସମନ୍ କରି ପ୍ରତିବାଦ ଜଣାଇଲା ଭାରତ

ଚରମ ନିଷ୍ପତ୍ତି ଗ୍ରହଣ କରିଛି । ଫଳରେ ହର୍ମୁଜରେ ଉତ୍ତେଜନା ଭୟଙ୍କର ମୋଡ଼ ନେଇଛି । ଏହି ଉତ୍ତେଜନା ମଧ୍ୟରେ ହର୍ମୁଜରେ ଭାରତୀୟ ଜାହାଜ ଉପରେ ଇରାନ ଗୁଳିମାଡ଼ କରିଛି । ଏଥିରେ କେହି ହତାହତ ହୋଇନଥିଲେ ମଧ୍ୟ ଭାରତ ଏହାର ତୀବ୍ର ପ୍ରତିବାଦ ଜଣାଇଛି । ନୂଆଦିଲ୍ଲୀରେ ଅବସ୍ଥାପିତ ଇରାନର ରାଷ୍ଟ୍ରଦୂତଙ୍କ ଡାକି ଭାରତ ସରକାର କଡ଼ା ପ୍ରତିବାଦ ଜଣାଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଦୁଇଟି ଭାରତୀୟ ପତାକାଧାରୀ ବାଣିଜ୍ୟିକ ଜାହାଜ ଉପରକୁ ଇରାନର ସାମରିକ ଗନବୋଟ ପକ୍ଷରୁ ଗୁଳିଚାଳନା କରାଯାଇଛି । ଓମାନର ଉତ୍ତର-ପୂର୍ବ ଦିଗରେ ଥିବା ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥରେ ଏହି ଅଘଟଣ ଘଟିଛି । ତେବେ ଏହି ଆକ୍ରମଣରେ କୌଣସି ଜୀବନହାନି କିମ୍ବା ଜାହାଜର କ୍ଷତି ହୋଇନଥିବା ସୂଚନା ମିଳିଛି । ଆକ୍ରମଣର ଶିକାର ହୋଇଥିବା ଦୁଇଟି ଜାହାଜ ମଧ୍ୟରୁ ଗୋଟିଏ ହେଉଛି ଭେରି ଲାର୍ଜ କ୍ରୁଡ୍ କ୍ୟାରିଅର୍ (ଭିଏଲ୍‌ସିସି), ଯାହା ବିପୁଳ ପରିମାଣର ଅଶୋଧିତ ତୈଳ ପରିବହନ ପାଇଁ ବ୍ୟବହୃତ ହୋଇଥାଏ । ଇରାନ ସେନାର ଗୁଳିଚାଳନା ପରେ ଉଭୟ ଜାହାଜ ନିଜର ଗତିପଥ ବଦଳାଇ ଫେରିଆସିବାକୁ ବାଧ୍ୟ ହୋଇଛନ୍ତି । ଏହି ଘଟଣାକୁ ନୂଆଦିଲ୍ଲୀ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛି । ଭାରତ ସରକାର ତୁରନ୍ତ ଇରାନର ରାଷ୍ଟ୍ରଦୂତଙ୍କୁ ସମନ୍ କରିଛନ୍ତି । ମାତ୍ର କିଛି ଦିନ ପୂର୍ବରୁ (ଅପ୍ରେଲ ୧୩) ଭାରତରେ ଥିବା ଇରାନ ରାଷ୍ଟ୍ରଦୂତ ମହମ୍ମଦ ଫଥାଲି ପ୍ରତିଶ୍ରୁତି ଦେଇଥିଲେ ଯେ, ଭାରତୀୟ ଜାହାଜ ପାଇଁ ହର୍ମୁଜ ପ୍ରଣାଳୀ ସର୍ବଦା ଖୋଲା ରହିବ । ଇରାନ ଭାରତକୁ ଏକ ବନ୍ଧୁ ଦେଶ ଭାବେ ଗ୍ରହଣ କରିଥିବା ମଧ୍ୟ କହିଥିଲେ । ତେବେ ଶନିବାରର ଏହି ଗୁଳିଚାଳନା ଉଭୟ ଦେଶର କୂଟନୈତିକ ସମ୍ପର୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଶେଷଜ୍ଞଙ୍କ ମତରେ, ଆମେରିକାର ନୌସେନା ଅବରୋଧ ଏବଂ ଇରାନର ପାଲଟା କାର୍ଯ୍ୟାନୁଷ୍ଠାନ ମଧ୍ୟରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଯୋଗୁଁ ଇରାନ ସେନା ଭୁଲ୍‌ବଶତଃ ଭାରତୀୟ ଜାହାଜକୁ ଟାର୍ଗେଟ୍ କରିଥାଇପାରେ । ଶନିବାର ସକାଳୁ ଇରାନ ଘୋଷଣା କରିଥିଲା ଯେ, ହର୍ମୁଜ ପ୍ରଣାଳୀ ପୁଣି ଥରେ କଠୋର ସାମରିକ ନିୟନ୍ତ୍ରଣକୁ ଫେରିଛି । ଏହି କାରଣରୁ ଅନେକ ବାଣିଜ୍ୟିକ ଜାହାଜ ସେହି ପଥ ଅତିକ୍ରମ କରିବାକୁ ଭୟ କରୁଛନ୍ତି ।

ଇସ୍ରାଏଲ୍ ଏବଂ ଇରାନ ସମର୍ଥିତ ହିଜବୁଲ୍ଲା ମଧ୍ୟରେ ହୋଇଥିବା ୧୦ ଦିନିଆ ଯୁଦ୍ଧବିରତି ପରେ ହର୍ମୁଜ ପ୍ରଣାଳୀକୁ ବାଣିଜ୍ୟିକ ଜାହାଜ ପାଇଁ ଖୋଲା ଯାଇଥିଲା । କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ ଯେ, ଯେପର୍ଯ୍ୟନ୍ତ ଇରାନ ଏକ ବ୍ୟାପକ ଚୁକ୍ତିରେ ସ୍ୱାକ୍ଷର କରିନାହିଁ, ସେପର୍ଯ୍ୟନ୍ତ ଇରାନର ବନ୍ଦରଗୁଡ଼ିକ ଉପରେ ଆମେରିକାର 'ନୌସେନା ଅବରୋଧ' ଜାରି ରହିବ । ଟ୍ରମ୍ପଙ୍କ ଏହି ଜିଦ୍‌ଖୋର ମନୋଭାବ ପରେ ଇରାନ ନିଜର ଆଭିମୁଖ୍ୟ ବଦଳାଇ ପୁଣି କଟକଣା ଲାଗୁ କରିଛି । ଇରାନର ମିଳିତ ସାମରିକ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ, 'ହର୍ମୁଜ ପ୍ରଣାଳୀର ନିୟନ୍ତ୍ରଣ ପୁଣି ପୂର୍ବ ସ୍ଥିତିକୁ ଫେରିଆସିଛି ଏବଂ ଏହା ସଶସ୍ତ୍ର ବାହିନୀର କଠୋର ପରିଚାଳନା ଅଧୀନରେ ରହିବ ।' ଯେପର୍ଯ୍ୟନ୍ତ ଆମେରିକା ଇରାନର ବନ୍ଦରଗୁଡ଼ିକ ଉପରୁ ଅବରୋଧ ହଟାଇ ନାହିଁ, ସେପର୍ଯ୍ୟନ୍ତ କୌଣସି ଜାହାଜକୁ ମୁକ୍ତ ଭାବେ ଛଡ଼ାଯିବ ନାହିଁ । ଗତ ସୋମବାରଠାରୁ ଆମେରିକା ସେନା ପ୍ରାୟ ୨୧ଟି ଇରାନ-ସଂଯୁକ୍ତ ଜାହାଜକୁ ବାଟରୁ ଫେରାଇ ଦେଇଥିବା ସୂଚନା ମିଳିଛି ।

ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ (୨୦%) ଅଶୋଧିତ ତୈଳ ଏହି ପ୍ରଣାଳୀ ଦେଇ ପରିବହନ ହୋଇଥାଏ । ଇରାନର ଏହି କଟକଣା ଯୋଗୁଁ ତୈଳ ଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କାରେ ଶୁକ୍ରବାର ହ୍ରାସ ପାଇଥିବା ତୈଳ ଦର ପୁଣି ଉପରମୁହାଁ ହୋଇଛି । ଇରାନ ପାଇଁ ହର୍ମୁଜ ପ୍ରଣାଳୀ ହେଉଛି ଏକ ବଡ଼ ରଣନୈତିକ ଅସ୍ତ୍ର । ଆମେରିକାର ଚାପ ଏବଂ ଇରାନର ପାଲଟା ଜବାବ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ସ୍ଥିତି ଏବେ ବିଶ୍ୱକୁ ଏକ ନୂତନ ଆର୍ଥିକ ଓ ସାମରିକ ସଙ୍କଟ ଆଡ଼କୁ ଠେଲି ଦେଇଛି । ବୁଧବାର ସୁଦ୍ଧା ଯଦି କୌଣସି ନିଷ୍ପତ୍ତି ନିଆନଯାଏ, ତେବେ ପରିସ୍ଥିତି ଅତି ଭୟଙ୍କର ହୋଇପାରେ ।

# ଇରାନକୁ ଟ୍ରମ୍ପଙ୍କ ଧମକ: ବୁଧବାର ସୁଦ୍ଧା ଚୁକ୍ତି ନହେଲେ ପୁଣି ବର୍ଷିବ ବୋମା

ୱାସିଂଟନ, ୧୮ ।୪(ଏଜେନ୍ସି): ପଶ୍ଚିମ ଏସିଆର ଆକାଶରେ ପୁଣି ଥରେ ଯୁଦ୍ଧର କଳାବାଦଲ ଘନେଇବାରେ ଲାଗିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ପାଇଁ ବୁଧବାର ପର୍ଯ୍ୟନ୍ତ ଏକ ସମୟସୀମା ଧାର୍ଯ୍ୟ କରିଛନ୍ତି । ଯଦି ଏହି ସମୟମଧ୍ୟରେ କୌଣସି ସ୍ଥାୟୀ ଚୁକ୍ତି ସ୍ୱାକ୍ଷରିତ ନହୁଏ, ତେବେ ପୁଣି ଥରେ ଆମେରିକା ଇରାନ ଉପରେ ବୋମା ବର୍ଷଣ କରିବ ବୋଲି ସେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି । ଟ୍ରମ୍ପଙ୍କ ଏହି କଠୋର ଆଭିମୁଖ୍ୟ ବିଶ୍ୱ ରାଜନୀତିରେ ହଇଚଇ ସୃଷ୍ଟି କରିଛି । ଆରିଜୋନାରୁ ୱାଶିଂଟନ ଫେରିବା ସମୟରେ ବିମାନ 'ଏୟାରଫୋର୍ସ ୱାନ'ରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରି ଟ୍ରମ୍ପ କହିଛନ୍ତି ଯେ, ବର୍ତ୍ତମାନ ଜାରି ରହିଥିବା ସାମୟିକ ଯୁଦ୍ଧବିରତିକୁ ସେ ହୁଏତ ଆଗକୁ ବଢ଼ାଇ ନପାରନ୍ତି । ଇରାନର ବନ୍ଦରଗୁଡ଼ିକ ଉପରେ ଆମେରିକା ପକ୍ଷରୁ ଲଗାଯାଇଥିବା ନୌସେନା ଅବରୋଧ ଜାରି ରହିବ । ଟ୍ରମ୍ପ କହିଛନ୍ତି, ଦୁର୍ଭାଗ୍ୟବଶତଃ ଆମକୁ ପୁଣି ଥରେ ବୋମାମାଡ଼ ଆରମ୍ଭ କରିବାକୁ ପଡ଼ିବ । ଏହା ସ୍ପଷ୍ଟ କରୁଛି ଯେ ଆମେରିକା ନିଜର ସାମରିକ ରଣନୀତିକୁ ପୁଣି କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତ । ନିକଟରେ ପାକିସ୍ତାନରେ ଆମେରିକା ଓ ଇରାନ ମଧ୍ୟରେ ପରୋକ୍ଷ ଆଲୋଚନା ଅନୁଷ୍ଠିତ ହୋଇଥିଲା । ତେବେ ଏହି ଆଲୋଚନାରୁ କୌଣସି ସନ୍ତୋଷଜନକ ଫଳାଫଳ ବାହାରି ପାରିନାହିଁ ।

# ଇସଲାମାବାଦରେ ପୁଣି ଆଲୋଚନା; ଆସିବେ ଟ୍ରମ୍ପ



ଇସଲାମାବାଦ, ୧୮ ।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଉତ୍ତେଜନାକୁ ହ୍ରାସ କରିବା ପାଇଁ ଉଦ୍ୟମ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଆମେରିକା ଏବଂ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ଆସନ୍ତା ସୋମବାର ଅନୁଷ୍ଠିତ ହେବାକୁ ଯାଉଛି । ପାକିସ୍ତାନର ରାଜଧାନୀ ଇସଲାମାବାଦରେ ହେବାକୁ ଥିବା ଏହି ବୈଠକ ପାଇଁ ଉଭୟ ଦେଶର ପ୍ରତିନିଧି ଦଳ ରବିବାର ସୁଦ୍ଧା ସେଠାରେ ପହଞ୍ଚିବାର ସମ୍ଭାବନା ରହିଛି । ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପାଇଁ ପାକିସ୍ତାନ ମଧ୍ୟସ୍ଥତା କରୁଥିବା ଜଣାପଡ଼ିଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏହି ପ୍ରସଙ୍ଗରେ କତାରର ଏମିର ଏବଂ ତୁର୍କୀର ରାଷ୍ଟ୍ରପତିଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି । ଅନ୍ୟପଟେ, ପାକିସ୍ତାନ ସେନା ମୁଖ୍ୟ ଆସିମ ମୁନିର ତେହେରାନ ଗସ୍ତ କରି ଇରାନର ବୈଦେଶିକ ମନ୍ତ୍ରୀ ଏବଂ ସଂସଦ ବାଚସ୍ପତିଙ୍କ ସହ ଆଲୋଚନା କରିଛନ୍ତି । ଏହି ବୁଝାମଣା ଆଲୋଚନାକୁ ପୁନର୍ଜୀବିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଭାବେ ଦେଖାଯାଉଛି । ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆଲୋଚନାକୁ ନେଇ ଆଶାବାଦୀ ଥିବା ପ୍ରକାଶ କରିଛନ୍ତି । ଯଦି ଇସଲାମାବାଦରେ ଏହି ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୁଏ ତେବେ ସେ ପାକିସ୍ତାନ ଗସ୍ତ କରିପାରନ୍ତି ବୋଲି ପ୍ରକାଶ କରିଛନ୍ତି । ଏହି ବୁଝାମଣା ସଫଳ ହେଲେ ବିଶ୍ୱ ବଜାରରେ ତୈଳ ଦର ହ୍ରାସ ପାଇବା ସହ ହର୍ମୁଜ ପ୍ରଣାଳୀ ସମ୍ପୂର୍ଣ୍ଣ ମୁକ୍ତ ଓ ସୁରକ୍ଷିତ ହେବ ବୋଲି ସେ ଦାବି କରିଛନ୍ତି । ତେବେ ଏହି ଶାନ୍ତି ଆଲୋଚନା ପଥରେ ଅନେକ ଜଟିଳ ପ୍ରସଙ୍ଗ ଏବେ ମଧ୍ୟ ସମାଧାନ ହୋଇପାରିନାହିଁ । ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ୟୁରାନିୟମ ସମୃଦ୍ଧିକରଣକୁ ନେଇ ଉଭୟ ଦେଶ ମଧ୍ୟରେ ମୁଖ୍ୟ ବିବାଦ ରହିଛି ।

# ଟ୍ରମ୍ପଙ୍କ ଗୋଟିଏ 'ପୋଷ୍ଟ'ରେ ନେତାନ୍ୟାହୁ ସ୍ତବ୍ଧ କାହିଁକି?

ଜେରୁଜେଲମ, ୧୮ ।୪(ଏଜେନ୍ସି): ଆମେରିକା ଓ ଇସ୍ରାଏଲର ପାରମ୍ପରିକ ବନ୍ଧୁତା ମଧ୍ୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଲେବାନନ୍ ଉପରେ ଆକ୍ରମଣକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ସୋସିଆଲ ମିଡିଆ ପୋଷ୍ଟ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ସ୍ତବ୍ଧ କରିଦେଇଛି । ଟ୍ରମ୍ପ୍ ଦାବି କରିଛନ୍ତି ଯେ ଇସ୍ରାଏଲକୁ ଲେବାନନ୍ ଉପରେ ବୋମାମାଡ଼ କରିବାକୁ 'ବାରଣ' କରାଯାଇଛି, ଯାହା ପୂର୍ବରୁ ହୋଇଥିବା ଯୁଦ୍ଧବିରତି ଚୁକ୍ତିର ସର୍ତ୍ତାବଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗୁରୁବାର ଆମେରିକାର ହସ୍ତକ୍ଷେପ ପରେ ଇସ୍ରାଏଲ୍ ଏବଂ ଲେବାନନ୍ ମଧ୍ୟରେ ୧୦ ଦିନିଆ ଯୁଦ୍ଧବିରତି ପାଇଁ ସହମତି ପ୍ରକାଶ ପାଇଥିଲା । ଏହି ଚୁକ୍ତି ଅନୁଯାୟୀ, ଇସ୍ରାଏଲ୍ କୌଣସି 'ଆକ୍ରମଣାତ୍ମକ' କାର୍ଯ୍ୟାନୁଷ୍ଠାନ କରିବ ନାହିଁ, କିନ୍ତୁ ଆତ୍ମରକ୍ଷା ପାଇଁ ଆକ୍ରମଣ କରିବାର ଅଧିକାର ତା' ପାଖରେ ସୁରକ୍ଷିତ ରହିବ । ତେବେ ଶୁକ୍ରବାର ଟ୍ରମ୍ପ୍ ନିଜ ପୋଷ୍ଟରେ ଲେଖିଛନ୍ତି ଯେ, 'ଇସ୍ରାଏଲ୍ ଆଉ ଲେବାନନ୍ ଉପରେ ବୋମାମାଡ଼ କରିବ ନାହିଁ । ଆମେରିକା ପକ୍ଷରୁ ସେମାନଙ୍କୁ ଏହା କରିବା ପାଇଁ ବାରଣ କରାଯାଇଛି । ବହୁତ ହେଲା, ଆଉ ନୁହେଁ!' ଏକ ସାକ୍ଷାତକାରରେ ସେ ଆହୁରି ମଧ୍ୟ କହିଛନ୍ତି ଯେ ଇସ୍ରାଏଲକୁ ଏବେ ଅଟକିବାକୁ ପଡ଼ିବ ଏବଂ ସେମାନେ ଆଉ ଅଟ୍ଟାଳିକା ଉଡ଼ାଇ ପାରିବେ ନାହିଁ । ଟ୍ରମ୍ପଙ୍କ ଏହି ବୟାନ ପରେ ନେତାନ୍ୟାହୁଙ୍କ ସରକାର ଅଡୁଆରେ ପଡ଼ିଯାଇଛନ୍ତି । ଇସ୍ରାଏଲ୍ ଅଧିକାରୀମାନେ ତୁରନ୍ତ ହ୍ୱାଇଟ୍ ହାଉସ୍ ସହ ଯୋଗାଯୋଗ କରି ଏହାର ସ୍ପଷ୍ଟୀକରଣ ମାଗିଛନ୍ତି । ନେତାନ୍ୟାହୁଙ୍କ ପାଇଁ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ, କାରଣ ତାଙ୍କ ସରକାର ସର୍ବଦା କହିଆସିଛନ୍ତି ଯେ ହିଜବୁଲ୍ଲା ବିରୋଧରେ ଆବଶ୍ୟକ ପଡ଼ିଲେ ଇସ୍ରାଏଲ୍ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିବ । ଟ୍ରମ୍ପଙ୍କ 'ନିଷେଧାଦେଶ' ଏହି ରଣନୀତିର ବିରୋଧାଚରଣ କରୁଥିବା ଜଣାପଡ଼ିଛି । ଟ୍ରମ୍ପଙ୍କ ବୟାନର କିଛି ସମୟ ପୂର୍ବରୁ ଦକ୍ଷିଣ ଲେବାନନ୍‌ରେ ଇସ୍ରାଏଲ୍ ପକ୍ଷରୁ ଏକ ଡ୍ରୋନ ଆକ୍ରମଣ କରାଯାଇଥିଲା ।

# ଏନ୍‌ଡିଏ ପାଇଁ ଝଟ୍‌କା, ଗଣତନ୍ତ୍ରର ବିଜୟ : ପ୍ରିୟଙ୍କା



ନୂଆଦିଲ୍ଲୀ, ୧୮ ।୪(ଏଜେନ୍ସି):ଲୋକସଭାରେ ମହିଳା ସଂରକ୍ଷଣ ବିଲ୍ ଗୃହୀତ ହୋଇନପାରିବା ଘଟଣାକୁ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ 'ଗଣତନ୍ତ୍ରର ବିଜୟ' ବୋଲି ଅଭିହିତ କରିଛନ୍ତି । ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ସେ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, ଏହା ବିରୋଧୀ ଦଳଗୁଡ଼ିକର ଏକତା ଏବଂ ସମ୍ବିଧାନର ବିଜୟ । ପ୍ରିୟଙ୍କା କହିଛନ୍ତି ଯେ ଏନଡିଏ ସରକାର ପ୍ରଥମ ଥର ପାଇଁ ପରାଜୟର ଏକ ବଡ଼ ଝଟ୍‌କା ସହିଛନ୍ତି । ସରକାରଙ୍କ ଚେହେରାରେ ଏହି ପରାଜୟର ପ୍ରଭାବ ସ୍ପଷ୍ଟ ଜଣାପଡୁଛି । ସେ ଅଭିଯୋଗ କରିଛନ୍ତି ଯେ ସରକାର କେବଳ କ୍ଷମତାରେ ରହିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର କରିଥିଲେ । ମହିଳା ସଂରକ୍ଷଣ ନାମରେ ଲୋକସଭା ଆସନ ସଂଖ୍ୟାକୁ ବ୍ୟାପକ ଭାବେ ବୃଦ୍ଧି କରି ନିଜର ଆଧିପତ୍ୟ ଜମାଇବା ପାଇଁ ଏହା ଏକ ପ୍ରୟାସ ଥିଲା । ମହିଳା ସଂରକ୍ଷଣକୁ ଡିଲିମିଟେସନ୍ ସହ ଯୋଡ଼ିବାକୁ ନେଇ ସେ ପ୍ରଶ୍ନ କରିଛନ୍ତି । ଯେଉଁ ସରକାର ଗଣତାନ୍ତ୍ରିକ ଅନୁଷ୍ଠାନକୁ ସମ୍ମାନ ଦିଅନ୍ତି ନାହିଁ, ସେମାନଙ୍କୁ ଏତେ ବଡ଼ ସ୍ତରରେ ସାଂସଦ ସଂଖ୍ୟା ବଦଳାଇବାକୁ ବିରୋଧୀ ଦଳ କଦାପି ଅନୁମତି ଦେବେ ନାହିଁ । ପ୍ରିୟଙ୍କା କହିଛନ୍ତି, 'ଯଦି ସରକାର ପ୍ରକୃତରେ ମହିଳାଙ୍କ ପାଇଁ କିଛି କରିବାକୁ ଚାହୁଁଛନ୍ତି, ତେବେ ୨୦୨୩ର ବିଲ୍‌କୁ ଫେରାଇ ଆଣନ୍ତୁ, ଯେଉଁଥିରେ ବର୍ତ୍ତମାନର ଆସନ ମଧ୍ୟରେ ହିଁ ସଂରକ୍ଷଣର ବ୍ୟବସ୍ଥା ଥିଲା । ଆମେ ତାକୁ ସମ୍ପୂର୍ଣ୍ଣ ସମର୍ଥନ କରିବୁ ।' ହାଥରସ, ଉନ୍ନାଓ ଏବଂ ମଣିପୁର ଭଳି ଘଟଣାକୁ ମନେ ପକାଇ ସେ କହିଛନ୍ତି ଯେ ମହିଳାମାନେ ସରକାରଙ୍କ ପ୍ରକୃତ ଆଭିମୁଖ୍ୟ ଜାଣିଛନ୍ତି ଏବଂ ସେମାନଙ୍କୁ ଭୁଆଁ ବୁଲାଇବା ସହଜ ନୁହେଁ । ସମ୍ବିଧାନର ୧୩୧ତମ ସଂଶୋଧନ ବିଲ୍ ଅନୁସାରେ ଲୋକସଭା ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଥିଲା । କିନ୍ତୁ ଶୁକ୍ରବାର ଭୋଟ୍ ସମୟରେ ଏହା ଆବଶ୍ୟକ ଦୁଇ-ତୃତୀୟାଂଶ ବହୁମତ ପାଇପାରିଲାନି । ବିଲ୍ ସପକ୍ଷରେ ୨୯୮ ଏବଂ ବିପକ୍ଷରେ ୨୩୦ଟି ଭୋଟ୍ ପଡ଼ିଥିଲା । ତେଣୁ ବିଲ୍‌ଟି କାଟ ଖାଇଥିଲା । ଏହା କାଟ୍ ଖାଇବ ବୋଲି ସରକାର ଜାଣିଥିଲେ ମଧ୍ୟ ନିଜର ରାଜନୈତିକ ସ୍ୱାର୍ଥ ଚରିତାର୍ଥ କରିବାକୁ ମହିଳାଙ୍କୁ ଢାଲ କରିଥିଲେ ।

# ଦିଲ୍ଲୀରେ ୧୪ ବର୍ଷର ରେକର୍ଡ ଭାଙ୍ଗିଲା ଏପ୍ରିଲ ବର୍ଷା



ନୂଆଦିଲ୍ଲୀ, ୧୮ ।୪(ଏଜେନ୍ସି): ସାଧାରଣତଃ ଏପ୍ରିଲ୍ ମାସରେ ଦିଲ୍ଲୀର ତାପମାତ୍ରା ଆକାଶଛୁଆଁ ହୋଇଥାଏ, କିନ୍ତୁ ଚଳିତ ବର୍ଷ ପ୍ରକୃତିର କିଛି ଭିନ୍ନ ରୂପ ଦେଖିବାକୁ ମିଳିଛି । ଦିଲ୍ଲୀର ପାଲାମ ବିମାନବନ୍ଦର ପାଣିପାଗ କେନ୍ଦ୍ରରେ ଗତ ୨୪ ଘଣ୍ଟା ମଧ୍ୟରେ ୧୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଏହା ଗତ ୧୪ ବର୍ଷ ମଧ୍ୟରେ ଏପ୍ରିଲ ମାସର ସର୍ବାଧିକ ଦିନିକିଆ ବର୍ଷା । ଏହା ମୁଖ୍ୟତଃ ଦୁଇଟି କାରଣ ଯୋଗୁଁ ସମ୍ଭବ ହୋଇଛି । ସେଗୁଡ଼ିକ ହେଲା ଭୂମଧ୍ୟସାଗରୀୟ ଅଞ୍ଚଳରୁ ସୃଷ୍ଟି ହୋଇଥିବା ଏକ ଦୁର୍ବଳ ପଶ୍ଚିମା ଝଡ଼ ବାୟୁମଣ୍ଡଳର ଉପରିଭାଗରେ ଜଳୀୟବାଷ୍ପ ବା ଆର୍ଦ୍ରତା ନେଇ ଆସିଥିଲା । ଦିଲ୍ଲୀର ପ୍ରବଳ ଖରା ଓ ଉତ୍ତପ୍ତ ଭୂଭାଗ ଏକ ଚାଳକ ଶକ୍ତି ଭାବେ କାର୍ଯ୍ୟ କଲା । ପ୍ରଖର ସୂର୍ଯ୍ୟକିରଣ ଯୋଗୁଁ ଭୂପୃଷ୍ଠ ନିକଟସ୍ଥ ବାୟୁ ଗରମ ହୋଇ କ୍ଷିପ୍ର ଗତିରେ ଉପରକୁ ଉଠିଥିଲା । ଏହି ଗରମ ବାୟୁ ଉପରେ ଥିବା ଆର୍ଦ୍ରତା ସଂସ୍ପର୍ଶରେ ଆସି ଘନୀଭୂତ ହେଲା ଏବଂ କ୍ଷଣିକ ମଧ୍ୟରେ ଜବରଦସ୍ତ ବର୍ଷା ହୋଇଥିଲା । ଏବେ କେବଳ ଦିଲ୍ଲୀରେ କାହିଁକି ବର୍ଷା ହେଲା ବୋଲି ପ୍ରଶ୍ନ ଉଠିଛି । ପାଣିପାଗ ବିଜ୍ଞାନୀଙ୍କ ଅନୁଯାୟୀ, ଏହା ଏକ 'ସ୍ଥାନୀୟ ଉତ୍ତାପ-ପ୍ରେରିତ ବର୍ଷା' ଥିଲା । ଦିଲ୍ଲୀ ଏକ 'ଅର୍ବାନ ହିଟ୍ ଆଇଲ୍ୟାଣ୍ଡ' ବା ସହରୀ ତାପଜ ଦ୍ୱୀପ ଭାବେ ଜଣାଶୁଣା । ଏଠାକାର କଂକ୍ରିଟ୍ ଅଟ୍ଟାଳିକା ଏବଂ ରାସ୍ତାଘାଟ ଗ୍ରାମାଞ୍ଚଳ ଅପେକ୍ଷା ଅଧିକ ତାପମାତ୍ରା ଧରି ରଖନ୍ତି । ଏହି ଅତ୍ୟଧିକ ସ୍ଥାନୀୟ ଉତ୍ତାପ ବାୟୁମଣ୍ଡଳୀୟ ଆର୍ଦ୍ରତାକୁ ବର୍ଷାରେ ପରିଣତ କରିବା ପାଇଁ ଆବଶ୍ୟକୀୟ ଶକ୍ତି ପ୍ରଦାନ କରିଥିଲା, ଯାହାଫଳରେ ବର୍ଷା କେବଳ ଦିଲ୍ଲୀର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ରହିଲା । ତେବେ ଏହି ବର୍ଷା ଯୋଗୁଁ ମିଳିଥିବା ଆଶ୍ୱସ୍ତି ଅତି ସ୍ୱଳ୍ପକାଳୀନ । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆଜିଠାରୁ ଦିଲ୍ଲୀରେ ପୁଣି ସୂର୍ଯ୍ୟଙ୍କ ପ୍ରକୋପ ବଢ଼ିବ । ତାପମାତ୍ରା ଶୀଘ୍ର ୪୦ ଡିଗ୍ରୀ ସେଲସିୟସ ଛୁଇଁବାର ସମ୍ଭାବନା ରହିଛି । ବର୍ତ୍ତମାନ ବାୟୁମଣ୍ଡଳରେ ଥିବା ଆର୍ଦ୍ରତା ଯୋଗୁଁ ପ୍ରଥମେ ଗୁଳୁଗୁଳି ଅନୁଭୂତ ହେବ ଏବଂ ପରେ ଶୁଷ୍କ ଗ୍ରୀଷ୍ମ ଲହରୀ ପ୍ରବାହିତ ହେବ ।

# ନାସିକ ଚର୍ଚ୍ଚାରେ କାହିଁକି

ହଟ୍ ସ୍ପଟ୍

ମହାରାଷ୍ଟ୍ରର ନାସିକ ସହର ଏବେ ଦୁଇଟି ଘଟଣାକୁ ନେଇ ଚର୍ଚ୍ଚାରେ । ପ୍ରଥମଟି ହେଉଛନ୍ତି ଆତ୍ମଘୋଷିତ ଗଡ୍‌ମ୍ୟାନ ତଥା ଆଷ୍ଟ୍ରୋଲଜର ଅଶୋକ କରାତ ଏବଂ ଦ୍ୱିତୀୟ ଘଟଣାଟି ହେଉଛି ନାସିକ ସ୍ଥିତ ଟିସିଏସ୍‌ର ବିପିଓ ଅଫିସ । ଏକାଧିକ ମହିଳାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଅଶୋକ ଏବେ ଜେଲ୍‌ରେ । ନୌସେନାର ପୂର୍ବତନ ଅଧିକାରୀ ଅଶୋକ ନିଜକୁ କ୍ୟାପଟେନ୍ ବୋଲି କହନ୍ତି । ଜଣେ ମହିଳା ଭକ୍ତଙ୍କ ଅଭିଯୋଗ କ୍ରମେ ତାଙ୍କୁ ଗତ ମାର୍ଚ୍ଚ ୧୭ ତାରିଖରେ ମହାରାଷ୍ଟ୍ର ପୁଲିସ ଗିରଫ କରିଥିଲା । ମହିଳା ଜଣକ ଅଭିଯୋଗ କରିଥିଲେ ଯେ ଅଶୋକ ତାଙ୍କୁ ଦୀର୍ଘ ତିନି ବର୍ଷ ଧରି ଯୌନ ନିର୍ଯାତନା ଦେଇ ଆସୁଥିଲେ । ପୁଲିସ ଅଶୋକଙ୍କୁ ଗିରଫ କରିବା ପରେ ତାଙ୍କ ଆଶ୍ରମରେ ଚଢ଼ଉ କରିଥିଲା । ତଦନ୍ତ



ବେଳେ ତାଙ୍କ ତଥାକଥିତ ଆଶ୍ରମରୁ ପେନ୍ ଡ୍ରାଇଭ୍ ଜବତ କରିଥିଲା । ଏଥିରେ ଏମିତି ୫୮ଟି ଭିଡିଓ ରହିଛି ଯେଉଁଥିରେ କି ଅନେକ ଆପତ୍ତିଜନକ କ୍ଲିପ୍ ମଧ୍ୟ ରହିଛି । ତାଙ୍କର ରାଜନୈତିକ ସଂପର୍କ ମଧ୍ୟ ରହିଛି । ତାଙ୍କ ସହ ସଂପର୍କ କଥା ପଦାକୁ ଆସିବା ପରେ ଏନ୍‌ସିପି ନେତ୍ରୀ ତଥା ମହାରାଷ୍ଟ୍ର ରାଜ୍ୟ ମହିଳା କମିସନ୍ ଅଧ୍ୟକ୍ଷା ରୁପାଲି ଚକନକରଙ୍କ ଅଡୁଆ ବଢ଼ିଯାଇଥିଲା । ରୁପାଲି ରାଜ୍ୟ ଏନ୍‌ସିପି ମହିଳା ଶାଖାର ସଭାନେତ୍ରୀ ମଧ୍ୟ ଥିଲେ । ଅଶୋକଙ୍କ ସହିତ ସମ୍ପର୍କ ଯୋଗୁଁ ଉଭୟ ପଦରୁ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା । ଆତ୍ମଘୋଷିତ ଗଡମ୍ୟାନ୍ ସହିତ ତାଙ୍କର ଫଟୋ ଓ ଭିଡିଓ ଭାଇରାଲ ହେବାପରେ ରାଜ୍ୟ ସରକାରଙ୍କୁ ଅପ୍ରୀତିକାର ପରିସ୍ଥିତିର ସାମନା କରିବାକୁ ପଡ଼ିଛି । ଅଶୋକଙ୍କ ସଂପର୍କରେ ଖୋଳତାଡ଼ ଜାରି ରହିଥିବା ବେଳେ ଆର୍ଥିକ କେଲେଙ୍କାରି କଥା ମଧ୍ୟ ସାମନାକୁ ଆସିଲାଣି । ଏବେ ଇଡି ଏହି ମାମଲାରେ ଖୋଳତାଡ଼ ଆରମ୍ଭ କଲାଣି ।

ଏଭଳି ଅପ୍ରୀତିକର ପରିସ୍ଥିତିର ମୁକାବିଲା ଲାଗି ସରକାର ପଦକ୍ଷେପ ନେଉଥିବା ବେଳେ ସେହି ନାସିକରୁ ଆହୁରି ଏକ କଳଙ୍କିତ ଖବର ସାମନାକୁ ଆସିଛି । ଏହି ଖବରର କେନ୍ଦ୍ରରେ ରହିଛି ଟିସିଏସ୍ ବା ଟାଟା କନସଲଟାନ୍ସି ସର୍ଭିସ । ଟିସିଏସ୍‌ର ଏଠାରେ ଏକ ବିପିଓ ଅଫିସ ରହିଛି । ଏହାର କିଛି କର୍ମଚାରୀଙ୍କ ବିରୋଧରେ ଯୌନ ନିର୍ଯାତନା ଏବଂ ଧର୍ମାନ୍ତରୀକରଣ ଅଭିଯୋଗ ହୋଇଛି । କିଛି ମହିଳା କର୍ମଚାରୀ ଅଭିଯୋଗ କରିଛନ୍ତି ସେମାନଙ୍କର ଟିମ୍ ଲିଡର ସେମାନଙ୍କୁ ଯୌନ ନିର୍ଯାତନା ଦେବା ସହିତ ଧର୍ମାନ୍ତରୀକରଣ ପାଇଁ ଚାପ ପକାଉଛନ୍ତି । ସେମାନଙ୍କୁ ନମାଜ ପଢ଼ିବାକୁ ବାଧ୍ୟ କରାଯାଉଛି । କେବଳ ଏତିକି ନୁହେଁ, ସେମାନେ ହିନ୍ଦୁ ଦେବତାଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ମଧ୍ୟ ଦେଉଛନ୍ତି । ସେମାନଙ୍କର ଅଭିଯୋଗକୁ ଆଧାର କରି ପୁଲିସ ୭ ଜଣଙ୍କୁ ଗିରଫ କରିଛି । ଗିରଫ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ଜଣେ ମହିଳା ମଧ୍ୟ ଅଛନ୍ତି ।




ଏହାକୁ ନେଇ ନାସିକରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଅଭିଯୁକ୍ତଙ୍କ ପରିବାର କିନ୍ତୁ ଭିନ୍ନ କଥା କହୁଛନ୍ତି । ସେମାନେ ସଫେଇ ଦେଇଛନ୍ତି ଯେ ସେମାନଙ୍କର ପିଲା ନିର୍ଦ୍ଦୋଷ । ପ୍ରଥମ ଅଭିଯୋଗ ଆଧାରରେ ଜଣେ କର୍ମଚାରୀଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରି ଛାଡ଼ିଦେଇଥିଲେ । କିନ୍ତୁ କାହାରି ଚାପରେ ତାକୁ ପୁଣି ଗିରଫ କରାଯାଇଛି । ଆତ୍ମଘୋଷିତ ବାବା ଅଶୋକ କେଲେଙ୍କାରୀ ଘଟଣାରୁ ନଜର ହଟାଇବା ଲାଗି କିଛି ସଂଗଠନ ପକ୍ଷରୁ ସେମାନଙ୍କର ପିଲାଙ୍କୁ ଫସାଇ ଦିଆଯାଇଛି । ଭଣ୍ଡାବାବାଙ୍କୁ ସୁରକ୍ଷା ଦେବାଲାଗି ଟିସିଏସରେ ବଡ଼ ଧରଣର ଷଡ଼ଯନ୍ତ୍ର କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଏହାର ନିରପେକ୍ଷ ତଦନ୍ତ ଲାଗି ସେମାନେ ଦାବି କରିଛନ୍ତି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନାଭିସ ଏହି ଘଟଣା ନେଇ ଉଦବେଗ ପ୍ରକାଶ କରିବା ସହିତ ଗଭୀର ଭାବେ ଏହାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାର ପ୍ରତିବାଦ ଜଣାଇ ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ଆନ୍ଦୋଳନ ଆରମ୍ଭ କରିଛନ୍ତି ।

# ରଜରେ ଛକି ଶୂନ୍



ଅନୁସନ୍ଧାନ ମୂଳକ ଥ୍ରିଲର ଓଡ଼ିଆ ସିନେମା 'ଛକି ଶୂନ'ର ସୁଟିଂ ଶେଷ ହୋଇଛି । ଏବେ ପୋଷ୍ଟ ପ୍ରଡକ୍ସନ କାମ ଶେଷ ସୋପାନରେ ଅଛି । ଓଡ଼ିଶାର ଗଣପର୍ବ ରଜ ଅବସରରେ ଏହା ରିଲିଜ ହେବ ବୋଲି ପ୍ରଡକ୍ସନ ତରଫରୁ ଘୋଷଣା କରାଯାଇଛି । 'କର୍ମ' ଓ 'ଚାରିଧାମ›ର ଐତିହାସିକ ସଫଳତା ପରେ ଏହି ବର୍ଷ ରଜରେ ପୁଣି ପରଦାରେ ଧମାକା କରିବାକୁ ପ୍ରସ୍ତୁତ ଅନୁଭବ ମହାନ୍ତି । ଜଣାଶୁଣା କାହାଣୀ ଓ ସଂଳାପକାର ମାନସ ପଡ଼ିଆରୀଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ସିନେମା 'ଛକି ଶୂନ'ରେ ସୁପରଷ୍ଟାର୍ ଅନୁଭବ ମହାନ୍ତି ମୁଖ୍ୟ ଚରିତ୍ରରେ ଅଛନ୍ତି । ଏହି ଫିଲ୍ମରେ ସେ କ୍ରାଇମ ବ୍ରାଞ୍ଚ ଏସିପି ଚରିତ୍ରରେ ଅଭିନୟ କରିଛନ୍ତି । ଯିଏ ନିଜର ବୁଦ୍ଧିରେ ଜଟିଳରୁ ଜଟିଳ କେସ୍ ସମାଧାନ କରିବାର ସାମର୍ଥ୍ୟ ରଖନ୍ତି । ଅନ୍ୟ ପ୍ରମୁଖ ଚରିତ୍ରରେ ସମ୍ଭାବନା ମହାନ୍ତି, ଅଭିଷେକ ପଣ୍ଡା, ଦିବ୍ୟା, ଉଦିତ ଗୁରୁ, ସୁକୁମାର ଟୁଡୁ, ଚୌଧୁରୀ ଜୟପ୍ରକାଶ ଦାସ, ସନ୍ତୁ, କ୍ରିଷ୍ଣା, ଉମାକାନ୍ତ, ରାକା, ନିତୁ ସିଂ, ବିଜୟିନୀ ମହାନ୍ତି, ଜିତୁ ମଙ୍ଗରାଜ, ତାପସ ସରଘରିଆ, ଗୀତିମୟ ନନ୍ଦ, ଭକ୍ତି ଓ ଶିଶୁ କଳାକାର ଶ୍ରେୟାଂଶୀ ଅଭିନୟ କରୁଛନ୍ତି । ନବୀନ ଭଣ୍ଡାରୀ, ଜାଗ୍ରତି ଏ. ମହାନ୍ତି, ଶୁଭମ୍ ମହାନ୍ତି ଏହାର ପ୍ରଯୋଜନାରେ ଅଛନ୍ତି । ଆମର ମ୍ୟୁଜିକ୍, ଟୁ ନାଇନ୍ ଫିଲ୍ମସ୍ ଓ ଏସ୍.ଏମ୍. ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ସିନେମାର ସିନେମାଟୋଗ୍ରାଫର୍ ହେଲେ ଦୀପକ କୁମାର । ଦେବ ଜ୍ୟୋତି ଏଥିରେ ସହ-ନିର୍ଦ୍ଦେଶକ ଭାବେ କାମ କରୁଛନ୍ତି । କୋଲକାତାର କିଶଳୟ ରାୟ ବ୍ୟାକ୍ ଗ୍ରାଉଣ୍ଡ ମ୍ୟୁଜିକ୍ କରିଛନ୍ତି । ରଶ୍ମିରଂଜନ ଦାସ ଏହାର ଏଡିଟିଂ ଦାୟିତ୍ୱରେ ଥିବା ବେଳେ ଶକ୍ତିସ୍ୱରୂପ ଦ୍ୱିବେଦୀ ସାଉଣ୍ଡ ଡିଜାଇନ କରୁଛନ୍ତି । ଲଗ୍ ଲିନ୍ ଷ୍ଟୁଡିଓ ଭି. ଏଫ୍. ଏକ୍ସ କରୁଛନ୍ତି । ■

# ଚର୍ଚ୍ଚାରେ 'ମୁରବି'ର ଗୀତିକାର



'ମୁରବି' ଚଳଚ୍ଚିତ୍ରର ଗୀତ ଲେଖି ଚର୍ଚ୍ଚାରେ ପି. ସନ୍ତୋଷ କୁମାର । କେବଳ ଗୀତ ନୁହେଁ, ଏହି ଫିଲ୍ମର ସେ ଚିତ୍ରନାଟ୍ୟ, ସଂଳାପ ମଧ ରଚନା କରିଛନ୍ତି । ତେବେ ଏହାର ଗୀତ ଲେଖିବା ତାଙ୍କ ପକ୍ଷେ ଆଦୌ ସହଜ ନ ଥିଲା । କାରଣ ତାଙ୍କୁ ଅଧିକ ଭାବିବାକୁ ପଡ଼ିଥିଲା କି ସେ ନ୍ୟାସନାଲ୍ ପୁରସ୍କାରପ୍ରାପ୍ତ 'ଦମନ୍' ଫିଲ୍ମର ନିର୍ଦ୍ଦେଶକଙ୍କ ଫିଲ୍ମ ପାଇଁ ଗୀତ ଲେଖୁଛନ୍ତି । ଅବଶ୍ୟ ଏବେ ତାଙ୍କର ଗୋଟିଏ ସ୍ୱପ୍ନ ସାକାର ହୋଇଥିବା ସେ କହିଛନ୍ତି । ଏହା ପୂର୍ବରୁ ସେ ଆଉ ଦୁଇଟି ଫିଲ୍ମରେ ଗୀତ ଲେଖିବା ସହିତ ଚିତ୍ରନାଟ୍ୟ ,ସଂଳାପ ଦେଇଛନ୍ତି । ସେ ବିଗ୍ ବଜେଟ୍ ଫିଲ୍ମ 'ଲ୍ୟାଣ୍ଡଫଲ୍'ରେ ଗୀତ ଲେଖିବା ସହିତ ସହ-ଲେଖକ ଭାବେ କାମ କରିଛନ୍ତି । ତାଙ୍କ ଶିକ୍ଷକ ହେଉଛନ୍ତି ଦେବୀ ପ୍ରସାଦ ଲେଙ୍କା । ପି. ସନ୍ତୋଷ କୁମାରଙ୍କ ଜନ୍ମ ଭଦ୍ରକରେ । ପିଲାଟି ଦିନରୁ ତାଙ୍କର ଗୀତ, ନାଟକ ପ୍ରତି ବହୁତ ଦୁର୍ବଳତା ଥିଲା । ସେଥିପାଇଁ କଳା ଜଗତ ସନ୍ତୋଷଙ୍କ ପାଇଁ ନିଶା ଓ ପେଶା ପାଲଟିଛି । ଏବେ ସନ୍ତୋଷଙ୍କ ରଚିତ 'ମୁରବି' ଫିଲ୍ମର ଗୀତଗୁଡ଼ିକ ଶ୍ରୋତାମାନଙ୍କ ହୃଦୟକୁ ଛୁଇଁ ପାରିଛି । ■

# ମଇ ୧ରେ 'ମନ୍ତ୍ରମୁଗ୍ଧ'




ଓଡ଼ିଆ ସିନେ ଦର୍ଶକଙ୍କ ପାଇଁ ଏକ ନୂଆ ସମ୍ଭାବନା ନେଇ ଆସୁଛି ନୂଆ ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ' । ମଲ୍ଟି ୟଙ୍ଗ ଷ୍ଟାର୍ସଙ୍କୁ ନେଇ ନିର୍ମାଣ ହୋଇଥିବା 'ମନ୍ତ୍ରମୁଗ୍ଧ' ସାରା ଓଡ଼ିଶାରେ ଆସନ୍ତା ମଇ ୧ ତାରିଖରେ ମୁକ୍ତିଲାଭ କରିବ । ଯୁବ ପ୍ରଯୋଜକ ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କର ଭିନ୍ନ ଏକ ପରିକଳ୍ପନା ହେଉଛି 'ମନ୍ତ୍ରମୁଗ୍ଧ' । ଅତ୍ୟାଧୁନିକ ଭିଏଫ୍ଏକ୍ସ, ଗ୍ରାଫିକ୍ସ, ହରର୍, କମେଡି ସାଙ୍ଗକୁ ମ୍ୟୁଜିକ୍ ସବୁକିଛି ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ନୂଆ ଅନୁଭୂତି ଯୋଗାଇବ । ନିକଟରେ ମୁକ୍ତିଲାଭ କରିଥିବା ଗୀତଗୁଡ଼ିକ କୋଟି ଓଡ଼ିଆଙ୍କ ହୃଦୟ ଜିତି ସାରିଛି। ଗଞ୍ଜାମ ଜିଲ୍ଲାର ଧରାକୋଟର ସେଇ ପ୍ରାଚୀନ ରାଜପ୍ରସାଦରେ ଦୀର୍ଘ ୫୦ ଦିନ ଧରି ସୁଟିଂ ହୋଇଥିଲା । ସେହି ରାଜବାଟୀରେ ଘଟୁଥିବା ଏକ ହରର୍ କାହାଣୀକୁ ଦେଖେଇବା ସହିତ ସେଇ ଐତିହାସିକ ସ୍ଥାନକୁ ଚଳଚ୍ଚିତ୍ର ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରିଛନ୍ତି ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ । ନାୟକ ସନୋଜ, ମନ୍ମୟ, ସାର୍ଥକ, ନାୟିକା ଭୂମିକା ଦାଶ, ସୂର୍ଯ୍ୟମୟୀ, ବର୍ଷା ପଟ୍ଟନାୟକ, ଦୀପନ୍ୱିତ, ନିଶାନ୍ତ,ହର ରଥ, ବରିଷ୍ଠ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସଙ୍କ ସମେତ ଆହୁରି ଅନେକ କଳାକାର ନଜର ଆସିବେ । ଆଗାମୀ ଦିନରେ ଏହି ଚଳଚ୍ଚିତ୍ର ଚହଳ ସୃଷ୍ଟି କରିବ ବୋଲି କାର୍ଯ୍ୟନିର୍ବାହୀ ପ୍ରଯୋଜକ ଗୋପାଳ ଚନ୍ଦ୍ର ଘଡ଼ାଇ ପ୍ରକାଶ କରିଛନ୍ତି । ■

**ପରଦା ପଛର କାହାଣୀ**

# ମରଣ ମୁହଁରୁ ବର୍ତ୍ତି ଥିଲେ ଲାରା ଦତ୍ତା

ସାଧାରଣତଃ ଫିଲ୍ମ ସୁଟିଂ ସମୟରେ ଅନେକ ଘଟଣା ଦୁର୍ଘଟଣାମାନ ଘଟିଥାଏ । ସେଥିମଧ୍ୟରୁ କିଛି ସ୍ମରଣୀୟ ହୋଇ ରହିଯାଏ ଜୀବନ ତମାମ । ସେମିତି ଏକ ଘଟଣା ଘଟିଥିଲା ଅଭିନେତ୍ରୀଙ୍କ ଲାରା ଦତ୍ତାଙ୍କ ଜୀବନରେ । ଏକଦା ଫିଲ୍ମ ସୁଟିଂ ସମୟରେ ସେ ଏକ ଦୁର୍ଘଟଣାରେ ମରଣ ମୁହଁରୁ ବଞ୍ଚିଥିବା ନିକଟରେ ପ୍ରକାଶ କରିଛନ୍ତି । ଲାରାଙ୍କ ପ୍ରଥମ ଫିଲ୍ମ 'ଅନ୍ଦାଜ' ସୁଟିଂ ସମୟରେ ଏଭଳି ଅଘଟଣ ଘଟିଥିଲା । ଫିଲ୍ମରେ ଏକ ନୃତ୍ୟ ଦୃଶ୍ୟ ସମୁଦ୍ରରେ ସୁଟିଂ କରୁଥିଲେ । ଏହି ସମୟରେ ସେ ବଡ଼ ଲହରୀରେ ଫସି ଯାଇଥିଲେ । ଫଳରେ ନିଜକୁ ସୁରକ୍ଷିତ ତଥା ସ୍ଥିର କରିବା ପାଇଁ ତାଙ୍କୁ ଖୁବ୍ ସଂଘର୍ଷ କରିବାକୁ ପଡ଼ିଥିଲା । ଶେଷରେ କୌଣସି ମତେ କଷ୍ଟେ ମଷ୍ଟେ ଏଥିରୁ ବର୍ତ୍ତି ଥିଲେ । ତେବେ ପାହାଡ଼, ସମୁଦ୍ର ଭଳି ପ୍ରାକୃତିକ ସ୍ଥାନରେ ସୁଟିଂ କରିବା କେତେ ବିପଦପୂର୍ଣ୍ଣ ତାହା ସେ ଅନୁଭବ କରିଥିଲେ । ନିକଟରେ ଏକ ସାକ୍ଷାତକାରରେ ଲାରା କହିଥିଲେ ଯେ, ଅନ୍ଦାଜ ଫିଲ୍ମର ଏକ ଗୀତ ସୁଟିଂ ପାଇଁ ମୁଁ ଏକ ଲେଦର ପୋଷାକ ପିନ୍ଧି ସମୁଦ୍ର ପାଣି ଭିତରକୁ ଯାଇଥିଲି । ସେତେବେଳେ ମୋତେ ପହଁରା ଆସୁ ନଥିବାରୁ ମୁଁ ପଥର ଭଳି ବୁଡ଼ି ଯାଉଥିଲି । ଏହି ସମୟରେ ସୌଭାଗ୍ୟବଶତଃ ଅଭିନେତା ଅକ୍ଷୟ କୁମାର ଆସି ମୋତେ ଉଦ୍ଧାର କରିଥିଲେ । ତେବେ ଏହି ଭୟଙ୍କର ଦୁର୍ଘଟଣା ପରେ ତାଙ୍କୁ ହାଇପୋର୍ଥମିକ୍ ସକ୍ ଲାଗିଥିଲା । ଫଳରେ ଏହାପରେ ସୁଟିଂ ବନ୍ଦ କରି ତାଙ୍କୁ ଡାକ୍ତରଖାନା ନେବାକୁ ପଡ଼ିଥିଲା । ଏହି ଅନୁଭୂତି ତାଙ୍କୁ ଗଭୀର ଆଘାତ ଦେଇଥିଲା । 'ଅନ୍ଦାଜ' ଫିଲ୍ମ ସୁଟିଂ ସମୟର ଦୁର୍ଘଟଣା ଲାରାଙ୍କ ଜୀବନରେ ଅବିସ୍ମରଣୀୟ ହୋଇରହିଛି । ■



# ତେଲୁଗୁରେ ରିମେକ୍ ହେବ 'ଆଫା'

ଏପ୍ରିଲ୍ ୩ ତାରିଖରେ ମୁକ୍ତିଲାଭ କରିଥିବା 'ଆଫା' (ଲାଇଫ୍ ଆଫ୍ଟର୍ ଲାଇଫ୍) ଚଳଚ୍ଚିତ୍ର ଏବେ ତେଲୁଗୁ ଭାଷାରେ ରିମେକ୍ ହେବାକୁ ଯାଉଛି । ଏନେଇ ହାଇଦ୍ରାବାଦରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରସାଦ କଳିଙ୍ଗ ଲ୍ୟାବ୍‌ର ନିର୍ଦ୍ଦେଶକ ସାଇ ପ୍ରସାଦ, ତେଲେଙ୍ଗାନା ଫିଲ୍ମ ଡେଭେଲପମେଣ୍ଟ କର୍ପୋରେସନର ଅଧ୍ୟକ୍ଷ ତଥା ବିଶିଷ୍ଟ ଟଲିଉଡ ପ୍ରଯୋଜକ ଦିଲ୍ ରାଜୁ ଏବଂ ପୂର୍ବତନ ସାଂସଦ ପ୍ରଭାତ ସିଂହଙ୍କ ଉପସ୍ଥିତିରେ 'ଆଫା'ର ନିର୍ଦ୍ଦେଶକ ପ୍ରୀତିରାଜ ଶତପଥୀ ଏହି ରିମେକ୍ ନେଇ ବିସ୍ତୃତ ଆଲୋଚନା କରିଛନ୍ତି । ଓଡ଼ିଆ ସିନେମା ଜଗତ ପାଇଁ ଏହା ଏକ ବିରାଟ ସଫଳତା ବୋଲି ସିନେ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି । ଏହି ଫିଲ୍ମଟି ଏକ ସାଧାରଣ ପରିବାରର ଅସାଧାରଣ କାହାଣୀ ଉପରେ ପର୍ଯ୍ୟବସିତ । ସେହିପରି ଏହି ଚଳଚ୍ଚିତ୍ର ଜରିଆରେ ସୁନାମଧନ୍ୟ ନିର୍ଦ୍ଦେଶକ ଅଶୋକ ପତିଙ୍କ କନ୍ୟା ଅନମୋଲ ପତି ନିଜର ଅଭିନୟ ଯାତ୍ରା ଆରମ୍ଭ କରିଛନ୍ତି । ଏଥିରେ କୁନା ତ୍ରିପାଠୀ, ପ୍ରୀତିରାଜ ଶତପଥୀ, ନୈନା ଦାଶ, ହର ରଥ, ଧରିତ୍ରୀ ଖଣ୍ଡୁଆଳ, ସିଦ୍ଧାର୍ଥ ତିୱାରୀ ଏବଂ ଶିଶୁ କଳାକାର ମିଭାନ୍ ପ୍ରମୁଖ ନିଖୁଣ ଅଭିନୟ କରିଛନ୍ତି । ପ୍ରୀତିରାଜ ଶତପାଥୀ ଓ ନୈନା ଦାଶଙ୍କ ପ୍ରଯୋଜିତ ଏହି ଫିଲ୍ମରେ କୁନା ତ୍ରିପାଠୀ ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ ଆନନ୍ଦ । ■



**ସାକ୍ଷାତକାର**

ଜଣେ ଅଭିନେତା ହେବାକୁ ସେ ପିଲାଟି ଦିନରୁ ସ୍ୱପ୍ନ ଦେଖିଥିଲେ । ଏହି ସ୍ୱପ୍ନକୁ ପୂରା କରିବାକୁ ସେ ଅଭିନୟ ପାଇଁ ପ୍ରାୟ ଦୁଇବର୍ଷ ତାଲିମ ନେଇଛନ୍ତି । ଅବଶ୍ୟ ଏଥିପାଇଁ ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡ଼ିଛି । ସଂଘର୍ଷକୁ ସଫଳତାରେ ପରିଣତ କରିଥିବା ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି ପୁରୀ ଜିଲ୍ଲା ଅନ୍ତର୍ଗତ କଣାସ ଗାଁର ଆର୍ଯ୍ୟ ପ୍ରଧାନ । ଏକାଧିକ ମ୍ୟୁଜିକ୍ ଭିଡିଓରେ ସେ କାମ କରିଛନ୍ତି । ଦୁଇଟି ରିଆଲିଟି ଶୋ'ରେ ଅଂଶ ଗ୍ରହଣ କରି ସାରିବା ପରେ ତାଙ୍କୁ ଏକ ମେଗା ଧାରବାହିକରେ କାମ କରିବାକୁ ସୁଯୋଗ ମିଳିଥିଲା । ଏବେ ସେ 'କିଛି ସତ କିଛି ମିଛ' ଧାରାବାହିକରେ ମୁଖ୍ୟ ଚରିତ୍ରରେ ଅଭିନୟ କରୁଛନ୍ତି । ତେବେ ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ଆର୍ଯ୍ୟଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ ।

# "ମୋ ଅଭିନୟର ଯାତ୍ରା ବେଶ୍ ସଂଘର୍ଷପୂର୍ଣ୍ଣ"



**ଆର୍ଯ୍ୟ ପ୍ରଧାନ, ଅଭିନେତା**

**ଅଭିନେତା ହେବାକୁ କାହିଁକି ମନ ବଳାଇଲେ ?**

● ପିଲାଦିନୁ ଅଭିନୟ ପ୍ରତି ଦୁର୍ବଳତା ରହିଥିଲା । ଭଲ ଅଭିନେତା ହେବା ଲକ୍ଷ୍ୟରେ ଦୁଇ ବର୍ଷ ଅଭିନୟ ପାଇଁ ତାଲିମ ନେଇଥିଲି । ମୁଁ ନିଜେ ନିଜେ ନୃତ୍ୟ ଅଭ୍ୟାସ କରେ । ତେବେ ସିଦ୍ଧାର୍ଥ ଟିଭିର 'ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂ' ସିଜନ ୩ର ଟପ୍ ଫୋର୍ ଫାଇନାଲିଷ୍ଟ ହୋଇଥିଲି । ଏହାପରେ 'ସିନେ ଷ୍ଟାର୍ କି ଖୋଜ୍'ର ଫାଇନାଲିଷ୍ଟ ଥିଲି । ସୌଭାଗ୍ୟବଶତଃ ଧାରାବାହିକରେ କାମ କରିବାକୁ ମୋତେ ଅଡିସନ୍ ଦେବାକୁ ସହଜ ହୋଇଥିଲା । ବହୁ ଦିନର ପ୍ରତୀକ୍ଷା ପରେ ଏବେ 'କିଛି ସତ କିଛି ମିଛ' ଧାରାବାହିକରେ ଆଲୋକ ଚରିତ୍ରରେ ଅଭିନୟ କରିବାକୁ ସୁଯୋଗ ମିଳିଛି ।

**ଆଲୋକ ଚରିତ୍ର ବିଷୟରେ କିଛି କୁହନ୍ତୁ ?**

● 'କିଛି ସତ କିଛି ମିଛ' ଧାରାବାହିକରେ ଦୁଇଜଣ ଝିଅ ଗାଆଁରୁ ଆସି ସହରରେ ସଂଘର୍ଷ କରୁଛନ୍ତି । ଅନ୍ୟପଟେ ଆଲୋକ ସବୁବେଳେ ବ୍ୟସ୍ତ । ସେ ବହୁତ ଶାନ୍ତ ଓ ଅନ୍ୟମନସ୍କ । ଏହି ଅଭ୍ୟାସ ଯୋଗୁଁ ତା' ଜୀବନରେ ବହୁତ କିଛି ପରିବର୍ତ୍ତନ ହୋଇଯାଉଛି । ତା' ଜୀବନକୁ ଜଣେ ସାଥି ଆସିବା ପରେ ସେ ଟିକେ ପରିବର୍ତ୍ତନ ହେଉଛି ।

**କ୍ୟାମେରା ସାମ୍ନାରେ ପ୍ରଥମେ ଭୟ କରିଥିଲେ ?**

● ପୂର୍ବରୁ ଛୋଟମୋଟ କାମ, ରିଆଲିଟି ଶୋ'ରେ କାମ କରିଥିଲି । ହେଲେ ଧାରାବାହିକରେ ମୁଖ୍ୟ ଚରିତ୍ରରେ ପ୍ରଥମେ କାମ କରିବାକୁ ଟିକେ ଡର ଲାଗିଥିଲା । ଏହି ଡର ଛାଡ଼ିବାକୁ ମୋତେ ମାସେ ଦୁଇମାସ ସମୟ ଲାଗିଥିଲା । ତେବେ କ୍ୟାମେରା ସାମ୍ନାରେ ସଂଳାପର ସାରମର୍ମକୁ ବୁଝି ଅଭିନୟ କରିବାକୁ ହୁଏ ।

**ପ୍ରଥମ ପାରିଶ୍ରମିକ କେତେ ମିଳିଥିଲା ?**

● ୨୦୨୩ ମସିହାରେ ଏକ ମ୍ୟୁଜିକ୍ ଭିଡିଓରୁ ମୋତେ ୫୦୦ ଟଙ୍କା ପାରିଶ୍ରମିକ ମିଳିଥିଲା ।

**ଅଭିନେତା ହେବାକୁ କେତେ ସଂଘର୍ଷ କରିଛନ୍ତି ?**

● ମୁଁ ଜଣେ ମଧ୍ୟବିତ୍ତ ପରିବାରର ପିଲା । ମୋର ଅଭିନୟର ଯାତ୍ରା ବେଶ୍ ସଂଘର୍ଷପୂର୍ଣ୍ଣ ରହିଛି । ଯେହେତୁ ଭୁବନେଶ୍ୱରରେ କେହି ନଥିଲେ ଅଭିନୟ କ୍ଲାସ୍‌କୁ ମୁଁ ସବୁଦିନ ଟ୍ରେନ୍‌ରେ ଆସି ଘରକୁ ଫେରେ । ସୀମିତ ଟଙ୍କାରେ ଦିନ ବିତାଏ । ଛୋଟ ହେଉ କି ବଡ଼ ଭଲ ଅଭିନୟ କରିବାକୁ ଅନେକ କାମ ବିନା ପାରିଶ୍ରମିକରେ କରିବାକୁ ପଡ଼ିଛି । ଏମିତି ବି କେବେ କେବେ ହୁଏ ମୋତେ ନେଇ କାମ କରିସାରିବା ପରେ ପାରିଶ୍ରମିକ ଦିଅନ୍ତିନି । ତଥାପି ଭଲ କଳାକାର ହେବା ଆଶାରେ ଏସବୁକୁ ହସି ହସି ସହିଯାଏ । ଏହାପରେ ଅଡିସନ୍ ଦେବାକୁ ମୋର ଚାଲିଲା ସଂଘର୍ଷ । ବହୁ ସଂଘର୍ଷ କରିବା ପରେ ମୋତେ 'କିଛି ସତ କିଛି ମିଛ' ମେଗା ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଥିଲା ।

**ଖରାଦିନେ ସୁଟିଂ କରିବାକୁ କେତେ କଷ୍ଟ ହେଉଛି ?**

● ଏବେ ଆଉଟଡୋର୍ ସୁଟିଂ ଚାଲୁଛି । ଚଟାଣ ପୂରା ତାତି ଯାଉଛି । ତେଣୁ ପାଇପ୍‌ରେ ତଳେ ପାଣି ଢାଳି ଆମେ ସୁଟିଂ କରୁଛୁ । ପ୍ରବଳ ଖରା ସାଙ୍ଗକୁ ଝାଳ ବୋହିବା କାରଣରୁ ବାରମ୍ବାର ମେକ୍‌ଅପ୍ ନେବାକୁ ପଡୁଛି ।

**ଫିଟ୍‌ର ରାଜ୍ ?**

● ଏ ଲାଇନ୍‌କୁ ଆସିବା ପୂର୍ବରୁ ଜିମ୍ ଯାଉଥିଲି । ଏବେ ସୁଟିଂରେ ବ୍ୟସ୍ତତା ଯୋଗୁଁ ଘରେ ୱାର୍କଆଉଟ୍ କରୁଛି ।

**ସୁଟିଂ ନଥିଲେ କ'ଣ କରନ୍ତି ?**

● ସୁଟିଂ ନଥିଲେ ବୁଲାବୁଲି କରିବାକୁ ଯାଏ । ଘର ଲୋକଙ୍କ ସହ କଥା ହୁଏ ।

**ଭଲ ଅଭିନେତା ହେବା ପାଇଁ ଆର୍ଯ୍ୟ କ'ଣ କରନ୍ତି ?**

● କାମକୁ ନେଇ ମୁଁ ବହୁତ ସିରିୟସ୍ । ତେଣୁ ସୁଟିଂ ସେଟ୍ ଯିବା ପୂର୍ବରୁ ମୁଁ ଫୋନ୍‌ରେ ଅଭିନୟ ସହ ଜଡ଼ିତ ଭିଡିଓ, ଫିଲ୍ମ ଦେଖେ । ଏହା ସହ ମୁଁ ବରିଷ୍ଠ କଳାକାରଙ୍କ ଅଭିନୟ ଦେଖି କିଛି ନା କିଛି ଶିଖିବାକୁ ଚେଷ୍ଟା କରେ ।

**ଆଗାମୀ ଯୋଜନା ?**

● ଇଚ୍ଛା ଅଛି ବଡ଼ ପରଦାରେ କାମ କରିବାକୁ ।

**ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ'ଣ କହିବେ ?**

● ଯଦି ଏ ଲାଇନ୍‌ରେ କାମ କରିବାର ଅଛି ତାହେଲେ ଆସନ୍ତୁ । ଟାଇମ୍‌ପାସ୍ କରିବା ଉଦ୍ଦେଶ୍ୟରେ ଆସନ୍ତୁନି । ଅଭିନୟ, ନୃତ୍ୟ ସବୁଥିରେ ପାରଙ୍ଗମ ହେବା ଆବଶ୍ୟକ । ସବୁ ପରିସ୍ଥିତିରେ ଖାପ ଖୁଆଇ ଚଳିବା ନିହାତି ଆବଶ୍ୟକ । ■

### ସନ୍‌ରାଇଜର୍ସକୁ ଜିତାଇଲେ ଅଭିଷେକ, କ୍ଲାସେନ୍ ଓ ମାଲିଙ୍ଗା

# ଚେନ୍ନାଇର ଚତୁର୍ଥ ପରାଜୟ

ହାଇଦରାବାଦ୍,୧୮।୪(ଏଜେନ୍ସି): ଅଭିଷେକ ଶର୍ମା (୨୨ବଲ୍‌ରେ ୫୯ରନ୍, ୬ଚୌକା, ୪ଛକା)ଓ ହେନ୍‌ରିକ୍ କ୍ଲାସେନ୍ (୩୯ବଲ୍‌ରେ ୫୯ରନ, ୬ଚୌକା, ୨ଛକା)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ, ଏହସାନ ମାଲିଙ୍ଗା (୨୯ରନ୍‌ରେ ୩ୱିକେଟ) ଓ ନୀତୀଶ ରେଡ୍ଡୀ (୩୧ରନ୍‌ରେ ୨ୱିକେଟ)ଙ୍କ ଉପଯୋଗୀ ବୋଲିଂ ବଳରେ ସନ୍‌ରାଇଜର୍ସ ହାଇଦରାବାଦ୍ ୧୦ରନ୍‌ରେ ସିଏସ୍‌କେ (ଚେନ୍ନାଇ ସୁପର କିଙ୍ଗ୍‌ସ)କୁ ପରାସ୍ତ କରିଛି। ଏଠାରେ ଶନିବାର ଖେଳାଯାଇଥିବା ଆଇପିଏଲ୍‌ର ୨୭ତମ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସନ୍‌ରାଇଜର୍ସ ହାଇଦରାବାଦ୍ ୯ ୱିକେଟରେ ୧୯୪ ରନ୍ କରିଥିଲା। ଜବାବରେ ସିଏସ୍‌କେ ସମାନ ୨୦ ଓଭର ଖେଳି ୮ୱିକେଟରେ ୧୮୪ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଦୁଇ ଓପନର ସଞ୍ଜୁ ସାମସନ ୭ ଓ ଋତୁରାଜ ଗାଏକ୍ୱାଡ ୧୯ରନ୍‌ରେ ଆଉଟ ହୋଇଥିଲେ। ପରେ ଆୟୂଷ ମାହତ୍ରେ ୩୦, ମାଥ୍ୟୁ ସର୍ଟ ୩୪, ସର୍ଫରାଜ ଖାନ ୨୫, ଶିବମ ଦୁବେ ୨୧ରନ୍ କରିଥିଲେ ହେଁ ଦଳର ବିଜୟ ଲାଗି ପର୍ଯ୍ୟାପ୍ତ ହୋଇ ନ ଥିଲା। ବିଜୟୀ ସନ୍‌ରାଇଜର୍ସ ପକ୍ଷରୁ ଯୁବ ଫାଷ୍ଟ ବୋଲର ଏହସାନ ମାଲିଙ୍ଗା ୩ଟି, ନୀତୀଶ କୁମାର ରେଡ୍ଡୀ ୨ଟି ୱିକେଟ ନେଇଥିଲେ। ଏହି ମ୍ୟାଚ୍ ପରେ ସନ୍‌ରାଇଜର୍ସ ୬ଷ୍ଠ ମ୍ୟାଚ୍‌ରୁ ତୃତୀୟ ବିଜୟ ସହ ପଏଣ୍ଟ ଟେବଲର ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ସିଏସ୍‌କେ ୬ଷ୍ଠ ମ୍ୟାଚ୍‌ରୁ ଚତୁର୍ଥ ପରାଜୟ ବରଣ କରିଛି।



| ଆଜିର ଆଇପିଏଲ୍ ମ୍ୟାଚ୍ | |
|---|---|
| କୋଲକାତା ବନାମ ରାଜସ୍ଥାନ | ପଞ୍ଜାବ ବନାମ ଲକ୍ଷ୍ନୌ |
| ଭେନ୍ୟୁ- କୋଲକାତା | ଭେନ୍ୟୁ- ମୁଲାନପୁର |
| ଖେଳ ଆରମ୍ଭ : ଅପରାହ୍ଣ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର | |

#### ସଂକ୍ଷିପ୍ତ ସ୍କୋର

ସନ୍‌ରାଇଜର୍ସ: ୧୯୪/୯, ୨୦ ଓଭର (ଅଭିଷେକ-୫୯, କ୍ଲାସେନ-୫୯, କାମ୍ବୋଜ-୩/୨୨, ଓଭରଟନ-୩/୩୭, ଚୌଧୁରୀ-୨/୨୧)।
ସିଏସ୍‌କେ: ୧୮୪/୮, ୨୦ ଓଭର (ସର୍ଟ-୩୪, ମାହତ୍ରେ-୩୦, ସର୍ଫରାଜ-୨୫, ସାମସନ-୭, ମାଲିଙ୍ଗା-୩/୨୯, ରେଡ୍ଡୀ-୨/୩୧)।

### ଷ୍ଟବ୍ସ-ରାହୁଲଙ୍କ ଅର୍ଦ୍ଧଶତକ, ଅକ୍ଷର-କୁଲଦୀପଙ୍କ ଚତୁର ବୋଲିଂ

# ବେଙ୍ଗାଲୁରୁ ବିପକ୍ଷରେ ଦିଲ୍ଲୀର ଦମ୍‌ଦାର୍ ବିଜୟ

ବେଙ୍ଗାଲୁରୁ,୧୮।୪(ଏଜେନ୍ସି):

ଟ୍ରିଷ୍ଟାନ ଷ୍ଟବ୍ସ, ଲୋକେଶ ରାହୁଲ ଓ ଶେଷ ଓଭରରେ ଡେଭିଡ ମିଲରଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଶନିବାର ଖେଳାଯାଇଥିବା ଆଇପିଏଲ୍‌ର ୨୬ତମ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟରେ ଘରୋଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଫିଲ୍ ସଲ୍ଟଙ୍କ ୩୮ ବଲ୍‌ରୁ ୬୩ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୭୫ ରନ୍ କରିଥିଲା। ଜବାବରେ ରାହୁଲ ୩୪ବଲ୍‌ରେ ୫୭, ଷ୍ଟବ୍ସ ୪୭ବଲ୍‌ରେ ଅପରାଜିତ ୬୦ ଓ ଶେଷ ଓଭରରେ ୨ଟିଛକା ଓ ଗୋଟିଏ ଚୌକା ସହ ଡେଭିଡ୍ ମିଲର ଅପରାଜିତ ୨୨ ରନ୍ କରିବା ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ ଗୋଟିଏ ବଲ ଓ ୬ୱିକେଟ ବାକିଥାଇ (୧୭୯/୪, ୧୯.୫ ଓଭର) ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଏହା ଫଳରେ ୫ମ ମୁକାବିଲାରୁ ତୃତୀୟ ବିଜୟ ସହ ଦିଲ୍ଲୀ ପଏଣ୍ଟ ଟେବଲର ଟପ୍-୪ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ପଏଣ୍ଟ ଟେବଲର ଦ୍ୱିତୀୟସ୍ଥାନରେ ଥିବା ଆର୍‌ସିବି ୬ଷ୍ଠ ମ୍ୟାଚ୍‌ରୁ ଦ୍ୱିତୀୟ ପରାଜୟ ବରଣ କରିଛି। ସେହିପରି ଏହି ଦଳ ଗ୍ରୀନ୍ ଜର୍ସିରେ ୧୬ତମ ମ୍ୟାଚ୍ ଖେଳି ୧୦ମ ପରାଜୟ ବରଣ କରିଛି। ଅପରାଜିତ ୬୦ରନ୍ କରିଥିବା ଟ୍ରିଷ୍ଟାନ ଷ୍ଟବ୍ସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଚଳିତ ସିଜନରେ ଆର୍‌ସିବିର ଦ୍ୱିତୀୟଥର ବ୍ୟାଟିଂ ଫେଲ୍ ମାରିବା ଫଳରେ ଘରୋଇ ଦଳ ପ୍ରତିଦ୍ୱନ୍ଦ୍ୱୀ ଦିଲ୍ଲୀ ଆଗରେ ୧୭୬ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରିବା ପରେ ଭୁବନେଶ୍ୱର କୁମାରଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୩ ଓଭରରେ ୩ୱିକେଟ ହରାଇ ୧୮ ରନ୍ କରିଥିଲା। ଟ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ମିଶି ରାହୁଲ ଇନିଂସ ସଜାଡିବାରେ ମନୋନିବେଶ କରିଥିଲେ ମଧ୍ୟ ବେଶି ସମୟ ତିଷ୍ଠି ନ ଥିଲା। ୧୧ତମ ଓଭରର ପ୍ରଥମ ବଲ୍‌ରେ କ୍ରୁନାଲ ପାଣ୍ଡ୍ୟା ୩୪ବଲ୍‌ରେ ୫୭ରନ୍ କରିଥିବା ରାହୁଲଙ୍କୁ ବିରାଟ କୋହଲିଙ୍କ ଦ୍ୱାରା କ୍ୟାଚ୍ ଆଉଟ କରାଇ ଏହି ଯୋଡି ଭାଙ୍ଗି ଦେଇଥିଲେ। ଏହା ପରେ ଷ୍ଟବ୍ସ ଅତ୍ୟନ୍ତ ଧୈର୍ଯ୍ୟର ସହ ଖେଳି ଅକ୍ଷର ପଟେଲଙ୍କ ସହ ୩୪ ବଲ୍‌ରୁ ୪୭ ରନ୍ ଉଠାଇଥିଲେ। କିନ୍ତୁ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବାରୁ ଦିଲ୍ଲୀ ଅଧିନାୟକ ଅକ୍ଷର ୧୯ ବଲ୍‌ରେ ୨୬ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିଲେ। ସେ ପଡ଼ିଆ ଛାଡିଲାବେଳକୁ ଦିଲ୍ଲୀକୁ ମ୍ୟାଚ୍ ଜିତିବା ଲାଗି ୪.୧ ଓଭରରେ ୪୨ ରନ୍ ଆବଶ୍ୟକ ହେଉଥିଲା। ମିଡଲ ଓଭରରେ ବା ୧୪ରୁ ୧୭ ଓଭର ମଧ୍ୟରେ ଆର୍‌ସିବିର ବୋଲରମାନେ ଚମତ୍କାର ବୋଲିଂ କରିବା ଫଳରେ ଦିଲ୍ଲୀ ଏହି ୪ ଓଭରରରେ ମାତ୍ର ୨୨ ରନ୍ ଉଠାଇଥିଲା। ଏହି ସମୟରେ ଦଳ କ୍ରମାଗତ ୨୪ଟି ବଲ୍‌ରେ ଗୋଟିଏ ହେଲେ ବାଉଣ୍ଡାରୀ ମାରି ପାରି ନ ଥିଲା। ଦଳକୁ ଶେଷ ୩ ଓଭରରେ ମ୍ୟାଚ୍ ଜିତିବା ଲାଗି ୩୭ରନ୍ ଆବଶ୍ୟକ ହେଉଥିଲା। ୧୮ତମ ଓଭରରେ ଭୁବନେଶ୍ୱର କୁମାର ୧୨ ଓ ୧୯ତମ ଓଭରରେ ରସିକ ସଲାମ ଦର ୧୦ ରନ୍ ଦେଇଥିଲେ। ଏହା ପରେ ଶେଷ ଓଭରରେ ମ୍ୟାଚ୍ ଜିତିବାକୁ ୧୫ ରନ୍ ଆବଶ୍ୟକ ହେଉଥିଲା। ରୋମାରିଓ ସେଫର୍ଡ ବୋଲିଂ କରିଥିବା ଶେଷ ଓଭରର ପ୍ରଥମ ଦୁଇଟି ବଲ୍‌ରେ ୨ରନ୍ ଦେଇଥିଲେ। ଏହି ସମୟରେ ବ୍ୟାଟିଂ କରୁଥିବା ଡେଭିଡ ମିଲର ତୃତୀୟ ଓ ଚତୁର୍ଥ ବଲ୍‌ରେ ଛକା ଏବଂ ୫ମ ବଲ୍‌ରେ ଚୌକା ମାରି ଦଳକୁ ୬ ୱିକେଟରେ ଦମ୍‌ଦାର ବିଜୟ ଭେଟିଦେଇଥିଲେ।



| ଆଇପିଏଲ୍ ପଏଣ୍ଟ ଟେବଲ୍ | | | | | | |
|---|---|---|---|---|---|---|
| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍ଆର୍ଆର୍ |
| ପଞ୍ଜାବ | ୫ | ୪ | ୦ | ୧ | ୯ | +୧.୦୬୭ |
| ବେଙ୍ଗାଲୁରୁ | ୬ | ୪ | ୨ | ୦ | ୮ | +୧.୧୭୧ |
| ରାଜସ୍ଥାନ | ୫ | ୪ | ୧ | ୦ | ୮ | +୦.୮୮୯ |
| ହାଇଦରାବାଦ | ୬ | ୩ | ୩ | ୦ | ୬ | +୦.୫୬୬ |
| ଦିଲ୍ଲୀ | ୫ | ୩ | ୨ | ୦ | ୬ | +୦.୩୧୦ |
| ଗୁଜରାଟ | ୫ | ୩ | ୨ | ୦ | ୬ | +୦.୦୧୮ |
| ଚେନ୍ନାଇ | ୬ | ୨ | ୪ | ୦ | ୪ | -୦.୭୮୦ |
| ଲକ୍ଷ୍ନୌ | ୫ | ୨ | ୩ | ୦ | ୪ | -୦.୮୦୪ |
| ମୁମ୍ବାଇ | ୫ | ୧ | ୪ | ୦ | ୨ | -୧.୦୭୬ |
| କୋଲକାତା | ୬ | ୦ | ୫ | ୧ | ୧ | -୧.୧୪୯ |

#### ସଂକ୍ଷିପ୍ତ ସ୍କୋର

ବେଙ୍ଗାଲୁରୁ: ୧୭୫/୮, ୨୦ ଓଭର (ସଲ୍ଟ-୬୩, ଡେଭିଡ-୨୬, କୋହଲି-୧୯, ପାଡିକଲ-୧୮, ଅକ୍ଷର-୨/୧୮, କୁଲଦୀପ-୨/୩୨, ଏନଗିଡି-୨/୩୯)।
ଦିଲ୍ଲୀ: ୧୭୯/୪, ୧୯.୫ ଓଭର (ଷ୍ଟବ୍ସ-୬୦*, ରାହୁଲ-୫୭, ଅକ୍ଷର-୨୬-ରିଟାୟର୍ଡ ହର୍ଟ, ଡେଭିଡ ମିଲର-୨୨*, ଭୁବନେଶ୍ୱର-୩/୨୬)।

## ୧୫ ବଲ୍‌ରେ ଶର୍ମାଙ୍କ ଅର୍ଦ୍ଧଶତକ

ହାଇଦରାବାଦ,୧୮।୪ (ଏଜେନ୍ସି): ସିଏସ୍‌କେ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍‌ର ଅଭିଷେକ ଶର୍ମା ମାତ୍ର ୧୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଛନ୍ତି। ପୂର୍ବରୁ ସେ ୧୬ ବଲ୍‌ରେ ଏହି ସଫଳତା ପାଇଥିଲେ। ହାଇଦରାବାଦ୍ ଇନିଂସର ୫ମ ଓଭର ବୋଲିଂ କରିଥିବା ମାଥ୍ୟୁ ସର୍ଟଙ୍କୁ ୩ଟି ଚୌକା ଓ କ୍ରମାଗତ ଛକା ମାରିବା ସହ ୨୫ ରନ୍ ଉଠାଇ ସନ୍‌ରାଇଜର୍ସ ପକ୍ଷରୁ ଆଇପିଏଲ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ କରିଥିଲେ। ୧୫ଟିବଲ୍‌ରେ ସୁନୀଲ ନାରିନ୍, ନିକୋଲସ ପୂରନ ଓ ଜେକ୍ ଫ୍ରେଜର ମ୍ୟାକ୍‌ଗ୍ରୁକ୍, ୧୪ଟି ବଲ୍‌ରେ ରାହୁଲ, କମିନ୍ସ ଓ ସେଫର୍ଡ ଅର୍ଦ୍ଧଶତକ ପୂରଣ କରିଛନ୍ତି। କିନ୍ତୁ ଯଶସ୍ୱୀ ଜୟସ୍ୱାଲ ୧୩ଟି ବଲ୍‌ରେ ୫୦ରନ୍ ପୂରଣ କରି ଦ୍ରୁତତମ ଅର୍ଦ୍ଧଶତକରେ ରେକର୍ଡ କରିଛନ୍ତି।

## ଗ୍ରୀନ୍ ଜର୍ସିରେ ଆର୍‌ସିବିର ଖରାପ ରେକର୍ଡ

ବେଙ୍ଗାଲୁରୁ,୧୮।୪(ଏଜେନ୍ସି): ଗ୍ରୀନ୍ ଜର୍ସିରେ ଆର୍‌ସିବି ୨୦୧୧ରୁ ମ୍ୟାଚ୍ ଖେଳିଆସୁଛି। କୋଚି ଟସ୍କର୍ସ ସହ ପ୍ରଥମ ମ୍ୟାଚ୍ ଖେଳି ଜିତିବା ପରେ ଆର୍‌ସିବିକୁ ଗ୍ରୀନ୍ ଜର୍ସିରେ ବିଶେଷ ସଫଳତା ମିଳିନାହିଁ। ଆଜି ଦିଲ୍ଲୀ କ୍ୟାପିଟାଲ୍ସ ସହ ଆର୍‌ସିବି ଗ୍ରୀନ୍ ଜର୍ସିରେ ୧୬ତମ ମ୍ୟାଚ୍ ଖେଳି ୬ ୱିକେଟରେ ପରାଜିତ ହୋଇଥିଲା। ଫଳରେ ଏହି ମ୍ୟାଚ୍‌କୁ ମିଶାଇ ଆର୍‌ସିବି ମାତ୍ର ୫ଟି ଜିତିଥିଲାବେଳେ ୧୦ଟିରେ ପରାଜିତ ହୋଇଥିଲା। ଅନ୍ୟ ଗୋଟିଏ ମୁକାବିଲା ବାତିଲ ହୋଇଥିଲା। ଏଣୁ ଗ୍ରୀନ୍ ଜର୍ସିରେ ଆର୍‌ସିବିର ପ୍ରଦର୍ଶନ ଉତ୍ସାହଜନକ ହୋଇପାରି ନାହିଁ।

## ପେନ୍‌ଙ୍କ ସ୍ଥାନରେ କୋଏଜି

ହାଇଦରାବାଦ୍,୧୮।୪(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ପେସ୍ ବୋଲିଂ ଅଲରାଉଣ୍ଡର ଗେରାଲ୍ଡ କୋଏଜି ସନ୍‌ରାଇଜର୍ସ ହାଇଦରାବାଦ୍ ପକ୍ଷରୁ ଚଳିତ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚ୍‌ରେ ଖେଳିବେ। ସେ ଆହତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଥିବା ଫାଷ୍ଟ ବୋଲର ଡେଭିଡ ପେନ୍‌ଙ୍କ ସ୍ଥାନରେ ସାମିଲ ହୋଇଛନ୍ତି। ଏହି ୨୫ ବର୍ଷୀୟ ଅଲରାଉଣ୍ଡର ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଟାଇଟାନ୍ସ ପକ୍ଷରୁ ୧୪ଟି ମ୍ୟାଚ୍ ଖେଳି ୧୫ଟି ୱିକେଟ ଅକ୍ତିଆର କରିଥିଲେ। ଏହା ମଧ୍ୟରେ ଦଳର ନିୟମିତ ଅଧିନାୟକ ପ୍ୟାଟ କମିନ୍ସ ଏପ୍ରିଲ ୧୭ରେ ଦଳ ସହ ଯୋଗଦେଇଛନ୍ତି ଓ ସେ ଜୟପୁରରେ ଏପ୍ରିଲ ୨୫ରେ ରାଜସ୍ଥାନ ରୟାଲ୍ସ ସହ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଖେଳିବେ ବୋଲି ଆଶା କରାଯାଉଛି।

## ସର୍ଫରାଜ ପାକିସ୍ତାନର ହେଡ୍‌କୋଚ୍

କରାଚି,୧୮।୪(ଏଜେନ୍ସି): ପୂର୍ବତନ ଅଧିନାୟକ ସର୍ଫରାଜ ଅହମ୍ମଦ୍‌ଙ୍କୁ ପାକିସ୍ତାନ ଟେଷ୍ଟ ଦଳର ହେଡ୍ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ପୂର୍ବତନ ଖେଳାଳି ଆସଦ ସଫିକ୍ ବ୍ୟାଟିଂ ଓ ଉମର ଗୁଲ୍‌ଙ୍କୁ ବୋଲିଂ କୋଚ୍ ଭାବେ ନିଯୁକ୍ତି ମିଳିଛି। ବାଂଲାଦେଶ ବିପକ୍ଷରେ ଆସନ୍ତାମାସ ପାକିସ୍ତାନ ୨ଟି ଟେଷ୍ଟ ଖେଳିବାକୁ ଯିବ। ସାନ୍ ମାସୁଦ୍ ପାକିସ୍ତାନ ଟେଷ୍ଟ ଦଳର ନେତୃତ୍ୱ ନେବେ। ଏହି ଗସ୍ତ ଲାଗି ଘୋଷିତ ପକିସ୍ତାନ ଦଳରେ ୪ଜଣ ନୂଆ ଖେଳାଳିଙ୍କୁ ସାମିଲ କରାଯାଇଛି। ଢାକାରେ ପ୍ରଥମ ଟେଷ୍ଟ ମେ' ୮ରୁ୧୨ ଓ ଦ୍ୱିତୀୟଟେଷ୍ଟ ମେ' ୧୬ରୁ ୨୦ ତାରିଖଯାଏ ଖେଳାଯିବ। କରାଚିରେ ଏପ୍ରିଲ ୨୭ରୁ ମନୋନୀତ ଖେଳାଳିଙ୍କୁ ନେଇ ଶିବିରର ଆୟୋଜନ କରାଯିବ ଓ ମେ' ୨ରେ ଦଳ ବାଂଲାଦେଶ ଅଭିମୁଖେ ଯାତ୍ରା କରିବ।

## ଦ୍ରୋଣାଚାର୍ଯ୍ୟ ବିଜେତା ନାଭାଲଙ୍କୁ ବହିଷ୍କାର

ନୂଆଦିଲ୍ଲୀ, ୧୮।୪ (ଏଜେନ୍ସି): ଭାରତୀୟ ପାରାଅଲିମ୍ପିକ୍ କମିଟି (ପିସିଆଇ) ଶନିବାର ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ ଜାଭେଲିନ କୋଚ୍ ନାଭାଲ ସିଂହଙ୍କୁ ବହିଷ୍କାର କରିଛି। ଖେଳାଳିଙ୍କୁ ଦୁର୍ବ୍ୟବହାର କରିବା ନେଇ ଅଭିଯୋଗ ଆସିବାର ଦିନକ ପରେ ପିସିଆଇ ଏହି କଠୋର ପଦକ୍ଷେପ ନେଇଛି। ଶନିବାର ପିସିଆଇ ସଭାପତି ଦେବେନ୍ଦ୍ର ଝାଝରିଆଙ୍କ ନେତୃତ୍ୱରେ ଏକ ଜରୁରୀକାଳୀନ ବୈଠକ ବସିଥିଲା। ଯେଉଁଥିରେ ନାଭାଲ ସିଂଙ୍କୁ ବହିଷ୍କାର କରିବା ନେଇ ନିଷ୍ପତ୍ତି ହୋଇଥିଲା। ପ୍ରକାଶଯୋଗ୍ୟ ଯେ ଦୁଇ ଥରର ପାରାଅଲିମ୍ପିକ୍ ପଦକ ବିଜେତା ଜାଭେଲିନ ଥ୍ରୋୟର ସୁମିତ ଆଣ୍ଟିଲ ଗତକାଲି ନାଭାଲଙ୍କ ବିରୋଧରେ ନିର୍ଯାତନା ଓ ଅପମାନଜନକ ଭାଷା ବ୍ୟବହାର ଭଳି ଗମ୍ଭୀର ଅଭିଯୋଗ ଆଣିଥିଲେ। ସୁମିତ କହିଥିଲେ ଯେ "ନାଭାଲ ମଦ୍ୟପାନ କରନ୍ତି ଏବଂ ଆମକୁ ଗାଳି ଦେବାସହ ଆମ ପରିବାରକୁ ଏଥିରେ ଟାଣନ୍ତି। ପ୍ରମାଣ ସ୍ୱରୂପ ସାଇ ନିକଟକୁ ସେ ଏହାର ଏକ ଅଡିଓ ରେକର୍ଡିଂ ପଠାଛନ୍ତି। ଯେଉଁଥିରେ ନୀରଜ, ସୁମିତ, ନବଦୀପ ଏବଂ ପାକିସ୍ତାନୀ ଜାଭେଲିନ୍ ଫିଙ୍ଗାଳି ଅର୍ଶଦ ନଦୀମଙ୍କୁ ନାଭାଲ ମୌଖିକ ଭାବରେ ଗାଳି ଦେଉଥିବା ଶୁଣାଯାଉଛି। ଆଣ୍ଟିଲ କହିଛନ୍ତି ଯେ ନାଭାଲଙ୍କ ଦ୍ୱାରା ବ୍ୟବହୃତ ଭାଷା ଅତ୍ୟନ୍ତ ଅପମାନଜନକ। କେବଳ ଖେଳାଳିମାନଙ୍କ ପ୍ରତି ନୁହେଁ ବରଂ ଆମ ପରିବାର ପ୍ରତି ମଧ୍ୟ ସେ ଖରାପ ଭାଷା ପ୍ରୟୋଗ କରିଛନ୍ତି।



## ଟି-୨୦ରେ ମନ୍ଧାନା ଟପ୍ ସ୍କୋରର



ଡର୍ବାନ୍,୧୮।୪(ଏଜେନ୍ସି): ଏଠାରେ ଶୁକ୍ରବାର ଖେଳାଯାଇଥିବା ପ୍ରଥମ ମହିଳା ଟି-୨୦ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୬ ୱିକେଟରେ ଭାରତକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଘରୋଇ ଦଳ ୧-୦ରେ ଆଗୁଆ ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟରେ ୧୫୭ ରନ୍ କରିଥିଲା। ଦଳ ପକ୍ଷରୁ ହରମନପ୍ରୀତ୍ କୌର ସର୍ବାଧିକ ୪୭, ଜେମିମା ରୋଡ୍ରିଗ୍ସେଜ୍ ୩୬ ଓ ଶେଫାଳି ବର୍ମା ୩୪ ରନ୍ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୧୯.୧ ଓଭରରେ ମାତ୍ର ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ୧୩ ରନ୍ କରିଥିବା ସ୍ମୃତି ମନ୍ଧାନା ଟି-୨୦ ଭାରତ ପକ୍ଷରୁ ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ୪,୨୪୪ ରନ୍ ସଂଗ୍ରହ କରିଛନ୍ତି। ୧୬୧ଟି ମ୍ୟାଚ୍ ଖେଳି ୩୦.୩୧ ହାରରେ ଗୋଟିଏ ଶତକ ଓ ୩୩ଟି ଅର୍ଦ୍ଧଶତକ ସହ ଏହି ସ୍କୋର କରିଛନ୍ତି। ତାଙ୍କ ପଛକୁ ପୁରୁଷ ଖେଳାଳି ରୋହିତ ଶର୍ମା ୪୨୩୧ ଓ ବିରାଟ କୋହଲି ୪୧୮୮ ରନ୍ ସଂଗ୍ରହ କରିଛନ୍ତି।

### ମେଜର ସନ୍ଦୀପ ମେମୋରିଆଲ ସୁପର୍ ସିରିଜ

## ଆଶି ଚାମ୍ପିଅନ; ସଂରଚନା ରନର୍ସଅପ୍



ଭୁବନେଶ୍ୱର, ୧୮।୪ (ସମିସ): ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ ଏକାଡେମୀରେ ଚାଲିଥିବା ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ୧୬ ବର୍ଷରୁ କମ୍ ସୁପର୍ ସିରିଜ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ବାଳିକା ସିଙ୍ଗଲ୍ସ ଫାଇନାଲରେ ଜୋର୍‌ଦାର ଲଢ଼େଇ ଦେଖିବାକୁ ମିଳିଥିଲା। ପାଞ୍ଚ ଘଣ୍ଟାର ଲଢ଼େଇରେ ଶେଷରେ ଉତ୍ତର ପ୍ରଦେଶର ଆଶି ସମଶେରୀ ୬-୭ (୫/୭), ୭-୬ (୮/୬), ୬-୪ ସେଟରେ ଓଡ଼ିଶାର ସଂରଚନା ଦାସଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ଅପରପକ୍ଷରେ ବାଳକ ବିଭାଗ ଫାଇନାଲରେ ଦୁଇ ପଶ୍ଚିମବଙ୍ଗ ଖେଳାଳି ଋଷଭ ପ୍ରସାଦ ଓ ହାଭିଶ ବଂଶଲ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଋଷଭ ୬-୩, ୬-୨ ସିଧାସଳଖ ସେଟ୍‌ରେ ବିଜୟୀ ହୋଇ ଟାଇଟଲ୍ ହାସଲ କରିଥିଲେ।

## ଆର୍ଜେଣ୍ଟିନା ସହ ସିରିଜ ଡ୍ର ରଖିଲା ଭାରତ

**ମହିଳା ହକି**

ବୁଏନସ ଆରିଏଜ, ୧୮।୪ (ଏଜେନ୍ସି): ଆର୍ଜେଣ୍ଟିନା ଗସ୍ତରେ ଯାଇଥିବା ଭାରତୀୟ ମହିଳା ହକି ଦଳ ୨-୨ରେ ସିରିଜ ଡ୍ର ରଖି ସ୍ୱଦେଶ ଫେରିଛି। ଗତକାଲି ଅନୁଷ୍ଠିତ ଅନ୍ତିମ ତଥା ୪ର୍ଥ ମ୍ୟାଚକୁ ଭାରତୀୟ ମହିଳା ହକି ଦଳ ସୁଟ୍‌ଆଉଟ୍‌ରେ ୩-୨ ଗୋଲରେ ବିଜୟୀ ହୋଇଥିଲା। ଏଥିପୂର୍ବରୁ ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଲ୍‌ସ୍କୋର କରିବାରେ ବିଫଳ ହୋଇଥିଲେ। ପୂର୍ବରୁ ସିରିଜର ପ୍ରଥମ ଦୁଇଟି ମ୍ୟାଚକୁ ଘରୋଇ ଆର୍ଜେଣ୍ଟିନା ମହିଳା ହକି ଦଳ ଯଥାକ୍ରମେ ୪-୨ ଓ ୨-୧ ଗୋଲ୍‌ରେ ବିଜୟୀ ହୋଇଥିଲା। ୨-୦ରେ ପଛୁଆ ଥିବା ଭାରତୀୟ ଦଳ ତୃତୀୟ ମ୍ୟାଚରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ନବନୀତ ଓ ନେହାଙ୍କ ଗୋଲ୍ ବଳରେ ଏହି ମ୍ୟାଚକୁ ୨-୧ରେ ବିଜୟୀ ହୋଇ ଭାରତ ସିରିଜକୁ ଉଜ୍ଜୀବିତ ରଖିଥିଲା। ଫଳରେ ସିରିଜ ବଞ୍ଚାଇବା ଲାଗି ଶେଷ ମ୍ୟାଚରେ ଭ୍ରମଣକାରୀ ଭାରତକୁ ନିଶ୍ଚିତ ବିଜୟ ଆବଶ୍ୟକ ହେଉଥିଲା।

### ଓସିଏ ଆନ୍ତଃଜିଲ୍ଲା ମହିଳା ଟି-୨୦

## ବାଲେଶ୍ୱର, ଯାଜପୁର, ସମ୍ବଲପୁର ବିଜୟୀ

ଭୁବନେଶ୍ୱର, ୧୮।୪ (ସମିସ):

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ମହିଳା ଟି-୨୦ରେ ଶନିବାର ବାଲେଶ୍ୱର, ଯାଜପୁର, ଭୁବନେଶ୍ୱର ବଡ଼ ବିଜୟ ହାସଲ କରିଛି। ବିଡ଼ାନାସୀ ଗ୍ରାଉଣ୍ଡରେ ବାଲେଶ୍ୱର ୧୨୬ ରନରେ ପାରାଦୀପକୁ ହରାଇଦେଇଛି। ୧୪ ରନରେ ୪ଟି ୱିକେଟ ନେଇ ନମିତା ସେଠୀ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେହିଭଳି ରେଭେନସା ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ା ପକ୍ଷରୁ ଧାର୍ଯ୍ୟ ୫୧ ରନର ଛୋଟିଆ ଲକ୍ଷ୍ୟକୁ ଭୁବନେଶ୍ୱର ୬ ଓଭରରେ କୌଣସି ୱିକେଟ୍ ନ ହରାଇ ହାସଲ କରିନେଇଥିଲା। ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଯାଜପୁର ୮ ୱିକେଟରେ ଢେଙ୍କାନାଳକୁ ପରାସ୍ତ କରିଛି। ଯାଜପୁରର ବିଷ୍ଣୁପ୍ରିୟା ଜେନା ମାତ୍ର ୨ ରନ ବ୍ୟୟ କରି ୪ଜଣ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକରେ ସମ୍ବଲପୁର ୫ ୱିକେଟରେ ବୌଦ୍ଧକୁ, ଝାରସୁଗୁଡ଼ା ୨୦ ରନରେ ପୁରୀକୁ, ଖୋର୍ଦ୍ଧା ୫ ୱିକେଟରେ ସୋନପୁରକୁ ହରାଇ ପଏଣ୍ଟ ହାସଲ କରିଛି। ସମ୍ବଲପୁରର ସ୍ୱସ୍ତିକା ବେହେରା (୩୦ ରନ ଓ ୨ ୱିକେଟ) ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।


ନମିତା ସେଠୀ


ସ୍ୱସ୍ତିକା ବେହେରା

## ଏସିଆନ ଜୁଡୋରେ ୧୩ ବର୍ଷ ପରେ ଭାରତକୁ ପଦକ

ନୂଆଦିଲ୍ଲୀ, ୧୮।୪ (ଏଜେନ୍ସି): ଚାଇନାରେ ଚାଲିଥିବା ଏସିଆନ ଜୁଡୋ ଚାମ୍ପିଅନସିପ୍‌ରେ ଭାରତର ତାଖେଲବାମ ଇନୁଗାନବି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ୨୭ ବର୍ଷୀୟା ତାଖେଲବାମ ମହିଳା ୭୦ କିଗ୍ରା ବିଭାଗରେ ମଙ୍ଗୋଲିଆର ଜୁଡୋକାଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଫଳରେ ୧୩ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ଏହି ସମ୍ମାନଜନକ ମହାଦେଶୀୟ ପ୍ରତିଯୋଗିତାରେ ପ୍ରଥମ ପଦକ ଜିତିବାରେ ସମର୍ଥ ହୋଇଛି। ଶେଷଥର ଲାଗି ୨୦୧୩ରେ ଅନିତା ଚାଣୁ କାଂସ୍ୟ ଜିତିଥିଲେ। ଯାହାକି ଭାରତର ଏସିଆନ ଜୁଡୋରେ ଶେଷ ପଦକ ଥିଲା।



### ଓସିଏ ୧୬ ବର୍ଷରୁ କମ୍ କ୍ରିକେଟ୍

## ଭୁବନେଶ୍ୱରକୁ ୨୯୬ ରନ୍‌ରେ ଜିତାଇଲେ ପ୍ରତୀକ୍ଷିତ-ଅନୁରାଗ

ଭୁବନେଶ୍ୱର, ୧୮।୪ (ସମିସ): ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍‌ରେ ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଭୁବନେଶ୍ୱର-ବି ୨୯୬ ରନରେ ବରଗଡ଼କୁ ପରାସ୍ତ କରିଛି। ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର-ବି ୫୦ ଓଭରରେ ୪ ୱିକେଟ ହରାଇ ୩୮୫ ରନ କରିଥିଲା। ପ୍ରତୀକ୍ଷିତ ପ୍ରଧାନ ୧୮୦ ଓ ଅନୁରାଗ ସାମନ୍ତରାୟ ୧୧୭ ରନର ଦମ୍‌ଦାର ଶତକୀୟ ଇନିଂସ ଖେଳିଥିଲେ। ଜବାବରେ ବରଗଡ଼ ୩୦.୩ ଓଭରରେ ୮୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଶାଜେଦ ଆଲମ ୫ୱିକେଟ୍ ସଫଳତା ପାଇଥିଲେ। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ କେନ୍ଦ୍ରାପଡ଼ା ୭ ୱିକେଟ୍‌ରେ ଝାରସୁଗୁଡ଼ାକୁ, ଭଦ୍ରକ ୭୨ ରନରେ ନୟାଗଡ଼କୁ, କେନ୍ଦୁଝର ୬ ୱିକେଟରେ ଜଗତସିଂପୁରକୁ ଓ କଳାହାଣ୍ଡି ୫୭ ରନରେ ପାରାଦୀପକୁ ପରାସ୍ତ କରିଥିଲା। କଳାହାଣ୍ଡିର ଶିବଦେବ ମୁଣ୍ଡ (୪ ୱିକେଟ), କେନ୍ଦୁଝରର ଓମ୍ ସେଠୀ (୪ ୱିକେଟ), ଭଦ୍ରକର ସେକ୍ କଲିମୁଦ୍ଦିନ (୪ ୱିକେଟ) ଓ କେନ୍ଦ୍ରାପଡ଼ାର ପ୍ରଜ୍ଞାନ ମିଶ୍ର (୩ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।





PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS